# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 16/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 84 | ମୂଲ୍ୟ ₹୭/-






ନେପାଳର କାଠମାଣ୍ଡୁଠାରେ ୨୬୩ତମ ସେନା ଦିବସ ଏବଂ ମହାଶିବରାତ୍ରି ପାଳନ ଅବସରରେ ନେପାଳୀ ସେନାର ଜଣେ ପାରାଟ୍ରୁପର ଆକାଶଛତା ସାହାଯ୍ୟରେ ଖସୁଛନ୍ତି।

# ଆଜି ଇଣ୍ଡିଆ ଏଆଇ ଇମ୍ପାକ୍ଟ ପ୍ରଦର୍ଶନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୨(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନ ୫ଟାରେ ଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଏକ୍ସପୋ ୨୦୨୬କୁ ଉଦ୍‌ଘାଟନ କରିବେ। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଜାତୀୟ ପ୍ରଦର୍ଶନ ଭାବେ ଉକ୍ତ ପ୍ରଦର୍ଶନୀ କାର୍ଯ୍ୟ କରିବ, ଯେଉଁଠି ସରକାରୀ ନୀତି କାଗଜପତ୍ରରେ ନ ରହି କାର୍ଯ୍ୟକାରୀ ହେବା ସହ ନୂତନ ଚିନ୍ତାଧାରା ସାରା ଦେଶରେ ଲାଗୁ ହେବ ଏବଂ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚିବ। ୭୦,୦୦୦ ବର୍ଗଫୁଟ୍‌ରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଦର୍ଶନରେ ବୈଶ୍ୱିକ ପ୍ରଯୁକ୍ତିବିଦ୍ୟା କମ୍ପାନୀ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ଭାଗନେବେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ଅନ୍ତର୍ଜାତୀୟ ସହଯୋଗୀମାନେ ଉପସ୍ଥିତ ରହିବେ। ଏକ୍ସପୋରେ ୧୩ଟି ଦେଶର ମଞ୍ଚ ରହିବ, ଯେଉଁଠି ଏଆଇ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ସହଯୋଗ ପ୍ରଦର୍ଶନ କରଯିବ। ସେହି ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଜାପାନ, ରୁଷିଆ, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲାଣ୍ଡସ୍, ସୁଇଜରଲାଣ୍ଡ, ସର୍ବିଆ, ଇଷ୍ଟୋନିଆ, ତାଜିକିସ୍ତାନ ଏବଂ ଆଫ୍ରିକା ରହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବରିଷ୍ଠ ସହଯୋଗୀ ମାକ୍ସିମ୍ ଓରେଷ୍କିନ୍ ଏକ ବୃହତ୍ ପ୍ରତିନିଧି ଦଳର ନେତୃତ୍ୱ ନେଇ ଏଆଇ ଇମ୍ପାକ୍ଟ ସମିଟ୍‌ରେ ସାମିଲ ହେବେ ବୋଲି ଜଣାପଡ଼ିଛି।

# ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

ନୂଆଦିଲ୍ଲୀ,୧୫।୨(ପି.ଟି.)

ଗତବର୍ଷ ଜୁଲାଇରେ ସ୍ୱାକ୍ଷରିତ ହୋଇଥିବା ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଆସନ୍ତା ଏପ୍ରିଲରୁ କାର୍ଯ୍ୟକାରୀ ହୋଇପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁଲାଇ ୨୪ରେ ଭାରତ ଏବଂ ବ୍ରିଟେନ୍ ବିସ୍ତୃତ ଅର୍ଥନୀତି ଓ ବାଣିଜ୍ୟ ଚୁକ୍ତିନାମା (ସିଇଟିଏ)ରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଭାରତୀୟ ରପ୍ତାନିର ୯୯ ପ୍ରତିଶତ ବ୍ରିଟେନ୍‌ରେ ବିନା ଶୁଳ୍କରେ ପ୍ରବେଶ କରିବ। ସେହିପରି ବ୍ରିଟେନରୁ ଆସିବାକୁ ଥିବା କାର୍, ହ୍ୱିସ୍କି ସମେତ ଅନ୍ୟାନ୍ୟ ସାମଗ୍ରୀ ଉପରେ ଭାରତ ଶୁଳ୍କ ହ୍ରାସ କରିବ।

ଏଥିସହିତ ଅସ୍ଥାୟୀ କର୍ମଚାରୀମାନଙ୍କୁ ଯେପରି ଉଭୟ ଦେଶରେ ସାମାଜିକ ସୁରକ୍ଷା ଶୁଳ୍କ ଦେବାକୁ ନ ପଡ଼େ, ସେଥିପାଇଁ ଭାରତ ଓ ବ୍ରିଟେନ ମଧ୍ୟରେ ଦ୍ୱିତୀୟ ଅବଦାନ ଚୁକ୍ତିନାମା (ଡିସିସି) ସ୍ୱାକ୍ଷରିତ ହୋଇଥିଲା। ଉଭୟ ଚୁକ୍ତିନାମାକୁ ଏକସଙ୍ଗେ ଲାଗୁ କରାଯିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ତେବେ କାର୍ଯ୍ୟକାରିତା ପୂର୍ବରୁ ଉକ୍ତ ଚୁକ୍ତି ଉପରେ ବ୍ରିଟେନ୍ ପାର୍ଲାମେଣ୍ଟର ଅନୁମୋଦନ ଆବଶ୍ୟକ। ଭାରତରେ କେନ୍ଦ୍ର କ୍ୟାବିନେଟ ଉକ୍ତ ଚୁକ୍ତିନାମାକୁ ଅନୁମୋଦନ କରିଛି। ଏହା ବ୍ରିଟେନ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଲାଗୁ କରାଯିବ।

# ବିର୍ଲାଙ୍କ ବିରୋଧରେ ମାର୍ଚ୍ଚ ୯ରେ ଅନାସ୍ଥା ଭୋଟ

ତାୱାଙ୍ଗ,୧୫।୨ (ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପଦବୀରୁ ହଟାଇବା ପାଇଁ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ମାର୍ଚ୍ଚ ୯ରେ ବିତର୍କ ହେବା ସହ ଭୋଟ ନିଆଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର କହିଛନ୍ତି। ସେହିଦିନଠାରୁ ପାର୍ଲାମେଣ୍ଟରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଉକ୍ତ ଅଧିବେଶନ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ, ଯେଉଁଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବ। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଭଳି ଯଦି ବିରୋଧୀ ହଟ୍ଟଗୋଳ ଜାରି ରଖନ୍ତି, ତେବେ ଏହା ସେମାନଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ରିଜିଜୁ କହିଛନ୍ତି।

ମାର୍ଚ୍ଚ ୯ରେ ଲୋକ ସଭାରେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ହେବ। ପ୍ରଥମ ଦିନରେ ଏଭଳି ପ୍ରସ୍ତାବକୁ ବିଚାରକୁ ନେବାର ନିୟମ ରହିଛି। ପରେ ଏହା ଉପରେ ଭୋଟ ନିଆଯିବ ବୋଲି ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଥିବା ରିଜିଜୁ ଗଣମାଧ୍ୟମକୁ କହିଛନ୍ତି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୨୮ରୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ସହ ଆରମ୍ଭ ହୋଇ ଫେବୃଆରୀ ୧୨ରୁ ବିରତ ରହିଛି। ଫେବୃଆରୀ ୧ରେ କେନ୍ଦ୍ର ବଜେଟ ଉପସ୍ଥାପନ ହୋଇଥିଲା।

# ହାୱାଲା ର୍ୟାକେଟ୍‌ର ୮ ହଜାର ଆକାଉଣ୍ଟ ରଦ୍ଦ

ଶ୍ରୀନଗର,୧୫।୨

ଜମ୍ମୁ- କଶ୍ମୀରରେ ବେଆଇନ ଭାବେ ଅର୍ଥ କାରବାର କରିବା ସହିତ ବିଦେଶରୁ ହାୱାଲା ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରାଯିବା ଘଟଣା ଏବେ ମଧ୍ୟ ବନ୍ଦ ହୋଇନାହିଁ। ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ଏଠାକାର ଅନେକ ସ୍ଥାନୀୟ ଲୋକ ମଧ୍ୟସ୍ଥ ଜରିଆରେ ଏଭଳି କାରବାର ଚଳାଇଛନ୍ତି ବୋଲି ଜଣାପଡ଼ିବା ପରେ ପ୍ରଥମେ ଜାତୀୟ ଅନୁସନ୍ଧାନକାରୀ ଏଜେନ୍ସି(ଏନ୍ଆଇଏ) ପକ୍ଷରୁ ଚଢ଼ାଉ କରାଯାଇ ବହୁ ଆକାଉଣ୍ଟ ଜବତ କରାଯାଇଥିଲା।ଏହାସତ୍ତ୍ୱେ ଏହିଧାରା ବନ୍ଦ ହୋଇନାହିଁ। ଏବେ ହାୱାଲା ମାଧ୍ୟମରେ ବହୁ ଆକାଉଣ୍ଟରେ କାରବାର ଚାଲିଥିବା ଜଣାପଡ଼ିବା ପରେ ସୁରକ୍ଷା ଏଜେନ୍ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ବଡ଼ ହାୱାଲା ର୍ୟାକେଟ୍ ଧରାଯାଇଛି। ବର୍ତ୍ତମାନ ସୁଦ୍ଧା ୮ ହଜାରରୁ ଅଧିକ ଆକାଉଣ୍ଟ ରଦ୍ଦ କରିଦିଆଯାଇଥିବା ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ କୁହାଯାଇଛି। ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟରେ ଅର୍ଥ ସଂଗ୍ରହ କରାଯାଇ ସେଗୁଡିକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲଗାଯାଉଥିବାରୁ ବ୍ୟାଙ୍କଗୁଡିକ ସହ ଉତ୍ତମ ସମନ୍ୱୟ ରଖି ଏଭଳି ଆକାଉଣ୍ଟ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସୁରକ୍ଷା ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି।

# ମେଡିକାଲ କଲେଜରେ ଛାତ୍ରଙ୍କ ଆତ୍ମହତ୍ୟା

କୋଲକାତା,୧୫।୨

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ହସ୍ପିଟାଲ ହଷ୍ଟେଲରେ ଜଣେ ୨୨ ବର୍ଷୀୟ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଶନିବାର ରାତିରେ ମିଳିଛି। ଲାବନ୍ୟ ପ୍ରତାପ ନାମକ ଉକ୍ତ ଛାତ୍ର ହେଷ୍ଟେଲ ବାଥ୍‌ରୁମ୍ ଛାତରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର ବିହାରର ପାଟନାରେ ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଭିନ୍ନ ସେମିଷ୍ଟର ପରୀକ୍ଷାରେ ଖରାପ ପ୍ରଦର୍ଶନ ପାଇଁ ଛାତ୍ର ଜଣକ ବିଚଳିତ ଥିଲେ ବୋଲି ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁ କିପରି ହେଲା, ତାହା ସ୍ପଷ୍ଟ ହେବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଘଟଣାକୁ ନେଇ ହସ୍ପିଟାଲ କ୍ୟାମ୍ପସ୍‌ରେ ଉତ୍ତେଜନା ଦେଖାଦେଇଛି।


# କଟକଣା ହଟିଲେ ସାଲିସ ପାଇଁ ଇରାନ୍ ରାଜି

ତେହରାନ୍,୧୫।୨

ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ସାଲିସ କରିବାକୁ ପ୍ରସ୍ତୁତ ରହିଛି। କିନ୍ତୁ ଏଥିପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତ ରଖିଛି। ଯଦି ଆମେରିକା କଟକଣା ହଟାଇବ ତେବେ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମକୁ ସାଲିସ କରିବା ସହିତ ଆଲୋଚନା ପାଇଁ ରାଜି ବୋଲି ରବିବାର ଉପ ବହିର୍ବ୍ୟାପାର ମନ୍ତ୍ରୀ ମାଜିଦ୍ ତାକତ୍ ରାଭାଞ୍ଚି ବିବିସିକୁ ସାକ୍ଷାତ୍‌କାର ଦେବା ଅବସରରେ କହିଛନ୍ତି। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ଆଲୋଚନା ଆଗକୁ ବଢି ନ ପାରିବାରୁ ଏଥିପାଇଁ ଉଭୟ ଦେଶ ପରସ୍ପରକୁ ଦୋଷାରୋପ କରିଥିଲେ। ସପ୍ତାହ ତଳେ ଓମାନ ମଧ୍ୟସ୍ଥତାରେ ମସ୍କାଟ୍‌ଠାରେ



ଡୋନାଲ୍ଡ ଟ୍ରମ୍ପ୍



ଆୟାତୋଲ୍ଲା ଖାମ୍‌ନେଇ

ଆଲୋଚନା ଆରମ୍ଭ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ତୁର୍କୀ କିମ୍ବା ଇଜିପ୍ଟରେ ହେବାର ସମ୍ଭାବନା ଥିଲା। କିନ୍ତୁ ମସ୍କାଟ୍ ବୈଠକ ପରେ ଇରାନ ନିଜର ଆଣବିକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କୌଣସି ପରିବର୍ତ୍ତନ ଆଣିବ ନାହିଁ ବୋଲି କହିବା ପରେ ଇରାନ ସହ ଆଉ ବୁଝାମଣା ସମ୍ଭବ ନୁହେଁ ବୋଲି ଆମେରିକା ସ୍ଥିର କରିନେଇଥିଲା। ଇରାନ ଉପରେ ଆକ୍ରମଣ ଏକମାତ୍ର ବିକଳ୍ପ ଭାବେ ନିଷ୍ପତ୍ତି ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଇରାନ ଅଭିମୁଖେ ଦ୍ୱିତୀୟ ବୃହତ ଯୁଦ୍ଧଜାହାଜ ସମେତ ଅନେକ ହଜାର ସେନା ପ୍ରେରଣ କରିଥିଲେ। ଏପରିକି ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଖାମ୍‌ନେଇଙ୍କୁ ଟାର୍ଗେଟ କରି ତାଙ୍କୁ କ୍ଷମତାଚ୍ୟୁତ କରିବା ସବୁଠୁ ଭଲ ବିକଳ୍ପ ବୋଲି କହିଥିଲେ। ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ଇରାନ ପକ୍ଷରୁ ଉପରୋକ୍ତ ବୟାନ ଜାରି କରାଯାଇଛି। କିନ୍ତୁ ଇରାନ ଉପରୁ ଆମେରିକା କଟକଣା ହଟାଇବ କି ନାହିଁ ସେ ସମ୍ପର୍କରେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଅପରପକ୍ଷେ ଏବେ ନିଷ୍ପତ୍ତି ନେବା ଦାୟିତ୍ୱ ଆମେରିକା ହାତରେ ରହିଛି ବୋଲି କହି ଇରାନ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ ଉଦ୍ୟମ କରିଛି। ଯଦି ଆମେରିକା ଇରାନ ସର୍ତ୍ତକୁ ନ ମାନେ ତେବେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହା ଏବେ ଆଲୋଚନାର ମୁଖ୍ୟ ବିଷୟ ହୋଇଛି।

# ବିଏଲ୍ଏ କବ୍‌ଜାରେ ୧୭ ପାକ୍ ସୈନ୍ୟ

କ୍ୱେଟା,୧୫।୨

ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ପାକିସ୍ତାନର ୧୭ ଜଣ ସୈନ୍ୟଙ୍କୁ ଅଟକ ରଖିଥିବା ରବିବାର ଦାବି କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣ ବେଲୁଚିସ୍ତାନର ହୋଇଥିବାରୁ ସେମାନଙ୍କୁ ଛାଡ଼ିଦିଆଯାଇଥିବାବେଳେ ଅନ୍ୟ ୭ ଜଣଙ୍କ ମୁକ୍ତି ପାଇଁ ବିଏଲ୍ଏ ବନ୍ଦୀ ବଦଳ ନିମନ୍ତେ ପାକିସ୍ତାନ ସରକାରଙ୍କୁ ଗୋଟିଏ ସପ୍ତାହ ସମୟ ଦେଇଛି। ଅପରେଶନ ହେରୋଫ୍‌ର ଏହା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବିଏଲ୍ଏ ଗଣମାଧ୍ୟମ ବିଭାଗ ହକ୍କାଲର ମୁଖପାତ୍ର ଜିୟାନ୍ଦ ବେଲୋଚ କହିଛନ୍ତି। ବିଏଲ୍ଏ ପାଖରେ ଯେଉଁ ୭ ଜଣ ସୈନ୍ୟ ଅଟକ ଅଛନ୍ତି, ସେମାନେ ପାକ୍ ସେନାର ନିୟମିତ ଶାଖା ସଦସ୍ୟ। ସାଧାରଣ ନାଗରିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବେଲୋଚ ଲୋକଙ୍କୁ ହତ୍ୟା ଘଟଣାରେ ସେମାନେ ସମ୍ପୃକ୍ତ ଥିବା ନେଇ ବେଲୋଚ ଜାତୀୟ ଅଦାଲତରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଏହାସତ୍ତ୍ୱେ ୭ ଦିନ ମଧ୍ୟରେ ବନ୍ଦୀ ବଦଳ ପାଇଁ ପ୍ରସ୍ତୁତ ଥିବା ଜଣାଇବାକୁ ବିଏଲ୍ଏ ଇସ୍‌ଲାମାବାଦକୁ କହିଛି। ଇସ୍‌ଲାମାବାଦ ଏଥିପାଇଁ ଆଗ୍ରହ ପ୍ରକାଶ କଲେ, ବେଲୋଚ ବନ୍ଦୀଙ୍କ ବଦଳରେ ସେମାନଙ୍କୁ ଛାଡ଼ିଦିଆଯାଇପାରିବ। ସୂଚନାଯୋଗ୍ୟ, ପୂର୍ବରୁ ପାକ୍ କର୍ତ୍ତୃପକ୍ଷ ଏକ ବନ୍ଦୀ ବିନିମୟ ପ୍ରସ୍ତାବରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ତେଣୁ ସପ୍ତାହେ ମଧ୍ୟରେ ଇସ୍‌ଲାମାବାଦ ଯଦି କୌଣସି ପଦକ୍ଷେପ ନ ନିଏ, ତେବେ ଅଦାଲତ ଦ୍ୱାରା ଦଣ୍ଡିତ କରାଯିବ ବୋଲି ବିଏଲ୍ଏ ସ୍ପଷ୍ଟ କରିଦେଇଛି।

# ଅଧିକ ନିବେଶ ପାଇଁ ଘରୋଇ ସେକ୍ଟରକୁ ଆହ୍ୱାନ

ନୂଆଦିଲ୍ଲୀ,୧୫।୨(ପି.ଟି.)

## 'ବିକଶିତ ଭାରତ'କୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

କେନ୍ଦ୍ରୀୟ ବଜେଟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ସ୍ୱାକ୍ଷରିତ ହୋଇଥିବା ଅନେକ ବାଣିଜ୍ୟ ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରଶଂସା କରିବା ସହ ବିକଶିତ ଭାରତ ପାଇଁ ଏହା ମୂଳଦୁଆ ବୋଲି କହିଛନ୍ତି। ଏହି ଅବସରରେ ସେ ଘରୋଇ ସେକ୍ଟରଗୁଡ଼ିକୁ ଅଧିକ ଆଗ୍ରହ ଓ ସାହସର ସହ ପୁଞ୍ଜିନିବେଶ ପାଇଁ ଆଗେଇ ଆସିବାକୁ ନିବେଦନ କରିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେବା ଅବସରରେ ପ୍ରଧାନମନ୍ତ୍ରୀ ପୂର୍ବର ଉପା ସରକାରଙ୍କୁ ସମାଲୋଚନା କରିଛନ୍ତି। ସ୍ଥାୟୀ ବାଣିଜ୍ୟ ଚୁକ୍ତିନାମା କରିବାରେ ଉପା ସରକାର ବିଫଳ ହୋଇଥିଲା ବୋଲି ସେ କହିଛନ୍ତି। ବିକଶିତ ଭାରତରେ



ନରେନ୍ଦ୍ର ମୋଦି

ମହିଳାମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି। ରାଜନୈତିକ ସ୍ଥିରତା ଏବଂ ପୂର୍ବାନୁମାନ ଭାରତରେ ନିବେଶକମାନଙ୍କ ଆତ୍ମବିଶ୍ୱାସକୁ ପୁନଃସ୍ଥାପିତ କରିଛି। ୩୮ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ବୁଝାମଣା କରିବାରେ ସୁଦୃଢ଼ ଉତ୍ପାଦନ ଏବଂ ସେବା କ୍ଷେତ୍ର ତଥା ଏମ୍ଏସ୍ଏମ୍ଇ ସହାୟକ ହୋଇଛି। ଆଗାମୀ ୩ ଦଶନ୍ଧି ପାଇଁ ପ୍ରଧାନମନ୍ତ୍ରୀ ଅଧିକ ଗଠନମୂଳକ ସଂସ୍କାର, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଓ ସେବା କ୍ଷେତ୍ରରେ ନବସୃଜନର ସୁଦୃଢ଼ୀକରଣ ଏବଂ ଶାସନ ବ୍ୟବସ୍ଥାରେ ସରଳୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବ ସରକାର ଛାଡ଼ିଯାଇଥିବା ଅନେକ ଗଠନମୂଳକ ତ୍ରୁଟିକୁ ସୁଧାରିବାରେ ତାଙ୍କ ସରକାର ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରି ଆସିଛି, ଯାହା ସାହସିକ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଏକ ବିକଶିତ ଭାରତର ମୂଳଦୁଆ ପକାଇବାରେ ସହାୟକ ହୋଇଛି।

# ଇସ୍ରାଏଲ ଆକ୍ରମଣରେ ୧୧ ପାଲେଷ୍ଟିନୀୟ ମୃତ

ତେଲ୍ ଆଭିଭ୍,୧୫।୨


ଇସ୍ରାଏଲ ସେନା ରବିବାର ସକାଳେ ଗାଜା ଉପରେ ବୋମାମାଡ଼ କରିବାରୁ ୧୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଉତ୍ତର ଗାଜାସ୍ଥିତ ଏକ ଆଶ୍ରୟ ଶିବିର ନିକଟରେ ହମାସ୍ ଠିକଣାକୁ ଟାର୍ଗେଟ କରି ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଥିଲେ। ଦକ୍ଷିଣ ଗାଜାରେ ବୋମାମାଡ଼ ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ଗାଜାର ଯେଉଁ ଅଞ୍ଚଳ ଆଇଡିଏଫ୍ ନିୟନ୍ତ୍ରଣରେ ରହିଛି, ସେଠାରେ ହମାସ୍ ଦ୍ୱାରା ଯୁଦ୍ଧବିରତି ନିୟମ ଉଲ୍ଲଂଘନ କରାଯିବାରୁ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି ବୋଲି ଆଇଡିଏଫ୍ କହିଛି।

# ରହମାନଙ୍କ ଶପଥ ଉତ୍ସବରେ ଯୋଗ ଦେବେନି ମୋଦି

ନୂଆଦିଲ୍ଲୀ,୧୫।୨

## ପ୍ରତିନିଧିତ୍ୱ କରିବେ ବାଚସ୍ପତି ଓମ୍ ବିର୍ଲା, ବିକ୍ରମ ମିଶ୍ରି

ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ବିପୁଳ ବିଜୟ ହାସଲ କରିବା ପରେ ଦଳୀୟ ଅଧ୍ୟକ୍ଷ ତାରିକ୍ ରହମାନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଆସନ୍ତା ୧୭ ତାରିଖରେ ଏକ ଭବ୍ୟ ଉତ୍ସବରେ ରହମାନ ଶପଥ ନେବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ବେଳେ ଏଥିରେ ଭାରତ, ପାକିସ୍ତାନ, ନେପାଳ,ଚାଇନା, ଶ୍ରୀଲଙ୍କା ସମେତ ୧୩ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେବେ। ଏହି ଉତ୍ସବରେ ଯୋଗଦେବାକୁ ବାଂଲାଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରିତ କରାଯାଇଥିଲେ ହେଁ ଏଥିରେ ମୋଦି ଯୋଗ ଦେବେନାହିଁ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ରବିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।




ଓମ୍ ବିର୍ଲା


ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ ଭାରତ ଗସ୍ତରେ ଆସି ୧୭ ତାରିଖରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇସାରିଥିବାରୁ ମୋଦି ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମ୍ଭବ ନୁହେଁ ବୋଲି କୁହାଯାଇଛି।

# ଆଣବିକ ରିଆକ୍ଟର ପ୍ରସ୍ତୁତ କଲେ ୧୨ ବର୍ଷୀୟ ଛାତ୍ର

ଟେକ୍ସାସ୍,୧୫।୨

ଆମେରିକାର ଟେକ୍ସାସ୍ ରାଜ୍ୟସ୍ଥିତ ଡଲାସ୍ ସହରର ଜଣେ ୧୨ ବର୍ଷର ଛାତ୍ର ଯାହା କରିଛନ୍ତି ତାହା ବୈଜ୍ଞାନିକ ଏବଂ ଗବେଷକ ମହଲକୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଛାତ୍ର ଜଣକ ନିଜ ଖେଳିବା ଘରେ ଏକ ଆଣବିକ ରିଆକ୍ଟର ପ୍ରସ୍ତୁତ କରିଛନ୍ତି ,ଯାହାକି ପଦାର୍ଥ ବିଜ୍ଞାନରେ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇନାହିଁ। ୭ମ ଗ୍ରେଡ୍‌ରେ ପାଠ ପଢୁଥିବା ଏଡେନ୍ ମ୍ୟାକ୍ ମିଲାନ୍ ନାମକ ଏହି ଛାତ୍ର ଜଣକ ୮ ବର୍ଷ ବୟସରୁ ନ୍ୟୁକ୍ଲିୟର ଫିଜିକ୍ସ ବିଷୟରେ ପଢିବା ଆରମ୍ଭ କରିବା ସହିତ ପରେ ପରେ ପରମାଣୁ ସଂଯୋଗ ବା ମିଶ୍ରଣ( ଫ୍ୟୁଜନ୍)କୁ ନେଇ ପଢ଼ିବା ଆରମ୍ଭ କରିଥିଲେ। ପ୍ରାୟ ୪ ବର୍ଷ ଧରି ସେ ଏ ସମ୍ପର୍କରେ ଘରେ ଗବେଷଣା କରି ନ୍ୟୁକ୍ଲିୟର ଫ୍ୟୁଜନ୍‌ରୁ କିଭଳି ଶକ୍ତି ଉତ୍ପନ୍ନ ହୁଏ ସେ ସମ୍ପର୍କରେ ଉଦ୍ୟମ କରି ରିଆକ୍ଟର ପ୍ରସ୍ତୁତ କରିବାକୁ ଲାଗିପଡ଼ିଥିଲେ। ନ୍ୟୁକ୍ଲିୟର ଫ୍ୟୁଜନ୍ ପ୍ରକ୍ରିୟାରେ ଦୁଇଟି ହାଲୁକା ପରମାଣୁ ନାଭିର ମିଶ୍ରଣ ଘଟି ଏକ ବଡ଼ ନାଭିକେନ୍ଦ୍ର ସୃଷ୍ଟି ହେବା ସହିତ ପ୍ରଚୁର ପରିମାଣରେ ଶକ୍ତି ଉତ୍ପନ୍ନ ହୋଇଥାଏ। ତେବେ ଏହି ଛାତ୍ର ଜଣକ ଘରେ ରିଆକ୍ଟର ପ୍ରସ୍ତୁତ କରିବାକୁ ମଧ୍ୟ ସମର୍ଥ ହୋଇଛନ୍ତି। ଏଡେନ୍ ଏଭଳି ଏକ ଗମ୍ଭୀର ବିଷୟରେ





ଏଡେନ୍ ମ୍ୟାକ୍ ମିଲାନ୍

## ରୁମ୍‌ରେ ୪ ବର୍ଷର ଗବେଷଣା ପରେ ସଫଳତା

ଘରେ ଗବେଷଣା କରି ସରଞ୍ଜାମ ପ୍ରସ୍ତୁତ କରିବା ସମୟରେ ତାଙ୍କ ପରିବାର ଲୋକ ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ସେ ସୁରକ୍ଷା ପ୍ରୋଟେକଲ୍‌କୁ ନେଇ ତାଙ୍କ ମାଆଙ୍କୁ ଏଭଳି ବୁଝାଇପାରିଥିଲେ ଯେ, ତାହା ମାଆଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏଡେନ୍‌ଙ୍କ ଏହି କୃତିତ୍ୱକୁ ନେଇ ଆମେରିକାର ବିଭିନ୍ନ ମହଲରେ ବିସ୍ମୟ ପ୍ରକାଶ ପାଇଥିଲା ବେଳେ ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି ବୋଲି କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୬/୨୦୨୬ | Bhubaneswar, Monday, February 16/2026 | ପୃଷ୍ଠା-୧



## ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ

ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର।

୧୨

୦୨

## ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ

ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍‌ଙ୍କୁ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି।





ଉତ୍ତରାଖଣ୍ଡ ଡେରାଡୁନ୍‌ଠାରେ ରବିବାର ଶିବରାତ୍ରି ଉପଲକ୍ଷେ କଳାକାରମାନେ ଅଗ୍ନି କୌଶଳ ପ୍ରଦର୍ଶନ କରୁଛନ୍ତି।

## ସଅଳ ଉଠିଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

**ପୁରୁଣା ଭୁବନେଶ୍ୱର,୧୫।୨ (ସୁବାସ ଚନ୍ଦ୍ର ପ୍ରଧାନ)**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରା ରବିବାର ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟ ୧ ଘଣ୍ଟା ୧୯ ମିନିଟ୍ ପୂର୍ବରୁ ମନ୍ଦିର ଉପରକୁ ମହାଦୀପ ଉଠିଛି। ମନ୍ଦିର ପ୍ରଶାସନର ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର୍ ୩ଟାରୁ ଦ୍ୱାର ଫିଟାଯାଇ ମଙ୍ଗଳଆଳତି, ଅବକାଶ ଆଦି ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ସାହାଣମେଳା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ବାଟେ ମନ୍ଦିର ଭିତରକୁ ପ୍ରବେଶ କରି ଆଡ଼କାଠରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରୁ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳି ଶିବ ଆରାଧନା କରିଥିଲେ। ରାତି ୧୦ଟାରେ ମହାଦୀପ ଉଠିବା ନେଇ ପୂର୍ବରୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ରାତି ୮ଟା ୩୫ରେ ବେଢ଼ା ପରିକ୍ରମା, ୮ଟା ୪୦ରେ କଳସ ପରିକ୍ରମା ପରେ ୮ଟା ୪୧ରେ ମହାଦୀପ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଏକାମ୍ରକ୍ଷେତ୍ର।

# ପ୍ରାତଃ ଭ୍ରମଣ ବେଳେ ଟଳିପଡ଼ିଲେ ଛାତ୍ର

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

**ଖଲ୍ଲିକୋଟ,୧୫।୨ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଦଶମ ଶ୍ରେଣୀ ଛାତ୍ର ରବିବାର ସକାଳୁ ମର୍ନିଂ ୱାକ୍‌ରେ ଯାଇ ଫେରୁଥିବା ବେଳେ ତାଙ୍କର ରାସ୍ତାରେ ମୃତ୍ୟୁ ଘଟିଛି। ଛାତ୍ର ଜଣକ ହେଲେ ବାଗଲପୁରର ସନ୍ତୋଷ ପ୍ରଧାନଙ୍କ ପୁଅ ମିହିର ପ୍ରଧାନ। ସେ ଶ୍ରୀଅରବିନ୍ଦ ଶିକ୍ଷା କେନ୍ଦ୍ରରେ ହଷ୍ଟେଲରେ ରହି ପଢୁଥିଲେ। ଆଉ ୩ ଦିନ ପରେ ମାଟ୍ରିକ ପରୀକ୍ଷା ଦେଇଥାନ୍ତେ।

ଖବରରୁ ଜଣାପଡ଼ିଛି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଛାତ୍ରମାନେ ପ୍ରତି ଛୁଟିଦିନଗୁଡ଼ିକରେ ସକାଳୁ ମର୍ନିଂ ୱାକ୍‌ରେ ଯାଇଥାନ୍ତି। ରବିବାର ହଷ୍ଟେଲରେ ରହୁଥିବା ୮୪ ଜଣ ଛାତ୍ରୀଛାତ୍ର ମର୍ନିଂ ୱାକ୍ ପାଇଁ ଯାଇଥିଲେ। ସେମାନଙ୍କ ସହ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଶାରିରୀକ ଶିକ୍ଷା ଶିକ୍ଷକ ଯାଇଥିଲେ। ଫେରୁଥିବା ବେଳେ ହଠାତ୍ ମିହିର ତଳେ ପଡ଼ି ଯାଇଥିଲେ। ସାଙ୍ଗରେ ଯାଇଥିବା ଶିକ୍ଷକ ଯେତେ ଡାକିଲେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ। ତୁରନ୍ତ ଏକ ଅଟୋ ଯୋଗେ ତାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ମିହିରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଗଲପୁରରୁ ବାପା ସନ୍ତୋଷ ପ୍ରଧାନ ଓ ପରିବାରବର୍ଗ ପହଞ୍ଚିବା ପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପାଖି ବିଦେଶୀ

# ତରଳୁଛି ହିମବାହ, ବିଶ୍ୱକୁ ବିପଦ

## ପ୍ରଭାବିତ ହେବ ହିମାଳୟ କ୍ଷେତ୍ର

ବିଶ୍ୱବ୍ୟାପୀ ଦ୍ରୁତ ସହରୀକରଣ ଓ ଶିଳ୍ପାୟନର ପ୍ରତ୍ୟକ୍ଷ ପ୍ରଭାବ ଜଳବାୟୁ ପରିବର୍ତ୍ତନ ଉପରେ ପଡ଼ୁଛି। ଏହି କ୍ରମେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ୩,୦୦୦ରୁ ଉର୍ଦ୍ଧ୍ୱ ହିମବାହ ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଥିବାରୁ ଏହା ଆଗାମୀ ଦିନରେ ପୃଥିବୀ ପାଇଁ ବିପଦ ସାଜିପାରେ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶେଷକରି ଆର୍କଟିକ୍, ହାଇ ମାଉଣ୍ଟେନ୍ ଏସିଆ, ଆଣ୍ଡେସ୍ ଏବଂ କାରାକୋରମ୍ କ୍ଷେତ୍ର ଅତିମାତ୍ରାରେ ହିମବାହ ତରଳୁଥିବାରୁ ଏହିସବୁ ଅଞ୍ଚଳରେ ସର୍ବାଧିକ ପ୍ରଭାବ ଅନୁଭୂତ ହେବ। ବରଫ ତରଳି ଜଙ୍ଗଲ, ଜମି ଓ ଜନବସତିକୁ ଜଳ ପ୍ଲାବିତ କରିବା ସହ ଅନେକ ଲକ୍ଷ ଲୋକ ବାସହରା ହୋଇଯିବେ ବୋଲି 'ନେଚର ରିଭ୍ୟୁଜ୍ ଆର୍ଥ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ' ଜର୍ନାଲରେ ପ୍ରକାଶିତ ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ସିକିମ୍ ପ୍ରତି ତରଳମାନ ହିମବାହ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଉକ୍ତ ରିପୋର୍ଟରେ ଅଧିକ ସତର୍କତା ପାଇଁ ପରାମର୍ଶ ଦିଆଯାଇଛି।



**ଲଣ୍ଡନ୍/ ନୂଆଦିଲ୍ଲୀ, ୧୫।୨(ଏଜେନ୍ସି)**

ସାରା ବିଶ୍ୱରେ ପ୍ରାୟ ୩,୧୦୦ ହିମବାହ ଦ୍ରୁତଗତିରେ ତରଳୁଛି, ଯାହାକି ଅତ୍ୟନ୍ତ ବିରଳ ଘଟଣା। ବିଶ୍ୱରେ ଥିବା ମୋଟ ହିମବାହର ଏହା ମାତ୍ର ୧% ହୋଇଥିଲେ ମଧ୍ୟ ସେସବୁ ତରଳିବା ଯୋଗୁ ଏକ-ପଞ୍ଚମାଂଶ (୧୬-୨୦%) ହିମବାହ ଅଞ୍ଚଳ ଜଳମଗ୍ନ ହୋଇ ବିପର୍ଯ୍ୟୟର କାରଣ ସାଜିବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। ଲଣ୍ଡନ୍‌ସ୍ଥିତ ପୋର୍ଟ୍ସମାଉଥ୍ ୟୁନିଭର୍ସିଟିର ଗବେଷକମାନେ ଦ୍ରୁତଗତିରେ ତରଳୁଥିବା ହିମବାହ ଉପରେ ଏକ ଅଧ୍ୟୟନ ଚଳାଇଥିଲେ। ଏପରି କି ହିମବାହ କାହିଁକି ସ୍ୱାଭାବିକଠାରୁ ଅଧିକ ମାତ୍ରାରେ ତରଳୁଛି ଏବଂ ପୃଥିବୀ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ମଧ୍ୟ ପରୀକ୍ଷାନିରୀକ୍ଷା କରିଥିଲେ। ହିମବାହର ଗତି ଓ ବୈଶିଷ୍ଟ୍ୟ ଉପରେ ସେମାନେ ବିଶ୍ଳେଷଣ କରି ଅନେକ ନୂଆ ତଥ୍ୟ ଜାଣିବାକୁ ପାଇଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରାରେ ନାଟକୀୟ ପରିବର୍ତ୍ତନ ହେବାରେ ଲାଗିଛି। ଗବେଷଣାରେ ସାମିଲ ଥିବା ବିଶ୍ୱବିଦ୍ୟାଳୟର ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ସାଇନ୍ସ ସ୍କୁଲ ବରିଷ୍ଠ ଅଧ୍ୟାପକ ତଥା ହିମବାହ ବିଜ୍ଞାନୀ ଡ. ହାରୋଲ୍ଡ ଲଭେଲ୍ କହିଛନ୍ତି, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱର ତାପମାତ୍ରା ବଢୁଛି। ଏହାର ପ୍ରଭାବରେ ହିମବାହଗୁଡ଼ିକ ଯେପରି ଅସ୍ୱାଭାବିକ ଭାବେ ତରଳିବାରେ ଲାଗିଛି, ତାହା ବିପଦ ଆଣିଦେଇପାରେ। ହିମବାହଗୁଡ଼ିକ ନ ତରଳି ବରଫ ଅବସ୍ଥାରେ ଥିଲେ ତାହା ବ୍ୟାଙ୍କ ଆକାଉଣ୍ଟ ସଦୃଶ। କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଦିନେ ସେଗୁଡ଼ିକ 'ବ୍ଲାକ୍ ଫ୍ରାଇଡେ' ଇଭେଣ୍ଟରେ ପରିଣତ ହେବା ଆଶଙ୍କା ଉପୁଜିଛି। ବିଶ୍ୱରେ ଥିବା ସମସ୍ତ ହିମବାହର ☞ପୃଷ୍ଠା-୨

# ପାକିସ୍ତାନକୁ ହରାଇ ସୁପର-୮ରେ ଭାରତ

## ଟି୨୦ ବିଶ୍ୱକପ

**କଲମ୍ବୋ, ୧୫।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ରବିବାର ଅନୁଷ୍ଠିତ ବହୁ ଚର୍ଚ୍ଚିତ ମ୍ୟାଚରେ ଭାରତ ୬୧ ରନରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଛି। ଫଳରେ ଭାରତୀୟ ଦଳ ଗ୍ରୁପ୍ 'ଏ'ରୁ ସୁପର-୮ରେ ପ୍ରବେଶ କରିଛି। ଇଶାନ କିଶନଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ପାକିସ୍ତାନ ୧୮ ଓଭରରେ ୧୧୪ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଏଥିସହ ଟି୨୦ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ରେକର୍ଡ ୮-୧ରେ ପହଞ୍ଚିଛି।

୧୭୬ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ପାକିସ୍ତାନକୁ ଭାରତର ଦୁଇ ପେସର ହାର୍ଦ୍ଦିକ ପାଣ୍ଡ୍ୟା ଓ ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଦୁଇ ଓଭରରେ ହିଁ ପରାଜୟ ବାସ୍ନା ଦେଇଥିଲେ। ହାର୍ଦ୍ଦିକ ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଶାହିବଜାଦା ଫରହାନ (୦)ଙ୍କୁ ଏବଂ ବୁମ୍‌ରା ଦ୍ୱିତୀୟ ଓଭରର ୨ୟ ଓ ୬ଷ୍ଠ ବଲ୍‌ରେ ଯଥାକ୍ରମେ ସଇମ ଆୟୁବ (୬) ଓ ଅଧିନାୟକ ସଲମାନ ଆଘା (୪)ଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ୧୩ ରନ ମଧ୍ୟରେ ପାକିସ୍ତାନର ଏହି ୩ ଉଇକେଟ ପଡ଼ି ଯାଇଥିଲା। ୫ମ ଓଭରରେ ଅଭିଜ୍ଞ ଖେଳାଳି ବାବର ଆଜମ (୫)ଙ୍କୁ ଅକ୍ଷର ପଟେଲ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଉସମାନ ଖାଁ ୩୪ ବଲ୍‌ରୁ ୪୪ ରନକରି କିଛି ସମୟ ପାକିସ୍ତାନୀ ସମର୍ଥକଙ୍କୁ ରୋମାଞ୍ଚିତ କରିଥିଲେ ହେଁ ତାହା ମ୍ୟାଚ ଜିତିବାକୁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଳଦୀପ ଯାଦବ ନିଜ ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ମହମ୍ମଦ ନୱାଜ ☞ପୃଷ୍ଠା-୨

# ଓସ୍ୱାସରେ ଯୋଡ଼ିହେବେ ୭୦ହଜାର କର୍ମଚାରୀ

## ତୃଣମୂଳସ୍ତରରେ ପହଞ୍ଚିବ ସ୍ୱୟଂକ୍ରିୟ ବ୍ୟବସ୍ଥା

ରାଜ୍ୟ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଗତିଶୀଳ ଏବଂ ସ୍ୱଚ୍ଛତା କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ, ନିର୍ଦ୍ଦେଶାଳୟ ଏବଂ ଜିଲା ମୁଖ୍ୟାଳୟରେ ବୈଷୟିକ ଜ୍ଞାନକୌଶଳ ଓ ଡିଜିଟାଲ ମାଧ୍ୟମରେ ସରକାରୀ କାର୍ଯ୍ୟକୁ ସ୍ୱୟଂକ୍ରିୟ ବ୍ୟବସ୍ଥା ସହ ଯୋଡ଼ିବାକୁ ଓସ୍ୱାସ(ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ) କାର୍ଯ୍ୟକାରୀ କରାଯାଉଛି। ଏହି ପେପରଲେସ୍(କାଗଜ ବିହୀନ) ବ୍ୟବସ୍ଥାରେ ସମ୍ପ୍ରତି ୧୮ହଜାରରୁ ଉର୍ଦ୍ଧ୍ୱ ବ୍ୟବହାରକାରୀ ଏବଂ ୬୨୫ରୁ ଅଧିକ କାର୍ଯ୍ୟାଳୟ ରହିଛି। ଏହାକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରାଇବାକୁ ସରକାର ଚିନ୍ତା କରିଛନ୍ତି। ଏବେ ଏହାକୁ ତହସିଲ୍ ଏବଂ ବ୍ଲକ କାର୍ଯ୍ୟାଳୟ ସହ ଯୋଡ଼ି ତୃଣମୂଳସ୍ତରରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୭୦ହଜାର କର୍ମଚାରୀ ଏବଂ ଅଧିକାରୀଙ୍କୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ସାଧାରଣ ଲୋକେ ପାଇପାରିବେ ଓ ଅଧିକାରୀମାନଙ୍କ ମଧ୍ୟରେ ତତ୍ପରତା ଏବଂ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବା ଆଶା କରାଯାଉଛି।

**ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)**

ରାଜ୍ୟରେ ସରକାରୀ କାର୍ଯ୍ୟ ତଥା ପ୍ରଶାସନକୁ ଅଧିକ ଗତିଶୀଳ କରିବାପାଇଁ ଆଗାମୀ ଦିନରେ ତୃଣମୂଳସ୍ତରରେ ତଥା ସବୁ ବ୍ଲକ ଓ ତହସିଲରେ 'ଓସ୍ୱାସ୍' କାର୍ଯ୍ୟାନ୍ୱୟନ ହେବ। ଏହି କାର୍ଯ୍ୟକୁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି(ଇଆଣ୍ଡଆଇଟି)ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଫେବୃଆରୀ ୧୦ରେ ମୁଖ୍ୟଶାସନ ସଚିବଙ୍କ ବିବରଣୀକୁ ନେଇ ଦର୍ଶାଇଛନ୍ତି, ସଚିବସ୍ତରୀୟ ବୈଠକରେ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଏହାକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୩୧ ସୁଦ୍ଧା ଯେପରି ସବୁ ତହସିଲ ଓ ବ୍ଲକରେ 'ଓସ୍ୱାସ୍' କାର୍ଯ୍ୟକାରୀ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ ବୋଲି 'ଇଆଣ୍ଡଆଇଟି' ବିଭାଗକୁ କହିଛନ୍ତି।

ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଗାମୀ ଦିନରେ ସବୁ ସରକାରୀ କର୍ମଚାରୀ ଗୋଟିଏ ଛାତ ତଳକୁ ଆସିବେ। ମାର୍ଚ୍ଚ ୩୧ ସୁଦ୍ଧା 'ଓସ୍ୱାସ୍-୩.୦'ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଫଳରେ ସରକାରୀ କାର୍ଯ୍ୟ କାଗଜବିହୀନ ହେବା ସହିତ ୭୦ହଜାର କର୍ମଚାରୀ ଗୋଟିଏ ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇପାରିବେ, ଯାହାକି ସାଧାରଣ ଲୋକଙ୍କୁ ତ୍ୱରିତ ସରକାରୀ ସେବା ପ୍ରଦାନରେ ସହାୟକ ହୋଇପାରିବ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ସରକାରୀସ୍ତରରେ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରହିଛି। ଏହାଦ୍ୱାରା ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମ୍ୟୁଜିକ୍ ଲିଜେଣ୍ଡ ପ୍ରଫୁଲ୍ଲ କର ସଂସ୍କାର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'କମଳ ଦେଶ ରାଜ କୁମାର', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୫।

## ଖୋର୍ଦ୍ଧା

- ଜାଗରଯାତ୍ରା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ସାଲତରା, ସମୟ: ସକାଳ ୬ଟା।
- ଜାଗରଯାତ୍ରା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ପୁଇଁଚା, ସମୟ: ସକାଳ ୭ଟା।
- ଜାଗର ମହୋତ୍ସବ, ସ୍ଥାନ: ବଡ଼ପଦର, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀପାଲା, ସ୍ଥାନ: ଲୋକେଶ୍ୱର ଦେବ ମନ୍ଦିର, ସୁଆଁଳ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜଲେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଗରସଙ୍ଗ, ଖଇରା, ସମୟ:ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ:ବାଲିଖଣ୍ଡ,ସମୟ:ପୂର୍ବାହ୍ନ ୧୧ଟା।
- କଇଁଗଡ଼ିଆ-ଗରସଙ୍ଗ ଭାୟା ଜଳଙ୍ଗ ବଉଳାଣୀ ରାସ୍ତାର ଶିଳାନ୍ୟାସ,ସ୍ଥାନ:ଜଳଙ୍ଗ, ଖଇରା,ସମୟ:ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ରାଉତପଡ଼ା ବାବା ବାଳକେଶ୍ୱର ନାଥ ଶୈବପୀଠ, ରୂପ୍‌ସା,ସମୟ:ରାତି ୯ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୁକୁଡ଼ା ଫାର୍ମ ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ନଳାଙ୍ଗ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଖେରଙ୍ଗ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ଶିବ ବିବାହ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ଶିବ ଛକ, ବଡ଼ବିଲଠାରୁ ବିକାଶ ମହଲ, ସମୟ: ସକାଳ ୮ ଟା ୩୦।
- ଆନନ୍ଦପୁର ମହାବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ

- ଇାବା କଖାରୁଆ ବୈଦ୍ୟନାଥଙ୍କ ସୁନାବେଶ ଦର୍ଶନ,ସ୍ଥାନ:ମାଣତ୍ରୀ ଶୈବପୀଠ, ବଡ଼ସାହି,ସମୟ: ପ୍ରାତଃ ୫ଟା।
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା,ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କନିଷି, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଚୌଧୁରୀ ଟିକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଅର୍ଥନୀତି ବିଭାଗର ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ , ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ମହିଳା ସମାବେଶ, ସ୍ଥାନ: କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଏନସି ହାଇସ୍କୁଲର ପ୍ଲାଟିନମ ଜୁବିଲି ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବ୍ୟାସନଗର ଏନସି ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୪ର୍ଥ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଜାମାଲାଗି ବେଶର ୨୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ:ଖଣ୍ଡପଡା ବ୍ଲକ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦.୩୦ ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୬ଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧମ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, ସମୟ: ଅପରାହ୍ନ ୧ଟା ।
- ଜାଗର ଯାତ୍ରା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ବାଙ୍କନାଥ ମହାଦେବ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ୨ୟ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ:ସନ୍ଧ୍ୟା ୬ଟା ।
- ଜାଗର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଥୁବା ପଞ୍ଚାୟତ କାର୍ଯ୍ୟଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୀ ପଞ୍ଚାୟତ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମଞ୍ଚ କଳାକାରଙ୍କ ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱପ୍ନେଶ୍ୱର ବାବାଙ୍କ ସ୍ୱତନ୍ତ୍ର ଶୃଙ୍ଗାର, ସ୍ଥାନ : ଗୋବିନ୍ଦତୋଲା, ସମୟ : ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଶ୍ରୀକଣ୍ଠେଶ୍ୱର ବାବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶିବରାତ୍ରୀ ଉପଲକ୍ଷେ ନଗର କିର୍ତ୍ତନ ଓ ବୈଠକୀ କାର୍ଯ୍ୟକ୍ରମ, ସ୍ଥାନ : କୁଲୁଥକାନୀ ସ୍ଥିର ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ଆର୍ଯ୍ୟଭଟ୍ଟ ଟ୍ୟାଲେଣ୍ଟ ସର୍ଚ୍ଚ ଟେଷ୍ଟ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୮ଟା।
- ଜାଗର ମେଳା, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଡ୍ୟାନ୍ସ ବ୍ୟାଟେଲ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୬ଟା।
- ଜିଲା ପ୍ରଦର୍ଶନୀ, ସ୍ଥାନ: ବେଦବ୍ୟାସ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମହାଶିବରାତ୍ରି ମହୋତ୍ସବ,ସ୍ଥାନ:ଧବଳେଶ୍ୱର ମନ୍ଦିର, ଭୁତିବାହାଲ, ଗାଇସିଲେଟ,ସମୟ:ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସୋହେଲା,ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ଠିକାଦାର ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ସାଇକ୍ରିଷ୍ଣା ପେଲେସ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଓ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଜୁନାଗଡ଼ ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଦ୍ୱିଦିବସୀୟ ଜାତୀୟ ସେମିନାର ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣ, କରକଟା, ହରଭଙ୍ଗା, ସମୟ: ସକାଳ ୯ଟା।
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ ଚୁହିଲାମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ମା' ମଙ୍ଗଳା-ମାଉଲି କ୍ରିକେଟ କପର ଚତୁର୍ଥ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି , ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ପ୍ରାତଃ ୫ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ଦଳର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା, ସ୍ଥାନ: ପୋଲିସ ପଡ଼ିଆ କଲ୍ୟାଣ ମଣ୍ଡପ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପନ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ଅପରାହ୍ନ ୧ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ -ଖଡ଼ିଆଳ ବ୍ଲକ ଚନାବେଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଜ୍ୟାକଲିନ୍‌ଙ୍କୁ ଭାଲେଣ୍ଟାଇନ୍ସ ଡେ'ରେ ହେଲିକପ୍ଟର ଗିଫ୍ଟ



ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ନାଣ୍ଡିଜ୍ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଠକେଇ ମାମଲାରେ ଜେଲରେ ଥିବା ସୁକେଶ ଚନ୍ଦ୍ରଶେଖର ଭାଲେଣ୍ଟାଇନ୍ସ ଡେ' ଅବସରରେ ଜ୍ୟାକଲିନ୍‌ଙ୍କୁ ଏକ ବିଳାସପୂର୍ଣ୍ଣ 'ଏୟାରବସ୍ ଏଚ୍-ସିରିଜ' ହେଲିକପ୍ଟର ଉପହାର ଦେଇଥିବା ଦାବି କରିଛନ୍ତି। ସୁକେଶଙ୍କ କହିବା ଅନୁଯାୟୀ, ଏହି କଳା ରଙ୍ଗର ହେଲିକପ୍ଟରରେ ଅଭିନେତ୍ରୀଙ୍କ ନାମର ସଂକ୍ଷିପ୍ତ ରୂପ 'ଜେଏଫ୍' ଲେଖାଯାଇଛି। ଏହାର ଭିତର ଏବଂ ବାହାର ପାର୍ଶ୍ୱକୁ ଜ୍ୟାକଲିନଙ୍କ ପୂର୍ବରୁ ଥିବା ଜେଟ୍ ଏବଂ ୟଟ ସହ ମେଳ ଖାଇବା ଭଳି ଡିଜାଇନ କରାଯାଇଛି। ଜେଲରୁ ଲେଖିଥିବା ଏକ ଚିଠିରେ ସୁକେଶ ଦର୍ଶାଇଛନ୍ତି ଯେ, ଏହି ହେଲିକପ୍ଟରଟି ସେ ନିଜର କଷ୍ଟଅର୍ଜିତ ଟଙ୍କାରେ କିଣିଛନ୍ତି। ଏଥିସହ ଏଥିରେ ସେ ଉଲ୍ଲେଖ କରିଛନ୍ତି, ମୁମ୍ବାଇର ଟ୍ରାଫିକ ସମସ୍ୟାରୁ ବଞ୍ଚିବା ଏବଂ ଶୁଟିଂ ପାଇଁ ଦୂର ସ୍ଥାନକୁ ସହଜରେ ଯିବା ଲାଗି ସେ ଏହି ଉପହାର ଦେଇଛନ୍ତି। ନିଜ କାର୍ଯ୍ୟ ଯୋଗୁ ଜ୍ୟାକଲିନ ଯେଉଁ ଆଇନଗତ ସମସ୍ୟା ଓ ମାନସିକ ଚାପ ଦେଇ ଗତି କରୁଛନ୍ତି, ସେଥିନେଇ ସୁକେଶ ଚିଠିରେ କ୍ଷମା ମଧ୍ୟ ମାଗିଛନ୍ତି। ତେବେ ସୁକେଶଙ୍କ ଏହି ଦାବି ଉପରେ ଜ୍ୟାକଲିନଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଡ଼ନ୍ତା ଖଇ ଗୋବିନ୍ଦାୟ ସ୍ୱାହା।**

କେତେକ କୃପଣ ବ୍ୟକ୍ତି ନିଜ ଉପାର୍ଜିତ ଧନକୁ ଦେବଦେବୀଙ୍କ ପାଇଁ ଖର୍ଚ୍ଚ କରିବା ଲାଗି ଉଚିତ୍ ମନେ କରି ନ ଥାନ୍ତି। ନିଜ ଧନକୁ ସଞ୍ଚି ରଖିବାରେ ସେମାନେ ମହାଆନନ୍ଦ ପାଇଥାନ୍ତି। କୌଣସି କାରଣବଶତଃ ସେମାନଙ୍କ ହାତରୁ ଧନ ଚାଲିଗଲେ ସେମାନେ ବହୁତ ଦୁଃଖ ପ୍ରକାଶ କରିଥାଆନ୍ତି। ସେହି ସମୟରେ ହାତରୁ ଖସି ଯାଇଥିବା ଧନ ଗୋବିନ୍ଦ ବା ଠାକୁରଙ୍କ ଲାଗି ଖର୍ଚ୍ଚ ହୋଇଯାଇଛି ବୋଲି ମନେ କରି ନିଜକୁ ନିଜେ ପ୍ରବୋଧନା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଉଦୟ ବେଳେ ଅସ୍ତ ନାହିଁ କି ଅସ୍ତ ବେଳେ ଉଦୟ ନାହିଁ।**

ସମୟ ଓ ପରିସ୍ଥିତି କେତେବେଳେ କାହାକୁ ନେଇ କେଉଁଠି ପହଞ୍ଚାଇ ଦେଇଥାଏ ତାହା କହିହୋଇ ନ ଥାଏ। ସମୃଦ୍ଧି ବେଳେ ପତନ ଓ ପତନ ବେଳେ ସମୃଦ୍ଧିର ଅଭାବ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ତରଳୁଛି ହିମବାହ, ...

ମାତ୍ର ୧% ତରଳିଗଲେ ପୃଥିବୀରେ ଥିବା ଏକ-ପଞ୍ଚମାଂଶ ହିମବାହ ଅଞ୍ଚଳକୁ ଜଳ ପ୍ଲାବିତ ହେବ। ଏହା ବିପର୍ଯ୍ୟୟକୁ ଡାକି ଆଣିବା ସହ ଅନେକ ହଜାର ଲୋକ ପ୍ରଭାବିତ ହେବେ। ଏପରି କି ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ସମୁଦାୟ ମଧ୍ୟ ଏହାର ଦୁଷ୍ପରିଣାମ ଭୋଗିବେ। ଅନେକ ଧନଜୀବନ ହାନି ହେବା ସହ ଭିତ୍ତିଭୂମିଗୁଡ଼ିକ ମଧ୍ୟ ନଷ୍ଟ ହୋଇଯିବ ବୋଲି ଉକ୍ତ ଅଧ୍ୟୟନରେ ସେ ସତର୍କ କରାଇଛନ୍ତି।

ଗବେଷଣାରୁ ଆହୁରି ଜଣାପଡ଼ିଛି ଯେ, ଆର୍କଟିକ୍‌ରେ ୪୮.୩% ଏବଂ ହାଇ ମାଉଣ୍ଟେନ୍ ଏସିଆରେ ୫୦.୫% ହିମବାହ ତରଳୁଛି। ବିଶେଷକରି କାରାକୋରମ୍ ପାର୍ବତ୍ୟ ଅଞ୍ଚଳ ଓ ଆଣ୍ଡେସ୍‌ରେ ହିମବାହ ଅଧିକ ତରଳୁଥିବା ପରିଲକ୍ଷିତ ହୋଇଛି। ମାନବ ଜାତି ପ୍ରତି ତତ୍କାଳ ବିପଦ ସୃଷ୍ଟି କରିବାକୁ ଥିବା ତରଳମାନ ହିମବାହ ସଂଖ୍ୟା ହେଉଛି ୮୧। କେତେକ ଅଞ୍ଚଳରେ ଏହି ତରଳିବା ପ୍ରକ୍ରିୟା ସ୍ୱାଭାବିକଠାରୁ ଅଧିକ ରହିଛି। ଏଥିଯୋଗୁ ଗ୍ଲାସିଆଲ ଲେକ୍ ଆଉଟ୍‌ବର୍ଷ୍ଟ ଫ୍ଲଡ୍ (ଜିଏଲ୍‌ଓଏଫ୍) ବା ହିମବାହଜନିତ ବାଦଲଫଟା ବର୍ଷାର ପରିମାଣ ବଢ଼ିପାରେ, ଯାହାକି ବିଗତ ଦିନଗୁଡ଼ିକରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଦେଖିବାକୁ ମିଳିଛି। ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ଗ୍ଲାସିଆଲ ଲେକ୍ ଏରିଆରେ ୨୦% ବୃଦ୍ଧି ଘଟିଥିବା ନେଇ ଏକ ଉଦ୍‌ବେଗଜନକ ରିପୋର୍ଟ କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିଲା। ପୂର୍ବ ହିମାଳୟ କ୍ଷେତ୍ର ବିଶେଷକରି ସିକିମ୍ ଓ ଅରୁଣାଚଳ ପ୍ରଦେଶରେ ଅନେକ ଶହ ହିମବାହ ତରଳି ଭୂଭାଗକୁ ମାଡ଼ିଆସୁଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯିବା ଜରୁରୀ ହୋଇପଡ଼ିଛି।

ଜମ୍ମୁ-କଶ୍ମୀର ଓ ଲଦାଖରେ ୬୨ଟି ବିପଜ୍ଜନକ ହିମହ୍ରଦ ରହିଛି, ଯାହାକି ଭାରତରେ ସର୍ବାଧିକ। ପୂର୍ବ କାରାକୋରମ୍‌ର ଶିୟୋକ୍ ଉପତ୍ୟକାରେ ପୂର୍ବରୁ ହିମବାହ ତରଳି ବିପଜ୍ଜନକ ସ୍ଥିତି ଉପୁଜିଥିଲା। ସେହିପରି ସିକିମ୍‌ରେ ୧୭ଟି ବିପଜ୍ଜନକ ହିମହ୍ରଦ ରହିଛି। ୨୦୨୩ରେ ସାଉଥ୍ ଲୋନାକ୍ ବାଦଲଫଟା ବର୍ଷା 'ହିମାଳୟରେ ସୁନାମି' ସଙ୍କଟ ଭଳି ସ୍ଥିତି ଉପୁଜାଇଥିଲା। ଅରୁଣାଚଳ ପ୍ରଦେଶ ଗତ ୩୨ ବର୍ଷ ମଧ୍ୟରେ ୧୧୦ଟି ହିମବାହକୁ ହରାଇଛି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିର ହ୍ରଦଗୁଡ଼ିକ ସୃଷ୍ଟି ହୋଇଛି। ଏହିସବୁ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଜଳବିଦ୍ୟୁତ୍ ପ୍ରକଳ୍ପ ଓ ଡ୍ୟାମ୍‌ଗୁଡ଼ିକ ନିର୍ମାଣ କରାଯାଉଥିବାବେଳେ ସମ୍ଭାବ୍ୟ ବିପଦ ଏଡ଼ାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ପରିବେଶ ଉପରେ ପ୍ରଭାବ ପଡ଼ିବା ସହ ଲୋକଙ୍କ ଜୀବନ ହାନି ହେଉଛି।

ହିମବାହଗୁଡ଼ିକ ସିନ୍ଧୁ, ଗଙ୍ଗା ଓ ବ୍ରହ୍ମପୁତ୍ର ଭଳି ବଡ଼ ନଦୀ ପାଇଁ ୱାଟର ଟାୱାର (ଜଳସ୍ତମ୍ଭ) ଭାବେ କାର୍ଯ୍ୟ କରିଥାଏ। ହିମବାହ ତରଳିଲେରେ ଏହି ବଡ଼ ନଦୀ ଓ ଏହାର ଶାଖାନଦୀଗୁଡ଼ିକ ବନ୍ୟାରେ ଫୁଲି ଉଠନ୍ତି। ଏଥିଯୋଗୁ ଭାରତୀୟ କୃଷି ଓ କୃଷିଆଧାରିତ ଅର୍ଥନୀତିକୁ ବିପୁଳ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ରୁର୍କି ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପରି ପ୍ରତିଷ୍ଠାନ ଏସିଆର ଅତ୍ୟୁଚ୍ଚ ପର୍ବତମାଳା ଉପରେ ହାଇ-ରିଜୋଲ୍ୟୁଶନ୍ ସାଟେଲାଇଟ୍ ଡାଟା ବ୍ୟବହାର କରି ୩୧,୦୦୦ ହିମହ୍ରଦର ଗତିବିଧି ନେଇ ଗବେଷଣା ଜାରି ରଖିଛନ୍ତି।

## ପ୍ରାତଃ ଭ୍ରମଣ ବେଳେ ...

ରମେଶ ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରି ସ୍ଥିତିନିୟନ୍ତ୍ରଣକୁ ଆଣିଥିଲେ। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ନଂ. ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ଆଇଆଇସି ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ କରୁଣାକର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ବଡ ଦୁଃଖର କଥା। ସବୁ ଛୁଟିରେ ପିଲାମାନେ ମର୍ନିଂ ୱାକରେ ଯାଆନ୍ତି। ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିବ ଆମେ କଳ୍ପନା କରିପାରୁନୁ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ପାକିସ୍ତାନକୁ ହରାଇ ...

(୪)ଙ୍କୁ ଆଉଟ କରିବାରୁ ୧୧.୪ ଓଭର ବେଳକୁ ପାକିସ୍ତାନ ସ୍କୋର ୭୮/୬ ହୋଇ ଯାଇଥିଲା। ଏଥିରୁ ଆଉ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ୍, ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଳଦୀପ ଯାଦବ ଓ ତିଳକ ବର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତ ୨ଟି ପରିବର୍ତ୍ତନ ସହ ଏହି ମ୍ୟାଚ ଖେଳିଥିଲା। ସଞ୍ଜୁ ସାମସନ ଓ ଅର୍ଶଦୀପ ସିଂଙ୍କ ସ୍ଥାନରେ ଅଭିଷେକ ଶର୍ମା ଓ କୁଳଦୀପ ଯାଦବଙ୍କୁ ସୁଯୋଗ ମିଳିଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା। କେବଳ ସେତିକି ନୁହେଁ ନିଜ ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଦ୍ୱିତୀୟଥରଲାଗି ବୋଲିଂ ଓପନ କରି ୬ଷ୍ଠ ବଲ୍‌ରେ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଆଉଟ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଅଭିଷେକ ଡକ୍(୦)ରେ ଆଉଟ ହୋଇଥିଲେ। ତେବେ ଇଶାନ କିଶନ ଓ ତିଳକ ବର୍ମା ଇନିଂସ ସମ୍ଭାଳି ଥିଲେ। ପାୱାରପ୍ଲେ ୬ ଓଭରରେ ଭାରତ ୧ ଉଇକେଟରେ ୫୨ ରନ ସଂଗ୍ରହ କରିଥିଲା। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ କିଶନ। ଭାରତ-ପାକିସ୍ତାନ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ଦ୍ରୁତତମ ଥିଲା। ଦ୍ୱିତୀୟ ଉଇକେଟରେ ୮୭ ରନର ଭାଗୀଦାରି ପରେ କିଶନ ବ୍ୟକ୍ତିଗତ ୭୭ ରନକରି ଆଉଟ ହୋଇଥିଲେ। ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ସ୍ପିନର ସଇମ ଆୟୁବ ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। କେବଳ ସେତିକି ନୁହେଁ ଆୟୁବ ନିଜ ୪ର୍ଥ ଓଭରରେ ଭାରତକୁ ଡବଲ୍ ଝଟ୍‌କା ଦେଇ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ନିରବତା ଭରିଥିଲେ। ଏହିଠାରୁ ଭାରତର ମୋମେଣ୍ଟମ୍ ବ୍ରେକ୍ ହୋଇଥିଲା। ଆୟୁବ ନିଜ ଅନ୍ତିମ ଓଭରର ଦ୍ୱିତୀୟ ବଲ୍‌ରେ ତିଳକ ବର୍ମାଙ୍କୁ ଏଲବିଡବ୍ଲ୍ୟୁ କରିଥିବାବେଳେ ୪ର୍ଥ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଲଙ୍ଗ ଅଫ୍‌ରେ ବାବର ଆଜମଙ୍କ ହାତରେ କ୍ୟାଚ କରାଇଥିଲେ। ତିଳକ ୨୫ ରନ କରିଥିବାବେଳେ ହାର୍ଦ୍ଦିକ ଖାତା ଖୋଲିପାରି ନ ଥିଲେ। ପରବର୍ତ୍ତୀ ବଲ୍‌ରେ ଶିବମ୍ ଦୁବେଙ୍କୁ କଟ୍ ବିହାଇଣ୍ଡ ଆବେଦନ କରି ହ୍ୟାଟ୍ରିକ ପୂରଣ ପାଇଁ ଇଚ୍ଛା ରଖିଥିଲେ ଆୟୁବ। ମାତ୍ର ରିଭ୍ୟୁରେ ଏହା ନାକଚ ହୋଇ ଯାଇଥିଲା। ପାକିସ୍ତାନ ଏହି ମ୍ୟାଚରେ ୬ ସ୍ପିନର ବ୍ୟବହାର କରିଥିଲା। ଯାହାକି ଟି୨୦ ବିଶ୍ୱକପରେ ସର୍ବାଧିକ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୯ ବଲ୍‌ରୁ ୩୨ ରନକରି ଆଉଟ ହେବାପରେ ଶିବମ୍ ଦୁବେ ୧୭ ବଲ୍‌ରୁ ୨୭ ଓ ରିଙ୍କୁ ସିଂ ୪ ବଲ୍‌ରୁ ୧୧ ରନ ସଂଗ୍ରହ କରିବାରୁ ଭାରତ ସ୍କୋର ୧୭୫ ଛୁଇଁଥିଲା। ପାକିସ୍ତାନ ପକ୍ଷରୁ ସଇମ ଆୟୁବ ୩ଟି ଏବଂ ଅଧିନାୟକ ସଲମାନ ଆଘା, ଶାହିନ ଆଫ୍ରିଦୀ ଓ ଉସମାନ ତାରିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଓସ୍ୱାସରେ ଯୋଡ଼ିହେବେ...

ସରକାରୀ କାର୍ଯ୍ୟ ଶୃଙ୍ଖଳିତ ହେବା ସହିତ କମ୍ ମାନବସମ୍ବଳରେ ଅଧିକ ସରକାରୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହୋଇପାରିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓସ୍ୱାସ୍-୩.୦' କାର୍ଯ୍ୟ ବ୍ୟାପକ ପ୍ରଚଳନ କରିବାପାଇଁ ୨୦୨୫ ଡିସେମ୍ବର ୨୫ରେ ଓୟୁଏଟି ପ୍ରେକ୍ଷାଳୟରେ ଏହାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ୪ଟି ଗୁରୁତ୍ୱପୂର୍ଣ୍ଣ ଦିଗ ସାଧନ ହେବ ବୋଲି ସରକାରଙ୍କ ଆଭିମୁଖ୍ୟ ରହିଛି। ସେଥିମଧ୍ୟରେ କାଗଜବିହୀନ କାର୍ଯ୍ୟ, ପ୍ରଶାସନିକ ବିଳମ୍ବିତା କମିବା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱତା ରହିବା ସହିତ ସମୟସୀମା ଭିତରେ ନିଷ୍ପତ୍ତି ନିଆଯାଇପାରିବ, ଯାହାକି ସରକାରଙ୍କୁ ଗତିଶୀଳ କରିବାରେ ସହାୟକ ହୋଇପାରିବ। ଏହାକୁ ନେଇ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍)କୁ 'ଓସ୍ୱାସ୍-୩.୦' ଉନ୍ନତୀକରଣ କରିବାପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଇତିମଧ୍ୟରେ ୫୦ଦିନ ବିତିଯାଇଥିବାବେଳେ ଆଗାମୀ ୫୦ଦିନରେ ଏହି କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୋଇପାରିବ ସେଥିପ୍ରତି ମୁଖ୍ୟଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ହବ୍ କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ସେନେଇ ମୁଖ୍ୟସଚିବ ଇଆଣ୍ଡଆଇଟି ବିଭାଗକୁ ପ୍ରଶ୍ନ କରିବା ସହିତ ଭାରତ ସେମିକଣ୍ଡକ୍ଟର ମିଶନ-୨.୦ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। କିନ୍ତୁ ଅଶ୍ଳେଷା ସକାଶେ ଯେତେ ଭଲ କଲେ ମଧ୍ୟ ଅନ୍ୟମାନଙ୍କର ଆନ୍ତରିକତା ରହିବନି। ବୃଥା ସନ୍ଦେହ ଏବଂ ଭୁଲ୍ ବୁଝାମଣାରୁ ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ବୃଷ** ଭାଗ୍ୟ ସ୍ଥାନରେ ଚନ୍ଦ୍ରମଙ୍ଗଳ ଯୋଗ ଆପଣଙ୍କ ମାନସିକ ସ୍ଥିତି ଓ କର୍ମପ୍ରବାହକୁ ଗତିଶୀଳ କରାଇବ। ପାରିବାରିକ ସମସ୍ୟା ସମାଧାନ ସକାଶେ ପଡୋଶୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ମୃଗଶିରା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ପରିସ୍ଥିତିକୁ ସୁଧାରିବାକୁ ଯାଇ ଖର୍ଚ୍ଚାନ୍ତ ହୋଇପାରନ୍ତି।

**ମିଥୁନ** ଆଜି ଅଷ୍ଟମଭାବସ୍ଥ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି କରାଇବା ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାରେ ଜଡିତ କରାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ଆନୁଷ୍ଠାନିକ କାମ, ସଂଗଠନ, ଆଇନ ଅଦାଲତ କ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ପାଇବ। ପରିବାରରେ ବନ୍ଧୁମିଳନର ମଜାମଉଜ ପରିବେଶରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିପାରନ୍ତି।

**କର୍କଟ** ରାଶ୍ୟାଧିପଙ୍କ କେନ୍ଦ୍ରକୋଣାଧିପଙ୍କ ସଂଯୋଗ ଆପଣଙ୍କୁ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି କରାଇବ। ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ଅଶ୍ଳେଷା ନକ୍ଷତ୍ର ସକାଶେ କର୍ମଜଞ୍ଜାଳର ବ୍ୟସ୍ତତା ସାଙ୍ଗକୁ ପରୋକ୍ଷ ଶତ୍ରୁତା ଟେନ୍ସନର କାରଣ ହୋଇପାରେ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ।

**ସିଂହ** ଧନାଧିପତିଙ୍କୁ ବୃହସ୍ପତିଙ୍କ ଶୁଭଦୃଷ୍ଟି ବିଭିନ୍ନ କ୍ଷେତ୍ରରୁ ଅର୍ଥନୈତିକ ମାନ ବୃଦ୍ଧି କରାଇପାରନ୍ତି। ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ବନ୍ଧୁଙ୍କ ନିମନ୍ତ୍ରଣରେ ଦୂର ଜାଗାକୁ ଯିବାକୁ ପଡିପାରେ। ଆଜିର ପ୍ରତ୍ୟାବର୍ତ୍ତନ ସମୟରେ ମୂଲ୍ୟବାନ ଦ୍ରବ୍ୟ କିଣିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହେବ।

**କନ୍ୟା** ତୃତୀୟ ଅଷ୍ଟମାଧିପତି ଲାଭାଧିପଙ୍କ ସହ ଥିବାରୁ ଆଜି ପ୍ରାପ୍ୟପାଇବା କଷ୍ଟକର ହୋଇପାରେ। ନୂତନ ଗୃହ, ଯାନବାହନ କିମ୍ବା ମୂଲ୍ୟବାନ୍ ଦ୍ରବ୍ୟପ୍ରାପ୍ତି ପାଇଁ ମାର୍ଗ ଉନ୍ମୁକ୍ତ କରିପାରନ୍ତି। ଚିତ୍ରା ନକ୍ଷତ୍ରର ବାଣିଜ୍ୟ, ପରିବହନ, ଯାତ୍ରା ସମ୍ପର୍କରେ ଚିନ୍ତା ବଢିଯିବ। ଅସୁସ୍ଥତା ଅନୁଭବ କରିବାରୁ କେତେକ କାମ ସ୍ଥଗିତ ରହିଯାଇପାରେ।

**ତୁଳା** ଶୁଭଭାବରେ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଅର୍ଥ ଓ ସମ୍ମାନ ଦେବାରେ ସମର୍ଥ ହେବ। ସ୍ୱାତୀ ନକ୍ଷତ୍ର ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପିଲାଙ୍କ ସମ୍ବନ୍ଧୀୟ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁ ଗହଣରେ କିମ୍ବା ଆଲୋଚନା ପରିସରରେ ପରିସ୍ଥିତିରେ ପଡି ଠିକ୍ ବିଚାର କରିପାରିବେନାହିଁ।

**ବିଛା** ରାଶ୍ୟାଧିପ ଉଚ୍ଚସ୍ଥ ହୋଇ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହୋଇଯିବ। ଅନୁରାଧା ନକ୍ଷତ୍ର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ ଦୁଶ୍ଚିନ୍ତାରେ ଘାରିପାରେ। ସାଧାରଣ ଘଟଣାକୁ କେନ୍ଦ୍ରକରି ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ** ଦେବଗୁରୁଙ୍କ ସ୍ୱଗୃହକୁ ଦୃଷ୍ଟିଜନିତ ଶାରୀରିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ। କୌଣସି ଲୋକକୁ ଅନ୍ଧଭାବେ ବିଶ୍ୱାସ କରି ହଇରାଣ ହେବେ। ଉତ୍ତରାଷାଢା ନକ୍ଷତ୍ର ସକାଶେ ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ଶ୍ରୀଚନ୍ଦ୍ରଙ୍କ ପ୍ରଭାବରୁ ଆଜି ଯେଉଁ କାମରେ ହାତଦେବେ ସଫଳତା ମିଳିବ। କିନ୍ତୁ ପାରିବାରିକ ଜୀବନରେ ଭୁଲ୍‌ବୁଝାମଣା ସାଙ୍ଗକୁ ରୁକ୍ଷ ବ୍ୟବହାର ଶାନ୍ତି ଭଗ୍ନ କରିପାରେ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି କିଛି ଭଲ ସାଙ୍ଗକୁ ଟେନ୍ସନ ମଧ୍ୟରେ ଦିନଟି କଟିବ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ଗୁଡାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ରୁଗ୍ଣ ସ୍ୱାସ୍ଥ୍ୟର ଆରୋଗ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**ମୀନ** ଉତ୍ତରଭାଦ୍ର ନକ୍ଷତ୍ର ସକାଶେ ଆଜିର ଦିନଟି ଭଲରେ କଟିବ। ବନ୍ଧୁଙ୍କ ପରାମର୍ଶରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଶନିଙ୍କ ପ୍ରଭାବରୁ ସତ୍‌ସଙ୍ଗ, ବ୍ରତୋପାସନା ପ୍ରତି ଶ୍ରଦ୍ଧା ଭକ୍ତି ଜାଗ୍ରତ ହୋଇପାରେ। ଦିନଚର୍ଯ୍ୟା ମଧ୍ୟରେ ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଫେବୃଆରୀ ୧୬ ତାରିଖ, ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର। ବୈଷ୍ଣବ ସମ୍ମତ ମହାଶିବରାତ୍ରି, ରାଶିନକ୍ଷତ୍ର-ଶ୍ରବଣା/ମକର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ, ଦିବା ଘ.୦୬।୧୮ ଗତେ, ଘ.୦୭।୪୪ ମଧ୍ୟେ, ଘ.୧୦।୫୨ ଗତେ, ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୪ ଗତେ, ଘ.୦୯।୦୯ ମଧ୍ୟେ ରାହୁକାଳ।



ସମ୍ବଲପୁର ଜିଲା ବାମରା ନିକଟ ନୁଁନିଆମୁଣ୍ଡାସ୍ଥିତ ଏକ ଶୀତଳ ଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଥିବାବେଳେ ନିଆଁଲିଭାରେ ନିୟୋଜିତ ରୋବୋ।

# ଅଗ୍ନିକାଣ୍ଡରେ ଶୀତଳ ଭଣ୍ଡାର ଜଳିଗଲା

## ଦମକଳ ସହ ରୋବୋ ଲିଭାଇଲା ନିଆଁ

**କୁଚିଣ୍ଡା,୧୫।୨(ବିରଞ୍ଚି ଦର୍ଜ୍ଜୀ)**

ସମ୍ବଲପୁର ଜିଲା ବାମରା ନିକଟ ନୁଁନିଆମୁଣ୍ଡାସ୍ଥିତ ଏକ ଶୀତଳ ଭଣ୍ଡାରରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁକୁ ଆୟତ୍ତ କରିବା ପାଇଁ ଗୋବିନ୍ଦପୁର, ଲଇକେରା ଓ କିର୍ମିରାରୁ ଦମକଳ ବାହିନୀ ସହ ଝାରସୁଗୁଡ଼ାରୁ ରୋବୋ ଆସି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛି। ଦୀର୍ଘ ୧୦ଘଣ୍ଟା ପରେ ବି ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲା ବାମରା ଗଡ଼ପୋଷ ରାସ୍ତା ନୁଁନିଆମୁଣ୍ଡାରେ ଅନୁଭବ ଲାଠ ନାମକ ଜଣେ ବ୍ୟକ୍ତି ୫ଶହ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର କରିଛନ୍ତି। ଏହା ହେଉଛି କୁଚିଣ୍ଡା ଉପଖଣ୍ଡର ସର୍ବବୃହତ ଘରୋଇ ଶୀତଳ ଭଣ୍ଡାର। ରବିବାର ସକାଳ ପ୍ରାୟ ୭ଟାରେ ଶୀତଳ ଭଣ୍ଡାରରେ ନିଆଁ ଲାଗିଯାଇଥିଲା। ଶୀତଳ ଭଣ୍ଡାର କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ଗୋବିନ୍ଦପୁର(ବାମରା) ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ପଡ଼ୋଶୀ ଝାରସୁଗୁଡ଼ା ଜିଲା ଲଇକେରା ଓ କିର୍ମିରାରୁ ଦମକଳବାହିନୀ ଆସି ନିଆଁ ଲିଭାରେ ସାମିଲ ହୋଇଥିଲେ। ଶୀତଳ ଭଣ୍ଡାରରେ କୁଚିଣ୍ଡା ଉପଖଣ୍ଡର ଚାଷୀଙ୍କ ଲଙ୍କାମରିଚ, ଆମ୍ବ ଟାକୁଆ, ମହୁଲ ଫୁଲ ସମେତ ପନିପରିବା ରହିଥିଲା। ଅଗ୍ନିକାଣ୍ଡ ଯୋଗୁ ସେସବୁ ପୋଡ଼ି ପାଉଁଶ ହୋଇଯିବା ସହ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଏହାର ମାଲିକ ଲାଠ କହିଛନ୍ତି। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ନ୍ୟୁୟର୍କ,୧୫।୨(ପି.ଟି.)**

ଆମେରିକାରେ ଜଣେ ୨୨ ବର୍ଷୀୟ ଭାରତୀୟ ସ୍ନାତକୋତ୍ତର ଛାତ୍ର ୬ ଦିନ ତଳେ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ମୃତଦେହ ମିଳିଥିବା ଭାରତୀୟ ମିଶନ ପକ୍ଷରୁ କୁହାଯାଇଛି। ସାକେଥ ଶ୍ରୀନିବାସୈଆ ନାମକ କାଲିଫର୍ନିଆ ୟୁନିଭର୍ସିଟିରେ ଉକ୍ତ ଛାତ୍ରଙ୍କ ଘର କର୍ନାଟକରେ। ☞ପୃଷ୍ଠା-୯

# ଆଜି ରତ୍ନଭଣ୍ଡାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୨(ରବିନାରାୟଣ ଜେନା)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଓ ରତ୍ନଅଳଙ୍କାର ଗଣତିମଣତି ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଉଥିବାବେଳେ ସୋମବାର ଦୁଇଟି ପର୍ଯ୍ୟାୟରେ ଏହାର ସମୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା



ମୋହନ ଚରଣ ମାଝୀ

କରିବେ। ଏହା ପରେ ଅପରାହ୍ନ ଗୋଟାଏରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ରବିବାର ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରତ୍ନଭଣ୍ଡାରର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) ହସ୍ତଗତ ହୋଇସାରିଛି। ସମୀକ୍ଷା ପରେ ଏହି ବିଷୟରେ ସମସ୍ତ ଦିଗ ସ୍ପଷ୍ଟ ହୋଇଯିବ। ଏହି ସମୀକ୍ଷା ବୈଠକ ମାଧ୍ୟମରେ ରତ୍ନଭଣ୍ଡାରର ପରିଚାଳନା ଏବଂ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।


ସେମାନଙ୍କ ହସ
ତଥା ସୁରକ୍ଷା ନିଶ୍ଚିତ କରନ୍ତୁ



ଏଲଆଇସି'ର ପ୍ରୋଟେକ୍ସନ୍ ପ୍ଲସ୍
ନିବେଦନ କରାଯାଉଛି
ପ୍ରମୁଖ ବିଶେଷତାସବୁ:
- ଆପଣଙ୍କ ପ୍ରୟୋଜନକୁ ସୁହେଇବା ଭଳି ମଲ୍‌ଟିପଲ୍ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ବିକଳ୍ପସବୁ ମିଳୁଛି
- ଟପ୍ ଅପ୍ ପ୍ରିମିଅମ ପେମେଣ୍ଟସ ଯୋଗେ ନିଜ ରିସ୍କ କଭର୍ ବଢ଼ାନ୍ତୁ
- ବୟସ ଆଉ ଅବଧି ଅନୁସାରେ ହାୟର୍ ସମ୍ ଆସ୍ୟୋର୍ଡ ବାଛିବାର ବିକଳ୍ପ
- 5 ବର୍ଷ ପରେ ଆଂଶିକ ଉଠାଣ ଅନୁମତ

ଏକ ନନ୍-ପାର୍, ଲିଙ୍କ୍‌ଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗ୍‌ସ ପ୍ଲାନ
ପ୍ଲାନ ସଂଖ୍ୟା: 886 ୟୁଆଇଏନ୍ ସଂଖ୍ୟା: 512L361V01
ଅନ୍‌ଲାଇନ୍ ରେ ବି ମିଳୁଛି
ଆମର ହ୍ୱାଟ୍‌ସଆପ୍ ନ. 8976862090 'Hi' କୁହନ୍ତୁ
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା/ଦେଖନ୍ତୁ www.licindia.in
LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827
LIC India Forever | IRDAI Regn No.: 512
LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2025-26/20/Ori

ମହାଶିବରାତ୍ରି ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ
NABH PRE ACCREDITED — PATIENT SAFETY & QUALITY OF CARE
1st NABH Accredited
MULTISPECIALITY HOSPITAL
SAI NURSING HOME
BARIPADA

SUPER SPECIALITY OPD
- Urology
- Nephrology
- Neurology
- Cardiology
- Neuro Psychiatry
- Gastroenterology
- Endocrinology

NEW GENERATION
MAMMOGRAPHY
CT SCAN
MRI
COMING SOON

BEST IN FOR
- 24X7 EMERGENCY & TRAUMA CARE
- POST OPERATIVE EMERGENCY CARE
- DIALYSIS AND EYE CARE
- SEVERE ROAD ACCIDENT
- SNAKE BITE
- POISONING
- CKD CVA

ସାଇ ଏକ୍ସରେ ପାଥୋଲୋଜି ଓ ନର୍ସିଂହୋମ
C-Arm, Ultrasound, Doppler ECHO, Video Endoscope, TMT, EEG, ECG, PFT, Computerized Pathology, Hormone Analysis, Blood Culture,
Contact for : Physiotherapy, Orthopedic, Surgery, Medicine, Gynecology, ENT, Chest & PD Treatment and Operation
Hospital Square, T.B. Hospital Road, Baripada | M : 93388 11957, 94392 14392

# ପାଖ ବିଦେଶ

ବାଂଲାଦେଶ ଜାତୀୟ ନିର୍ବାଚନରେ ଭୋଟ ହୋଇଥିବା ୨୯୯ ଆସନ ମଧ୍ୟରୁ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି(ବିଏନ୍‌ପି) ଏକାକୀ ୨୦୯ ଆସନ ପାଇଥିବା ବେଳେ ସହଯୋଗୀଙ୍କୁ ମିଶାଇଲେ ସଂଖ୍ୟା ୨୧୨ ହୋଇଛି। ଜମାତ-ଇ-ଇସ୍‌ଲାମୀ ଏକାକୀ ୬୮ ସିଟ୍ ଜିତିଥିବା ବେଳେ ତା' ସହଯୋଗୀ ମିଶିଲେ ୭୭ରେ ପହଞ୍ଚିଛି। ଦୀର୍ଘବର୍ଷ ଧରି ବାଂଲାଦେଶ କ୍ଷମତା ରାଜନୀତିରେ ସ୍ୱତନ୍ତ୍ର ଛାପ ରଖିଆସିଥିବା ଶେଖ୍ ହାସିନାଙ୍କ ଆୱାମୀ ଲିଗ୍‌କୁ ନିର୍ବାଚନୀ ପ୍ରକ୍ରିୟାରୁ ଦୂରେଇ ଦିଆଯାଇଥିଲା। ହାସିନାଙ୍କ ଦଳ ଦେଶ ଉପରେ ଏକଚ୍ଛତ୍ରବାଦ ଲଦିଦେବାକୁ ଚେଷ୍ଟା କରୁଥିଲା ବୋଲି ମିଳୁଥିବା ଅନେକ ଉଦାହରଣରୁ ବୁଝାପଡ଼େ। ଅନ୍ୟପଟେ ଆୱାମୀ ଦଳକୁ ନିର୍ବାଚନରେ ଭାଗ ନେବାକୁ ଅନୁମତି ମିଳି ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ସମାଲୋଚନା କରାଯାଉଛି। ତେବେ ବିଏନ୍‌ପି ପ୍ରତି ବିପୁଳ ସମର୍ଥନ ଜଣାଇ ଦେଇଛି ଯେ, ଦେଶବାସୀ ଗୋଟେ ବଡ଼ ପରିବର୍ତ୍ତନ ଚାହୁଁଥିଲେ। ୨୦୨୪ରେ ହାସିନାଙ୍କ ନିର୍ବାଚିତ ସରକାରକୁ ଛାତ୍ର ଓ ଯୁବ ଆନ୍ଦୋଳନ ଜରିଆରେ କ୍ଷମତାଚ୍ୟୁତ କରାଯାଇଥିଲା। ତାହା ସେତେବେଳେ 'ମୌସୁମୀ ବିପ୍ଳବ' ଭାବେ ନାମିତ ହୋଇଥିଲା। ତା' ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ହୋଇଥିଲା। ଏବର ନିର୍ବାଚନରେ ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମନଙ୍କ ପ୍ରତି ସମର୍ଥନ ମିଳିବା ପରେ ସେ ୧୭ ଫେବୃଆରୀରେ ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ତାରିକ୍ ହେଉଛନ୍ତି ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଜିଆଉର ରହମନ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ବଡ଼ ପୁଅ। ୨୦୦୧ ମସିହାରେ ମା'ଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ତାରିକ୍ ଚର୍ଚ୍ଚାକୁ ଆସିଥିଲେ। ହେଲେ ୨୦୦୮ରେ ଆୱାମୀ ଲିଗ୍‌ର ବିପୁଳ ବିଜୟ ପରେ ସୁରକ୍ଷା ଦୃଷ୍ଟିରୁ ସେ ଲଣ୍ଡନରେ ଆତ୍ମ-ନିର୍ବାସିତ ଜୀବନ ବିତାଉଥିଲେ। ଖାଲେଦାଙ୍କ ମୃତ୍ୟୁର ଅଳ୍ପଦିନ ପୂର୍ବରୁ ତାରିକ୍ ବାଂଲାଦେଶ ଆସି ନିର୍ବାଚନ ଲଢ଼ିବା ପରେ ଦେଶବାସୀ ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ଯାଉଛନ୍ତି।

ବାଂଲାଦେଶରେ ୨୦୨୪ରେ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେବା ପରେ ତା'ର ଅର୍ଥନୀତି ଦୁର୍ବଳ ହୋଇଛି। ୟୁନୁସଙ୍କ ୧୮ ମାସର ସରକାରରେ ବିଭିନ୍ନ ସାମ୍ବିଧାନିକ ସଂସ୍ଥାକୁ ସୁଦୃଢ଼ କରାଯିବା ଲାଗି ପ୍ରଚେଷ୍ଟା ହୋଇଥିଲେ ମଧ୍ୟ ତାହା ଆଶାନୁଯାୟୀ ହୋଇପାରି ନାହିଁ। ତାରିକ୍‌ଙ୍କ ନେତୃତ୍ୱାଧୀନ ନୂଆ ସରକାର ଗଠନ ପରେ ବାଂଲାଦେଶରେ ଭଲ ସ୍ଥିତି ଆସିପାରେ ବୋଲି ଅନୁମାନ କରାଯାଉଛି। ନିର୍ବାଚନରେ ଜିତିବା ପରେ ପ୍ରାରମ୍ଭିକ ଅବସ୍ଥାରେ ତାରିକ୍ ତାଙ୍କ ସମର୍ଥକମାନଙ୍କୁ ବଡ଼ ବିଜୟ ଉତ୍ସବ ପାଳନ ନ କରିବାକୁ କହିବା ସହ କେବଳ ସ୍ୱତନ୍ତ୍ର ପ୍ରାର୍ଥନା କରିବାକୁ ପରାମର୍ଶ ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ଯାଇ ସେ ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଉଛି। ବାଂଲାଦେଶରେ ଏକ ନିର୍ବାଚିତ ସରକାର ଦାୟିତ୍ୱ ନେବାକୁ ଥିବାରୁ ତା' ସହ ଭାରତ ଉତ୍ତମ ସମ୍ପର୍କ ବଜାୟ ରଖିବାର ସମୟ ଉପନୀତ ହେଲାଣି ବୋଲି କୁହାଯାଇପାରେ। ଶେଖ୍ ହାସିନା ନିଜ ଦେଶରୁ ତଡ଼ା ଖାଇବା ପରେ ଭାରତ ତାଙ୍କୁ ଆଶ୍ରୟ ଦେଇଛି। ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଂଲାଦେଶ ପକ୍ଷରୁ ବହିର୍ବ୍ୟାପାର ଚାପ ପଡ଼ିଥିଲେ ମଧ୍ୟ ଭାରତ ନୀରବ ରହିବା ଦୁଇ ଦେଶର ସମ୍ପର୍କକୁ ଅଧିକ ବିଗାଡ଼ି ଦେଇଛି। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତ ତା' ଚାରିକଡ଼େ ଥିବା ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭଲ ସମ୍ପର୍କରେ ନାହିଁ। ତେଣୁ ତାରିକ୍‌ଙ୍କ ସହ ଭାରତୀୟ ନେତୃତ୍ୱ ତତ୍‌କ୍ଷଣାତ୍ ସମ୍ପର୍କ ବଢ଼ାଇବା ଦରକାର ପଡ଼ିଲାଣି। କୁହାଯାଏ-'ସୁଯୋଗ ଆସେ, କିନ୍ତୁ ଥରେ'। ନିର୍ବାଚନରେ ବିଜୟ ହେବା ପରେ ତାରିକ୍ ଗଣମାଧ୍ୟମକୁ ସାମ୍ନା କରିଥିଲେ। ଏହି ସମୟରେ ଜଣେ ଭାରତୀୟ ସାମ୍ବାଦିକଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ବେଳେ ସେ କହିଥିଲେ ଯେ, ବାଂଲାଦେଶ ଲୋକଙ୍କ ସ୍ୱାର୍ଥ ଓ ଦେଶ ସର୍ବାଗ୍ରେ ରହୁଛି। ନିଜ ଦେଶବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖୁଥିବା ଭଳି ବହିର୍ବ୍ୟାପାର ନୀତି ନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିବା ଭାରତକୁ ଏକ ଦୃଢ଼ ବାର୍ତ୍ତା ଦେଇଛି ବୋଲି କୁହାଯାଇପାରେ। ଏଭଳି କହି ତାରିକ୍ ତାଙ୍କ ଲୋକଙ୍କ ପ୍ରତି ଥିବା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଏହି ସନ୍ଧିକ୍ଷଣରେ ବାଂଲାଦେଶ ସହ ବିଗିଡ଼ି ଯାଇଥିବା ସମ୍ପର୍କକୁ ଭାରତ ସୁଦୃଢ଼ କରିବା ଲାଗି ସୁଚିନ୍ତିତ ପଦକ୍ଷେପ ନେବା ଜରୁରୀ। ବିଏନ୍‌ପି ବାଂଲାଦେଶରେ ବିପୁଳ ବିଜୟ ହାସଲ କରିବା ପରେ ତାରିକ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଧ୍ୟ ଅନୁରୂପ ଶୁଭେଚ୍ଛା ଜଣାଇଛନ୍ତି। ଭାରତ କେବଳ ଶୁଭେଚ୍ଛାରେ ସମ୍ପର୍କକୁ ସୀମିତ ନ ରଖି ହାସିନାଙ୍କ ପାଇଁ ବିଗିଡ଼ି ଯାଇଥିବା ସମ୍ବନ୍ଧକୁ କିଭଳି ମଜଭୁତ କରି ହେବ ସେହି ଦିଗରେ ପଦକ୍ଷେପ ନେବା ଦରକାର। ନୂଆ ସରକାର ସହ ମୂଳରୁ ସମ୍ପର୍କ ଭଲ ଭାବେ ଗଢ଼ି ଉଠିଲେ ପୂର୍ବର ଅସ୍ୱାଭାବିକତା ହଟିଯିବାର ସମ୍ଭାବନା ବଢ଼ନ୍ତା। ଏଥିସହିତ ପାକିସ୍ତାନ ଓ ଚାଇନା ଆଡ଼କୁ ବାଂଲାଦେଶର ଢଳିବା ମଧ୍ୟ ଅନେକାଂଶରେ ହୁଏତ କମିଯାଇପାରନ୍ତା।

ଭାରତ ପାଇଁ ବାଂଲାଦେଶ ଏକ ସାଧାରଣ ପଡ଼ୋଶୀ ଦେଶ ଭାବେ ପରିଗଣିତ ହେବା ଉଚିତ ନୁହେଁ। ମୁସଲମାନ ଦେଶ ହୋଇଥିବା ସତ୍ତ୍ୱେ ବାଂଲାଦେଶୀ ନାଗରିକଙ୍କ ଚରିତ୍ର ଭାରତ ବିଶେଷକରି ପୂର୍ବାଞ୍ଚଳ ସହ ଅନେକ ସାମଞ୍ଜସ୍ୟ ରହୁଛି। ସମ୍ଭବତଃ ଏହି ସାମଞ୍ଜସ୍ୟ ସେହି ଦେଶର ଧର୍ମକୁ ପଛରେ ପକାଇ ଜାତୀୟ ଚରିତ୍ରକୁ ଆଗକୁ ଆଣିଥିଲା। ନିର୍ବାଚନ ପୂର୍ବରୁ ଅନେକ ପର୍ଯ୍ୟବେକ୍ଷକ ବାଂଲାଦେଶର ଜମାତ-ଇ-ଇସ୍‌ଲାମୀ ଦଳ ସରକାର ଗଠନରେ ନିର୍ଣ୍ଣୟକାରୀ ଭୂମିକା ଗ୍ରହଣ କରିବ ବୋଲି ଆକଳନ କରୁଥିଲେ। ବାଂଲାଦେଶ ଭୋଟର ସେପରି ଉଗ୍ରବାଦକୁ ନାପସନ୍ଦ କରନ୍ତି ବୋଲି ଏବେ ସ୍ପଷ୍ଟ ଜଣାପଡୁଛି। ସେଥିପାଇଁ ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ଦେଖିବା ପରିବର୍ତ୍ତେ ପାଖ ବିଦେଶ (ନିଅର ଆବ୍ରଡ୍) ଦେଶଗୁଡ଼ିକର ନାଗରିକଙ୍କ ମାନସିକତାକୁ ବୁଝି ଭାରତ ତା'ର ବହିର୍ବ୍ୟାପାର ନୀତିକୁ ପୁନର୍ଗଠନ କରିବାର ସମୟ ଆସିଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | | | 5 | 7 | |
| | 4 | | | 1 | | 6 | | 9 |
| 7 | | | 9 | | 6 | 4 | 8 | |
| 9 | | 4 | 8 | | 5 | | 6 | |
| | | 3 | | | 1 | 9 | | |
| 2 | | | 6 | 9 | | | | |
| 1 | 5 | | 7 | | | | 4 | 8 |
| 6 | | | | | | 2 | | |
| | 3 | | | 2 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 6 | 5 | 8 | 2 |
| 6 | 2 | 3 | 8 | 5 | 9 | 4 | 7 | 1 |
| 8 | 4 | 5 | 7 | 2 | 1 | 6 | 9 | 3 |
| 9 | 8 | 1 | 3 | 4 | 2 | 7 | 6 | 5 |
| 3 | 6 | 7 | 1 | 8 | 5 | 9 | 2 | 4 |
| 2 | 5 | 4 | 6 | 9 | 7 | 3 | 1 | 8 |
| 5 | 1 | 2 | 9 | 7 | 3 | 8 | 4 | 6 |
| 4 | 9 | 6 | 5 | 1 | 8 | 2 | 3 | 7 |
| 7 | 3 | 8 | 2 | 6 | 4 | 1 | 5 | 9 |

ଗତକାଲିର ଉତ୍ତର


# ନୈତିକ ମୂଲ୍ୟବୋଧ ଓ ଧର୍ମ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଯେତେବେଳେ ଆମେ ଜଣେ କରୁଥିବା କାର୍ଯ୍ୟକୁ 'ନୈତିକ' ବୋଲି ବିଚାର କରୁ, ତାକୁ ଭଲ ଲୋକ କହୁ ଓ ଅନୈତିକ କାର୍ଯ୍ୟ କରୁଥିବା ଲୋକକୁ ମନ୍ଦ ଲୋକ କହୁ। ଏହାର ଅର୍ଥ ହେଲା ଯାହା ନୈତିକ ତାହା ଭଲ ଓ ଯାହା ଅନୈତିକ ତାହା ମନ୍ଦ। କ'ଣ ଭୁଲ୍ ଓ କ'ଣ ଠିକ୍- ଏ ସମ୍ପର୍କରେ ଧାରଣା ନ ରହିଲେ ଏକ ନୈତିକ ଜୀବନ ସମ୍ଭବ ନୁହେଁ। ଆମେ ନୈତିକ ମୂଲ୍ୟବୋଧ ପ୍ରାୟତଃ ଧର୍ମଶାସ୍ତ୍ରରୁ ସଂଗ୍ରହ କରୁ। ମାତ୍ର ନୈତିକ ମୂଲ୍ୟବୋଧ ଶିକ୍ଷା ପାଇଁ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ବାଧ୍ୟତାମୂଳକ ନୁହେଁ କିମ୍ବା ନୈତିକ ଜୀବନ ଯାପନ କରିବା ପାଇଁ ପ୍ରଚଳିତ ଅର୍ଥରେ ଧାର୍ମିକ ହେବା ନିହାତି ଆବଶ୍ୟକ ନୁହେଁ। ସାଧାରଣତଃ ଯିଏ ଈଶ୍ୱରଙ୍କୁ ପୂଜା କରେ, ମନ୍ଦିର, ମସଜିଦ୍ ବା ଗିର୍ଜାକୁ ଯାଏ ତାକୁ ଆମେ ଧାର୍ମିକ ଲୋକ କହୁଁ। ମାତ୍ର ତଥାକଥିତ ବହୁ ଧାର୍ମିକ ବ୍ୟକ୍ତି ଅନେକ ଅନୈତିକ କାର୍ଯ୍ୟ କରୁଥିବା ଆମେ ଦେଖୁ। ଅପର ପକ୍ଷରେ କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ କରୁ ନ ଥିବା ଲୋକ ମଧ୍ୟ ନୈତିକ ଜୀବନଯାପନ କରୁଥିବା ଉଦାହରଣ ରହିଛି। ଧର୍ମ ଶବ୍ଦ ମୂଳତଃ କୌଣସି ସାମ୍ପ୍ରଦାୟିକ ବିଶ୍ୱାସ ଓ ରୀତିନୀତିକୁ ବୁଝାଏ ନାହିଁ। 'ଧୃ' ଧାତୁରୁ ଧାରଣ କରିବା ଅର୍ଥରେ ଧର୍ମ ଶବ୍ଦ ନିଷ୍ପନ୍ନ ହୋଇଛି। ମହାଭାରତରେ ଉଲ୍ଲେଖ ଅଛି ଯାହା ସମଗ୍ର ପ୍ରଜାକୁଳକୁ ଏକ ସୂତ୍ରରେ ବାନ୍ଧି ଧରି ରଖେ ତାହା ଧର୍ମ। ଏଠାରେ କୌଣସି ନିର୍ଦ୍ଦିଷ୍ଟ ଦେଶର ନୁହେଁ, ସମଗ୍ର ବିଶ୍ୱର ପ୍ରଜାକୁଳ କଥା କୁହାଯାଇଛି। ମାତ୍ର ଆମେ ହିନ୍ଦୁ ଧର୍ମ, ଖ୍ରୀଷ୍ଟ ଧର୍ମ, ବୌଦ୍ଧ ଧର୍ମ, ଇସଲାମ୍ ଧର୍ମ ଭଳି ଶବ୍ଦ ବ୍ୟବହାର କଲାବେଳେ ଧର୍ମ ଶବ୍ଦର ଅର୍ଥକୁ ସଙ୍କୁଚିତ କରି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ରୀତିନୀତିକୁ ବୁଝୁ। ବିଭିନ୍ନ ସମ୍ପ୍ରଦାୟର ଧର୍ମଗ୍ରନ୍ଥଗୁଡ଼ିକରେ ଥିବା ବିବାହ, ଅନ୍ତ୍ୟେଷ୍ଟି କ୍ରିୟା, ଛାଡ଼ପତ୍ର, ଦୈନନ୍ଦିନ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ଥିବା ରୀତିନୀତି କେବେ ବି ସମାନ ନ ଥାଏ। ସେଗୁଡ଼ିକ ମଧ୍ୟରେ ଥାଏ ଅନେକ ଅସାମଞ୍ଜସ୍ୟ ଓ ଅସଂହତି।

ଗୋଟିଏ ସମ୍ପ୍ରଦାୟର ଧର୍ମବିଶ୍ୱାସରେ ଯାହା ନୈତିକ ଆଉ ଏକ ସମ୍ପ୍ରଦାୟର ଧର୍ମ ବିଶ୍ୱାସରେ ତାହା ଅନୈତିକ ହୋଇପାରେ। ଏଣୁ ନୈତିକ ମୂଲ୍ୟବୋଧ ସହ ପ୍ରଚଳିତ ଧର୍ମବିଶ୍ୱାସର କୌଣସି ସିଧାସଳଖ ସମ୍ପର୍କ ନାହିଁ। ଅବଶ୍ୟ ନୈତିକ ବ୍ୟବସ୍ଥାକୁ ନେଇ ଧର୍ମ ସୃଷ୍ଟି ହୋଇପାରେ, ମାତ୍ର ସବୁ ନୈତିକ ବ୍ୟବସ୍ଥା ଧର୍ମ ଆଧାରିତ ନୁହେଁ। ନୈତିକ ଆଚରଣ ସାମାଜିକ ସଂହତି ଆଣେ। ସାଧୁତା, ସମ୍ବେଦନଶୀଳତା, ପାରସ୍ପରିକ ବିଶ୍ୱାସ ଆଦି ଗୁଣକୁ ଆମେ ନୈତିକ ଆଚରଣର ପର୍ଯ୍ୟାୟଭୁକ୍ତ କରିପାରିବା। ଏହି ସବୁ ଗୁଣ ଆମପାଖକୁ ଆଲୌକିକ ଜଗତରୁ



ଆସିନାହିଁ। ସାମୂହିକ ମଙ୍ଗଳ ବିଧାନ କରିବା ପାଇଁ ମହାମନୀଷୀମାନଙ୍କର ଗଭୀର ମନନ ଓ ଚିନ୍ତନ ମଧ୍ୟରୁ ନୈତିକ ମୂଲ୍ୟବୋଧର ସୃଷ୍ଟି ହୋଇଥାଏ। ଈଶ୍ୱରଙ୍କୁ ବିଶ୍ୱାସ ନ କରି ଓ କୌଣସି ସମ୍ପ୍ରଦାୟର ଧର୍ମଗ୍ରନ୍ଥକୁ ଅନୁସରଣ ନ କରି ମଧ୍ୟ ଜଣେ ଜଗତର ମଙ୍ଗଳ ପାଇଁ ଏକ ନୈତିକ ଜୀବନର ସୂତ୍ର ଆବିଷ୍କାର କରିପାରେ। ଗୌତମ ବୁଦ୍ଧ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେଥିପାଇଁ କେହି କେହି ତାଙ୍କୁ ନାସ୍ତିକ କହନ୍ତି। ମାତ୍ର ସେ ଯେଉଁ ନୈତିକ ମୂଲ୍ୟବୋଧର ସୂତ୍ର ଦେଇଥିଲେ ତାହା ବିଶ୍ୱର ପ୍ରଜାକୁଳକୁ ଏକ ନୈତିକ ଜୀବନ ଯାପନ କରିବାର ମାର୍ଗ ଦେଖାଇଛି। ତାଙ୍କ ପ୍ରଚାରିତ ଅଷ୍ଟାଙ୍ଗ ମାର୍ଗ ହେଉଛି ସମ୍ୟକ୍ ଦୃଷ୍ଟି, ସମ୍ୟକ୍ ସଙ୍କଳ୍ପ, ସମ୍ୟକ୍ ବାକ୍, ସମ୍ୟକ୍ କର୍ମ, ସମ୍ୟକ୍ ଜୀବିକା, ସମ୍ୟକ୍ ଚେଷ୍ଟା, ସମ୍ୟକ୍ ସ୍ମୃତି ଓ ସମ୍ୟକ୍ ସମାଧି। ଏହି ନୈତିକ ମୂଲ୍ୟବୋଧର କଥା କହିବା ବେଳେ ବୁଦ୍ଧ ଈଶ୍ୱରଙ୍କୁ ପୂଜା କରିବା କଥା କହିନାହାନ୍ତି କି ମନ୍ଦିରକୁ ଯିବା କଥା କହିନାହାନ୍ତି।

ସାମ୍ପ୍ରଦାୟିକ ଧର୍ମ କେବେ ତର୍କ ଆଧାରିତ ହୁଏନାହିଁ। ଏହା ହୁଏ ବିଶ୍ୱାସ ଆଧାରିତ। ଅନେକ ସମୟରେ ସେହି ବିଶ୍ୱାସ କୁସଂସ୍କାର ଓ ପରମ୍ପରା ପର୍ଯ୍ୟବସିତ ହୋଇଥାଏ। ମାତ୍ର ନୈତିକ ମୂଲ୍ୟବୋଧ ସର୍ବଦା ତର୍କ ଆଧାରିତ ଓ ଯୁକ୍ତି ସମ୍ମତ ହୋଇଥାଏ। ସେହି ଯୁକ୍ତି ପଛରେ ଥାଏ ମନନ ଓ ବିବେକାନୁମୋଦନ। ବିବେକ ସର୍ବଦା ଏକ ନୈତିକ ଜୀବନ ଯାପନ କରିବା ପାଇଁ ପ୍ରେରଣା ଦିଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କ୍ଷୁଦ୍ର କାହାଣୀ।

ଜେସ୍ ବେନ୍ ନାମରେ ଥିଲେ ଜଣେ ଜୈନ ଧର୍ମଗୁରୁ। ସେ ନିଜର ସାଧୁତା ଓ ସଚ୍ଚୋଟତା ପାଇଁ ସୁବିଦିତ ଥିଲେ। ପ୍ରତ୍ୟେକ ଦିନ ସେ ଭିକ୍ଷା କରି ନିଜର ଆହାର ସଂଗ୍ରହ କରୁଥିଲେ। ଦିନକର ଘଟଣା। ମଧ୍ୟାହ୍ନ ଅତିକ୍ରାନ୍ତ ହେବା ପରେ ମଧ୍ୟ ତାଙ୍କୁ କୌଣସି ଭିକ୍ଷା ମିଳିଲା ନାହିଁ। କ୍ଷୁଧାର୍ତ୍ତ ଅବସ୍ଥାରେ ସେ ପହଞ୍ଚିଲେ ଜଣେ ଗୃହସ୍ଥଙ୍କ ଘରେ। ଗୃହସ୍ଥ ଜଣକ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ଧର୍ମପତ୍ନୀଙ୍କୁ ଆଦେଶ ଦେଲେ। ସେ ନିଜେ ରୋଷେଇ ଘରକୁ ଯାଇ ଖାଦ୍ୟ ପ୍ରସ୍ତୁତିରେ ଧର୍ମପତ୍ନୀଙ୍କୁ ସାହାଯ୍ୟ କଲେ। ଜେସ୍ ବେନ୍ ବସିଥିବା କୋଠରିରେ ଏକ କାଚ ଜାର୍‌ରେ ଥିବା କିଛି ସୁସ୍ୱାଦୁ ବିସ୍କୁଟ୍ ତାଙ୍କ ଦୃଷ୍ଟି ଆକର୍ଷଣ କଲା। ସେ କ୍ଷୁଧାତାଡ଼ିତ ଥିବାରୁ ବିସ୍କୁଟ ବାହାର କରିବା ପାଇଁ ଡାହାଣ ହାତକୁ ଜାର୍‌ରେ ପୂରାଇଲେ। ମାତ୍ର ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲେ, ''ଚୋର, ଚୋର''। ଚିତ୍କାର ଶୁଣି ପତିପତ୍ନୀ ଆସି ଦେଖିଲେ ଜେସ୍ ବେନ୍ ବାମ ହାତରେ ବୋତଲ ଭିତରେ ପୂରାଇଥିବା ଡାହାଣ ହାତକୁ ମାଡ଼ି ବସି 'ଚୋର ଚୋର' ଚିତ୍କାର କରୁଛନ୍ତି। ତାଙ୍କର ଏହି ଅଦ୍ଭୁତ ଆଚରଣ ସମ୍ପର୍କରେ ପତିପତ୍ନୀ ପଚାରନ୍ତେ ସେ କହିଲେ ''ମଣିଷର ମସ୍ତିଷ୍କରେ ଦୁଇଟି ପ୍ରକ୍ରିୟା କାମ କରେ। ଗୋଟିଏ ହେଲା ମନର ଓ ଅନ୍ୟଟି ହେଲା ବିବେକର। ମନ ଚାହେଁ ପ୍ରବୃତ୍ତିଗତ ଇଚ୍ଛାକୁ ତତ୍‌କ୍ଷଣାତ୍ ପୂରଣ କରିବା ପାଇଁ, ମାତ୍ର ବିବେକ ସେହି ଇଚ୍ଛାକୁ ତର୍ଜମା କରେ ଓ ତାହା ଠିକ୍ ନୁହେଁ ବୋଲି ଅନୁଭବ କଲେ ତାକୁ ଅଟକାଇ ଦିଏ ଏବେ ତାହା ହିଁ ଘଟିଛି।'' କୌଣସି କାର୍ଯ୍ୟ ନୈତିକ ନା ଅନୈତିକ ତାହା ତର୍କକୁ ଆଧାର କରି ନିର୍ଦ୍ଧାରଣ କରେ ବିବେକ। ବିବେକ ଧର୍ମନୀତି ଦ୍ୱାରା ନିୟନ୍ତ୍ରିତ ହୋଇପାରେ। ମାତ୍ର ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଧର୍ମନୀତିରେ ବିଶ୍ୱାସ ରଖି ନ ଥିବା ଲୋକର ମଧ୍ୟ ବିବେକ କାମ କରେ। ସେ ମଧ୍ୟ ଦୈନନ୍ଦିନ ଜୀବନରେ କାର୍ଯ୍ୟ କଲାବେଳେ ମନ ଓ ବିବେକର ସଂଘର୍ଷର ସମ୍ମୁଖୀନ ହୁଏ। ଶେଷରେ ବିବେକ ଯେଉଁ କାର୍ଯ୍ୟକୁ ଅନୁମୋଦନ କରେ ତାକୁ ସେ ନୈତିକ ଭାବରେ ଗ୍ରହଣ କରିଥାଏ। ଯେତେବେଳେ ସେ ବିବେକର ଆହ୍ୱାନକୁ ଅବଦମନ କରି ମନର ଆହ୍ୱାନକୁ ବିନା ବିଚାରରେ ଗ୍ରହଣ କରେ ସେ ହୁଏତ ଅନୈତିକ କାର୍ଯ୍ୟ କରିବାର ସମ୍ଭାବନା ଥାଏ ।

ଆମେ 'ନୈତିକ', 'ଅନୈତିକ' ଶବ୍ଦ ବ୍ୟବହାର କଲାବେଳେ ନିଜ ସମ୍ପ୍ରଦାୟର ଧର୍ମନୀତିକୁ ଆଧାର କରି ବିଚାର କରୁ। ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜ ଧର୍ମନୀତି ଅନୁସାରେ ସେମାନଙ୍କ କର୍ମକୁ ବିଚାର କଲେ ସମଗ୍ର ବିଶ୍ୱର 'ନୈତିକ' ଓ 'ଅନୈତିକ'ର ସଂଜ୍ଞା କେବେ ସମାନ ହେବ ନାହିଁ। ଯେଉଁ ନୀତି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ପ୍ରଜାକୁଳକୁ ନୁହେଁ, ସମଗ୍ର ଜଗତର ପ୍ରଜାକୁଳକୁ ଶୃଙ୍ଖଳିତ ଭାବରେ ଧରି ରଖେ ତାକୁ ଧର୍ମ ଭାବରେ ଗ୍ରହଣ କଲେ ଧର୍ମ ଓ ନୈତିକତା ମଧ୍ୟରେ ଅସଂହତି ରହିବ ନାହିଁ। ବିଭିନ୍ନ ସମ୍ପ୍ରଦାୟର ଧାର୍ମିକ ରୀତିନୀତିରେ ବିବିଧତା ସତ୍ତ୍ୱେ ଅନେକ କିଛି ସାମଞ୍ଜସ୍ୟ ରହିଛି ଯାହା ମଣିଷ ମାତ୍ରକେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ବିପଦରେ ପଡ଼ିଥିବା ଲୋକକୁ ସାହାଯ୍ୟ କରିବା, ପରୋପକାର କରିବା, ସତ୍ୟ କହିବା, ଅନ୍ୟକୁ ଘୃଣା ନ କରିବା, ଇନ୍ଦ୍ରିୟ ସଂଯମ କରିବା ଆଦି ଗୁଣ ଆଚରଣରେ ପ୍ରୟୋଗ କରିବା ପାଇଁ ପ୍ରାୟ ସବୁ ଧର୍ମଗ୍ରନ୍ଥ ଉପଦେଶ ଦିଅନ୍ତି। ସମଗ୍ର ପୃଥିବୀର ମଣିଷଙ୍କର ଏହି ସାର୍ବଜନୀନ ମଙ୍ଗଳକାରକ ଗୁଣଗୁଡ଼ିକ ହେଉଛି ମୂଲ୍ୟବୋଧ। ନିଜଠାରୁ ବୃହତ୍ତର ଓ ମହତ୍ତର ଏକ ଉପଲବ୍ଧି ନିମନ୍ତେ ଜୀବନ ବଞ୍ଚିବା ଓ ନିଜର କଲ୍ୟାଣ କହିଲେ ଏକ ବୃହତ୍ତର କଲ୍ୟାଣ ତଥା ମଙ୍ଗଳକୁ ବୁଝିବା ହେଉଛି ପ୍ରକୃତ ନୈତିକ ମୂଲ୍ୟବୋଧ। ସେହି ସ୍ତରରେ ଧର୍ମ ଓ ନୈତିକତା ମଧ୍ୟରେ କୌଣସି ପାର୍ଥକ୍ୟ ରହେନାହିଁ।

ମୋ:୯୪୩୭୩୨୯୨୬୩

# ନେତା ହେବାକୁ ଅନୁକୂଳ ପରିବେଶ




ସୁଧାଂଶୁ ରଞ୍ଜନ ଦାସ

ସଭା ସମିତି, ଜଳଖିଆ ଦୋକାନ, ଚା' ଦୋକାନ, ପାନ ଦୋକାନ ଆଗରେ ଓ ଘରେ ବସି ସାଙ୍ଗସାଥୀ ସହିତ କଥାହେଲା ବେଳେ ଅନେକ ଶିକ୍ଷିତ ଲୋକ କହିଥା'ନ୍ତି, ସବୁ ଅରାଜକତା ଏହି ନେତାଙ୍କ ପାଇଁ ହେଉଛି। ତୁମକୁ ନେତା ହେବାକୁ କିଏ ମନାକଲା କି ପଚାରିବାରୁ ଉତ୍ତର ଆସିଲା ରାଜନୈତିକ ଦଳ କ'ଣ କେବେ ଆମକୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେବ। ଅନେକ ଶିକ୍ଷିତ ଲୋକ କହନ୍ତି ଅର୍ଥବଳ ଓ ବାହୁବଳ ନ ଥିଲେ ଜଣେ ନିର୍ବାଚନ ଜିତି ପାରିବ ନାହିଁ। ଯଦିଓ ଏହା ଅନେକ ମାତ୍ରାରେ ସତ, ଶିକ୍ଷିତ ଲୋକ ଯଦି ଏହି ସତ୍ୟକୁ ସ୍ୱୀକାର କରି ରାଜନୀତିକୁ ଓହ୍ଲାଇବେ ନାହିଁ ତେବେ ଏହା ଗଣତନ୍ତ୍ରକୁ ନଷ୍ଟ କରିଦେବା ସହ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ପାରିବାରିକ ପରିବେଶକୁ ଧ୍ୱଂସ କରିଦେବ। ଯଦି ଲୋକବଳ କିମ୍ବା ଅର୍ଥବଳ ନାହିଁ ପ୍ରୟାସ କରିବାରେ କୌଣସି କ୍ଷତି ନାହିଁ। ଯଦିଓ ଆଜିର ଗଣତନ୍ତ୍ର ଅର୍ଥବଳ, ବାହୁବଳ ଓ ଭୋଟବ୍ୟାଙ୍କ ରାଜନୀତି ଭିତରେ ଶ୍ୱାସରୁଦ୍ଧ ହେଲା ପରି ଜଣାପଡ଼େ, ଏହି ପରିସ୍ଥିତି ଆହୁରି ଭୟାନକ ହେବା ପୂର୍ବରୁ ଶିକ୍ଷିତ ଯୁବପିଢ଼ି, ମଧ୍ୟବୟସ୍କ ଓ ଅବସରପ୍ରାପ୍ତ ଲୋକ ରାଜନୀତିକୁ ଆସିବା ଦରକାର। ମୁଁ ବୁଢ଼ା ହୋଇଗଲିଣି କହି ନିଜ ଦାୟିତ୍ୱରୁ ମୁହଁ ମୋଡ଼ିଦେବା କାପୁରୁଷତା ହେବ। ରାଜନୀତିକୁ ନିଜର ବୃତ୍ତିରେ ପରିଣତ କରିବା ପାଇଁ ଓଡ଼ିଶାରେ ଅନେକ ସମ୍ଭାବନା ଅଛି।

ଓଡ଼ିଶାରେ ଥିବା ବିଭିନ୍ନ ଆର୍ଥିକ ଗତିବିଧି ଯଥା କୃଷି, ହସ୍ତଶିଳ୍ପ, ମାଛଚାଷ, ଗୋପାଳନ, ଜଙ୍ଗଲଜାତ ଦ୍ରବ୍ୟ, ପର୍ଯ୍ୟଟନ କ୍ଷେତ୍ର, ସେବା ଓ ଶିଳ୍ପକ୍ଷେତ୍ର ଉପରେ ତୃଣମୂଳ ଜ୍ଞାନ ଥିବା ଲୋକ ଏକ ଯୋଗ୍ୟ ନେତା ହୋଇପାରିବ। ରାଜ୍ୟର ଇତିହାସ, ସଂସ୍କୃତି ଓ ସାମାଜିକ ପରିବେଶ ଉପରେ ଗଭୀର ଜ୍ଞାନ ଭଲ ନେତା ହେବାରେ ସହାୟକ ହୋଇଥାଏ। ପ୍ରକୃତ ତୃଣମୂଳ ଜ୍ଞାନ ଥିବା ନେତା ମନଗଢ଼ା କାହାଣୀ କହି ଲୋକଙ୍କୁ ବିକାଶର କୁହେଳିକା ଦେଖାଉଥିବା ନେତାଙ୍କୁ ନିର୍ବାଚନରେ ହରାଇପାରିବେ। ରାଜନୀତିରେ ଯୋଗଦେବା ପୂର୍ବରୁ ପ୍ରାର୍ଥୀ ଜଣକ ଓଡ଼ିଶା ଉପଯୋଗୀ ବିକାଶ ମଡେଲର ଏକ ନକ୍ସା ତିଆରି କରି ଲୋକଙ୍କୁ ଏହା ବୁଝାଇବା ସଙ୍ଗେ ସଙ୍ଗେ ସମସ୍ତ ବିନାଶକାରୀ ଆର୍ଥିକ ଗତିବିଧି ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରାଇବା ଦରକାର।

ନିଜ ଭିତରେ ଜ୍ଞାନ, ଇଚ୍ଛାଶକ୍ତି, ଶାରୀରିକ ଓ ନୈତିକ ସାହସର ଉର୍ଜା ପ୍ରଜ୍ୱଳିତ ହେଲେ ଶିକ୍ଷିତ ଯୁବନେତା ଅର୍ଥ ଓ ବାହୁବଳରେ ସଜ୍ଜିତ ଯେକୌଣସି ନେତାଙ୍କୁ ଧରାଶାୟୀ କରିଦେବ।

ନିୟମିତ ଲୋକ ସମ୍ପର୍କ କରୁଥିବା ନେତା ନିଜକୁ ଏକ ଅମୋଘ ଅସ୍ତ୍ରରେ ପରିଣତ କରିଥାଏ। ମହାତ୍ମା ଗାନ୍ଧୀଙ୍କର ଲୋକ ସମ୍ପର୍କ ଏତେ ସୁଦୃଢ଼ ଥିଲା ଯେ, ସେ ଡାକରା ଦେଲାମାତ୍ରେ ଅନେକ ହଜାର ଲୋକ ରୁଣ୍ଡ ହୋଇଯାଉଥିଲେ। ଲବଣ ସତ୍ୟାଗ୍ରହ ବେଳେ ମହାତ୍ମା ଗାନ୍ଧୀ ଗୁଜରାଟର ଦାଣ୍ଡି ଉପକୂଳରୁ ମୁଠାଏ ଲୁଣ ଉଠାଇ ନେଇଥିଲେ। ଏହା ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟର ଚେରକୁ ଦୋହଲାଇ ଦେଇଥିଲା। ମହାରାଷ୍ଟ୍ରର ରାଲେଗାଓଁ ସିଦ୍ଧି ଗାଁର ଆନ୍ନା ହଜାରେ ନିଜର ସଚ୍ଚୋଟତା, ନିଷ୍ଠା ଓ ସମାଜସେବା ପାଇଁ



ଦେଶବାସୀଙ୍କ ହୃଦୟ ଜିତିପାରିଥିଲେ। ଜନ ଲୋକପାଲ ବିଲ୍ ପାଇଁ ଆନ୍ନାଙ୍କ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ସତ୍ୟ, ବିଶୁଦ୍ଧତା ଓ ଚରିତ୍ରର ଅଖଣ୍ଡତା ମହାଦେବଙ୍କ ତ୍ରିଶୂଳ ଭଳି ଶକ୍ତିଶାଳୀ ପ୍ରତିପାଦିତ ହୋଇଥାଏ। ଶିକ୍ଷିତ ଯୁବପିଢ଼ି ରାଜନୀତିରେ ପାଦଦେବା ପୂର୍ବରୁ ଓଡ଼ିଶାର ପ୍ରତ୍ୟେକ ସହର ଓ ଗାଁଗୁଡ଼ିକ ଦେଖିବା ଦରକାର। ଓଡ଼ିଶାର ପ୍ରତ୍ୟେକ ନଦୀ, ପାହାଡ଼, ହ୍ରଦ ଓ ଝରଣାର ପ୍ରକୃତ ସ୍ଥିତି ସେମାନେ ଜାଣିବା ଉଚିତ। ଗାଁ ଓ ସହରରେ ସାଧାରଣ ଲୋକେ କିପରି ଜୀବନଯାପନ କରୁଛନ୍ତି, ସେମାନଙ୍କ ସାଙ୍ଗରେ ନ ରହିଲେ ତାହା ଜାଣିହେବ ନାହିଁ। ଓଡ଼ିଶାବାସୀଙ୍କ ସୁବିଧା, ଅସୁବିଧା ଓ ସମସ୍ୟାକୁ ନିଜେ ଅଙ୍ଗେ ନ ଲିଭାଇଲେ ଜଣେ ଭଲ ନେତା ହେବା ସମ୍ଭବ ନୁହେଁ। ଶ୍ରୀରାମ ଜଙ୍ଗଲ ଓ ପାହାଡ଼ରେ ୧୪ ବର୍ଷ ରହିବା ଫଳରେ ସେ ରାଜ୍ୟବାସୀଙ୍କ ସୁବିଧା ଅସୁବିଧାକୁ ଅଙ୍ଗେ ଲିଭାଇଥିଲେ। ଫଳରେ ସେ ଭାରତ ଓ ଭାରତ ବାହାରେ ଅନେକ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା କରିପାରିଥିଲେ। ରାମଙ୍କ ପରି ପାଣ୍ଡବମାନଙ୍କର ୧୩ ବର୍ଷ ବନବାସ ସେମାନଙ୍କୁ ସୁଶାସକରେ ପରିଣତ କରିଥିଲା। ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମ ବେଳେ ୭୯,୦୦୦ କିଲୋମିଟର ଚାଲି ଚାଲି ଲୋକ ସମ୍ପର୍କ କରିଥିଲେ। ଭାରତୀୟଙ୍କ ଜୀବନଶୈଳୀ ଓ ଆର୍ଥିକ ଗତିବିଧିକୁ ଅନୁଧ୍ୟାନ କରି ସେ ସେମାନଙ୍କୁ ଏକ ସ୍ୱଦେଶୀ ଆର୍ଥିକ ମଡେଲ ଉପହାର ଦେଇଥିଲେ। ଏହି ପରିବେଶ ଉପଯୋଗୀ ସ୍ୱଦେଶୀ ଆର୍ଥିକ ମଡେଲ ବିଶ୍ୱର ସମସ୍ତ ଦେଶ ପାଇଁ ଆଜି ମଧ୍ୟ ପ୍ରଯୁଜ୍ୟ। ଓଡ଼ିଶାରେ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧି ଅଛି, ଯାହା ଓଡ଼ିଶା ପାଇଁ ରୋଜଗାର ସୃଷ୍ଟି କରିବ। ଓଡ଼ିଶା ହସ୍ତଶିଳ୍ପଗୁଡ଼ିକର ଗୁଣାତ୍ମକ ମାନ ରକ୍ଷା କରାଯାଇପାରିଲେ ଏହା ରାଜ୍ୟରେ ଅନେକ ରୋଜଗାର ସୃଷ୍ଟି କରିବା ସହ ବିଦେଶୀ ମୁଦ୍ରା ମଧ୍ୟ ଅର୍ଜନ କରିପାରିବ। କଳାର ଉତ୍କର୍ଷତା କ'ଣ ଏହା ନେତା ହେବା ପାଇଁ ଆଗ୍ରହୀ ବ୍ୟକ୍ତି ଜାଣିବା ଦରକାର। ଏକ ସୁସ୍ଥ ସମାଜ ଓ ପରିବେଶ ଉପଯୋଗୀ ଆର୍ଥିକ ଗତିବିଧି ପାଇଁ ସୁସ୍ଥ ଗଣତନ୍ତ୍ରର ଆବଶ୍ୟକତା ଅଛି।

ଅନେକ ଦେଶରେ ଗଣତନ୍ତ୍ରର ଅବନତି ପାଇଁ ଲୋକେ ଗଣମାଧ୍ୟମକୁ ଦୋଷୀ କରିଥା'ନ୍ତି। କିନ୍ତୁ ସବୁ ଗଣମାଧ୍ୟମ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ଏବେବି କେତେକ ଗଣ ମାଧ୍ୟମରେ ଅନେକ ସାମ୍ବାଦିକ ନିଷ୍ଠାର ସହିତ ସମାଜ ପ୍ରତି ନିଜର ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଅନେକ ସଚ୍ଚୋଟ ସାମ୍ବାଦିକ ପରିସ୍ଥିତିକୁ ଦେଖି ସୁପ୍ତ ଅବସ୍ଥାରେ ଅଛନ୍ତି। ତୃଣମୂଳ ଜ୍ଞାନ, ଶାରୀରିକ ଶକ୍ତି, ନୈତିକ ସାହସ, ଆଧ୍ୟାତ୍ମିକ ଶକ୍ତି ଓ ଉତ୍ତମ ବ୍ୟବହାରରେ ସଜ୍ଜିତ ନେତା ଗଣମାଧ୍ୟମରେ ଥିବା ଏହି ସକାରାତ୍ମକ ଉର୍ଜ୍ଜାକୁ ପ୍ରଜ୍ୱଳିତ କରିପାରିବ। ରାମାୟଣ ଓ ମହାଭାରତ ଯୁଗରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା, ଉତ୍କଳ କିମ୍ବା କଳିଙ୍ଗର ଲୋକମାନେ ଏହି ରାଜନୈତିକ ବ୍ୟକ୍ତିତ୍ୱର ଅପେକ୍ଷାରେ ଅଛନ୍ତି। ଓଡ଼ିଶାରେ ଏହି ବ୍ୟକ୍ତିତ୍ୱର ଅଧିକାରୀ କିଏ ସମୟ ହିଁ ବତାଇବ।

ମୋ:୭୭୦୨୩୮୩୮୮୦

## ଏଇ ଭାରତରେ

ଦିଲ୍ଲୀର କିଡ୍‌ୱାଇ ନଗରରେ ଚାଲୁଛି ଏକ ନିଆରା ସ୍କୁଲ। ଏହି ସ୍କୁଲର ଘର ନାହିଁ କି କୌଣସି ସରକାରୀ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷା ଦିଆଯାଉନାହିଁ। ପିଲାମାନେ ଗଛମୂଳେ ପଢୁଛନ୍ତି, ତାହା ପୁଣି ସପ୍ତାହାନ୍ତରେ ଥରେ। ପିଲାଙ୍କୁ ଏଥିପାଇଁ ପଞ୍ଜୀକୃତ କରିବାକୁ ପଡୁନାହିଁ। ଏହି ସ୍କୁଲକୁ କୁହାଯାଉଛି 'ସ୍କୁଲ ଅଫ୍ ଟ୍ରିଜ୍' ଏବଂ ଏହାର ଶିକ୍ଷକ ହେଉଛନ୍ତି ଭାରତୀୟ ରାଜସ୍ୱ ସେବା ଅଧିକାରୀ ରୋହିତ ମେହର ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି। ସ୍କୁଲରେ ପିଲାଙ୍କୁ ବିଜ୍ଞାନ, ପରିବେଶଗତ ଜ୍ଞାନକୁ ପରୀକ୍ଷଣ, ଖେଳ ମାଧ୍ୟମରେ ପ୍ରଦାନ କରାଯାଉଛି। । ସ୍କୁଲ୍ ଅଫ୍ ଟ୍ରିଜ୍ ଚଳାଇବା ପୂର୍ବରୁ ରୋହିତ ଓ ଗୀତାଞ୍ଜଳି ଅଦରକାରୀ ପ୍ଲାଷ୍ଟିକ ବ୍ୟବହାର କରି ଭର୍ଟିକାଲ ଗାର୍ଡେନ କରିବା ସହ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ। ସେମାନେ ୨୦୨୧ରେ ଅମୃତସରରେ ଟ୍ରି ହସ୍‌ପିଟାଲ ମଧ୍ୟ ପ୍ରତିଷ୍ଠା କରି ଗଛଗୁଡ଼ିକର ଯତ୍ନ ନେଉଥିଲେ। ପରେ ୨୦୨୫ରେ ସ୍କୁଲ ଅଫ୍ ଟ୍ରିଜ ପ୍ରତିଷ୍ଠା କରିଥିଲେ। ଏହି ସ୍କୁଲରେ ୭ରୁ ୧୭ ବର୍ଷ ବୟସର ପିଲା ପଢ଼ିବାକୁ ଆସୁଛନ୍ତି ଏବଂ ପିଲାସଂଖ୍ୟା ଏବେ ୪୫।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଫେବୃଆରୀ ୧୯୭୭

- ପି.କେ. ଦେଓଙ୍କୁ ସମର୍ଥନ କରିବା ଲାଗି କଂଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ମନମୁଖୀ ଭାବେ ନିଷ୍ପତ୍ତି କରିଥିବା ପ୍ରତିବାଦ ସ୍ୱରୂପ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଉପସଭାପତି ଓ ସମ୍ପାଦକଙ୍କ ସମେତ ବହୁ ନେତାଙ୍କ ଇସ୍ତଫା ପ୍ରଦାନ।
- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ବିଭିନ୍ନ ଭାଷା ଉପରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୪୩ଟି ଛାତ୍ରବୃତ୍ତି ଦେବା ନିଷ୍ପତ୍ତି କରିଛନ୍ତି।

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟାଟା ପାୱାର ଶୋଷଣ କରୁଛି

ମହାଶୟ,

ରାଜ୍ୟରେ ଟାଟା ପାୱାର ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରି ଚାଲିଛି। ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପାଇଁ ନୋଟିସ ଦିଆଯାଇଛି। ଜୋରଜବରଦସ୍ତ ସ୍ମାର୍ଟ ମିଟର ବସାଯାଉଛି। ସରକାରୀ ମିଟରରୁ ୩୦୦ କୋଟି ଟଙ୍କା ବେଆଇନ ଭାବେ ଟାଟା ପାୱାର ଆଦାୟ କରିଛି। କିନ୍ତୁ ଟାଟା ପାୱାର ଠକେଇ ପାଇଁ କିଛି କାର୍ଯ୍ୟାନୁଷ୍ଠାନ ନାହିଁ। ଏଥିପାଇଁ ଶକ୍ତି ବିଭାଗ କ'ଣ କରୁଛି? ସେପଟେ ସମୀକ୍ଷା ନକରି ରାଜ୍ୟ ସରକାର ୭୩୫ କୋଟି ଟଙ୍କା ଟାଟା ପାୱାରକୁ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସାଧାରଣ ଲୋକଙ୍କ ଟିକସ ପଇସାରେ ମିଟର ଲଗାଇ ଟାଟା ପାୱାର ମନଇଚ୍ଛା ଶୋଷଣ କରି ଚାଲିବେ। ଏହା ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ରେ ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କଞ୍ଜ୍ୟୁମର୍ସ ରୁଲ୍-୨୦୨୦ର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ସରକାରଙ୍କ ନିଷ୍କ୍ରିୟତାରେ ଟାଟା କମ୍ପାନୀ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ବସାଇ ବେଆଇନ ଭାବେ ଗ୍ରାହକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ୬୦ଲକ୍ଷ ଉପଭୋକ୍ତାଙ୍କ ନିକଟରେ ସ୍ମାର୍ଟ ମୋବାଇଲ ନାହିଁ। ଇଣ୍ଟରନେଟ୍ ନାହିଁ କି ଟେଲିଫୋନ ସୁବିଧା ନାହିଁ। ସେମାନେ ଏହି ସ୍ମାର୍ଟ ମିଟରର ବ୍ୟବହାର ଓ ପରିଚାଳନା କିପରି କରିପାରିବେ। ଏପରି ସ୍ଥଳେ ସେମାନଙ୍କ ପାଇଁ ସ୍ମାର୍ଟ ମିଟର ବସାଇବାର କୌଣସି ପ୍ରାସଙ୍ଗିକତା ନାହିଁ।

**-ଶ୍ୟାମ ସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଦେଶୀ ମଦ ଜବତ, ଜଣେ ଗିରଫ

ହାଟଡ଼ିହି,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ପୋଲିସ ବିଦେଶର ମଦ ଜବତ କରିବା ସହ ଜଳକଳଙ୍ଗ ଗ୍ରାମର ଦୀପକ ଦଳେଇଙ୍କୁ ଗିରଫ କରିଛି। ଦୀପକ ବିଦେଶୀ ମଦ ନେଇ ରାସ୍ତାରେ ଯାଉଥିବା ବେଳେ ପୋଲିସ କର୍ମଚାରୀ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ନିକଟରୁ ୯ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। ଏକ ମାମଲା (ନଂ.୬୯/୨୦୨୬ )ରୁଜୁ ହୋଇଛି।

## ସଂକ୍ଷେପରେ

### ଦନ୍ତା ଆକ୍ରମଣରେ ଯୁବକ ମୃତ

ଯୋଡ଼ା,୧୫।୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ତଥା ନୟାଗଡ଼ ପଞ୍ଚାୟତ ରିନେକ୍ସାପାଲି ମାର୍କେଟ ପଡ଼ିଆଠାରେ ରବିବାର ଭୋର ୫ଟା ସମୟରେ ଦନ୍ତା ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁମ୍ପୁରା ବ୍ଲକ୍ ବସନ୍ତପୁର ପଞ୍ଚାୟତ ସରଦାପଙ୍କ ଗାଁର ଟେରେକା ମାଝୀଙ୍କ ପୁଅ ସନ୍ତୋଷ(୩୦)। ଏ ନେଇ ବାମେବାରି ଫରେଷ୍ଟର ବୁଲୁ ନାହାକ କହିଛନ୍ତି, ଯୁବକ ଜଣକ ବସନ୍ତପୁର ଅଞ୍ଚଳର, ସେ ସରଦାପଙ୍କୁ ଆସିଥିଲେ। ବାମେବାରୀ ଥାନାକୁ ଜଣାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଶ୍ରଦ୍ଧା ବୃଦ୍ଧା ଆଶ୍ରମର ଭୂମିପୂଜା

କାଳିପଦା,୧୫।୨(ରାଜଶ୍ରୀ ପାଣିଗ୍ରାହୀ): ବସୁନ୍ଧରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାଲିଆପାଳ ବ୍ଲକ ଛଡ଼ାଠାରେ ଶ୍ରଦ୍ଧା ବୃଦ୍ଧା ଆଶ୍ରମର ଜାଗା ଅଭାବ ଯୋଗୁ ମହାଶିବରାତ୍ରି ଅବସରରେ ଡେମୁରିଆଠାରେ ନୂତନ ଗୃହ ନିର୍ମାଣ ପାଇଁ ରବିବାର ପୂର୍ବାହ୍ନରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ବକ୍ତା ଏସ୍‌ଡିପିଓ ମାନସ ଦେଓଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଧଳ, ସାମାଜିକ କର୍ମୀ ବିମଳ କୁମାର ଦେ, ଶିକ୍ଷାବିତ୍ ରଞ୍ଜନ କୁମାର ବେହେରା, ଗ୍ରାମର ମୁଖିଆ ସନ୍ୟାସୀ ମହାନ୍ତି, ହରେନ୍ଦ୍ର ଜେନା, ଟ୍ରଷ୍ଟ ସଭାପତି ସନ୍ତୋଷ କୁମାର ଲେଙ୍କା, ସମ୍ପାଦିକା ତପସ୍ୱିନୀ କର ପ୍ରମୁଖ ଯୋଗ ଦେଇଥିଲେ। ଆଶ୍ରମର କୋର୍ଡିନେଟର ବରିଷ୍ଠ ଖବରଦାତା ରବିରଞ୍ଜନ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବବିତା ସାହୁ, ମଞ୍ଜୁଲତା ଦାସ, ସତ୍ୟଭାମା ଜେନା, ଝରଣା ରାଉତ, ଗୌରିମଣୀ ବେହେରା, ଭୀଷ୍ମ ଚରଣ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

### ମାତୃପିତୃ ପୂଜନ ଉତ୍ସବ

ବାସୁଦେବପୁର,୧୫।୨(କାଳିପଦ ରାୟ): ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କବି ଓ ସାହିତ୍ୟିକ ବିକାଶ କୁମାର ଶତପଥୀ ଯୋଗଦେଇ ବର୍ତ୍ତମାନ ସମାଜରେ ମା' ବାପାଙ୍କର ଦାୟିତ୍ୱ ସହ ଝିଅ ପୁଅମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସସ୍ମିତା ରାଉତ ଅତିଥି ପରିଚୟ ଓ ପ୍ରଧାନଆଚାର୍ଯ୍ୟ ମଦନ ମୋହନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ର ନିଜର ମା' ବାପାଙ୍କୁ ପୂଜା କରିଥିଲେ। ରାଜଶ୍ରୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଲଦା ସଂରକ୍ଷିତ ଜଙ୍ଗଲରେ ବେଆଇନ କାମ

## ସମତଳ ସ୍ଥାନରେ ଜଳ ସଂରକ୍ଷଣ ପ୍ରକଳ୍ପ

କେନ୍ଦୁଝର,୧୫।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ଶଙ୍କିରୀ ପଞ୍ଚାୟତ ପୋଟଳ ଗ୍ରାମ ନିକଟ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲରେ ବିନା ଅନୁମତିରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଫଳରେ ଜଙ୍ଗଲ ଓ ପରିବେଶ କ୍ଷତି ହେବା ସହ ବନ୍ୟପ୍ରାଣୀ ପ୍ରଭାବିତ ହେଉଛନ୍ତି। ଏଥିପ୍ରତି ବନ ବିଭାଗ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ବିନା ଅନୁମତିରେ କାମ କରାଯାଉଥିବା ଅଭିଯୋଗ ହେଉଛି।

କେନ୍ଦୁଝର ଆଇଟିଡିଏ ଏବଂ ସଦର ବ୍ଲକ୍ ପକ୍ଷରୁ ଭିନ୍ନ ଭିନ୍ନ ଜାଗାରେ ବର୍ଷାଜଳ ସଂରକ୍ଷଣ ପରିଚାଳନା ପ୍ରକଳ୍ପ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଇଛି। ଏହି କାମରେ ଜଙ୍ଗଲ ଭିତରେ ଜଳ ସଂରକ୍ଷଣ କରିବା ପାଇଁ ମାଟି ଖୋଳାଯାଇଛି। ମାଟିଖୋଳା ଯୋଗୁ ସୃଷ୍ଟି ହେଉଥିବା ବହୁ ସଂଖ୍ୟାରେ ଖାଲଖମା ହାତୀ ତଥା ଅନ୍ୟ ବନ୍ୟପ୍ରାଣୀଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟିକରୁଛି। ବିଶେଷକରି ଛୁଆହାତୀ ଖାଲରେ ପଡ଼ି ଆହତ ହେବା ଆଶଙ୍କା ରହିଛି। ଏଥିସହ ମାଟି ଖୋଳା ଯୋଗୁ ଜଙ୍ଗଲ ଅଭିବୃଦ୍ଧିରେ ସମସ୍ୟା ଦେଖାଦେବ। ଛୋଟ ଗଛ, ଲତା, ବୁଦା ଆଦି ନଷ୍ଟ ହେଉଛି। ନିୟମ ଅନୁଯାୟୀ ଜଙ୍ଗଲ ମଧ୍ୟରେ କୌଣସି ପ୍ରକଳ୍ପ କରାଗଲେ ବନ ବିଭାଗର ଅନୁମତି ନେବା ଜରୁରୀ। ଏଭଳି କ୍ଷେତ୍ରରେ ଜଙ୍ଗଲ ବିଭାଗର ଅନୁମତି ନ ନିଆଯାଇ କାମ ହେଉଥିଲେ ହେଁ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ କାର୍ଯ୍ୟକୁ ପ୍ରୋତ୍ସାହନ ମିଳୁଛି। ଏ ନେଇ ସ୍ଥାନୀୟ ଲୋକେ ଡିଏଫ୍‌ଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏଭଳି ଜଳ ସଂରକ୍ଷଣ କାମ ସାଧାରଣତଃ ପାହାଡ଼ିଆ ସ୍ଥାନରେ ହୋଇଥାଏ। ଫଳରେ ଗଡ଼ିଯାଉଥିବା ବର୍ଷାପାଣି ସଂରକ୍ଷଣ ହେବ ଏବଂ ପାଣି ନଷ୍ଟ ନ ହୋଇ ମାଟି ତଳକୁ ଯିବ। ତେବେ ଟାର୍ଗେଟ ପୂରଣ ପାଇଁ ଏଭଳି ତରବରିଆ ଭାବରେ କାମକରି ପରିବେଶ ନଷ୍ଟକରିବା ସହ ସରକାରଙ୍କ ଅର୍ଥ ଶ୍ରାଦ୍ଧ କରାଯାଉଛି ବୋଲି କଂଗ୍ରେସର ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ କହିଛନ୍ତି। ଏଣୁ ବନ ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। କେନ୍ଦୁଝର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କୁ ପଚାରିବାରୁ ଏହାର ଯାଞ୍ଚକରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ଜଙ୍ଗଲରେ କରାଯାଇଥିବା ଜଳ ସଂରକ୍ଷଣ ପ୍ରକଳ୍ପ।

## ସୁନୀତି ରାଜ୍ୟ ବିଜେଡି ମହିଳା ଦଳର ବରିଷ୍ଠ ଉପସଭାପତି

ନୀଳଗିରି,୧୫।୨(ପ୍ରଶାନ୍ତ ବିଶ୍ୱାଳ) ବିଜୁ ମହିଳା ଜନତା ଦଳ ସାଂଗଠନିକ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲା ସଭାନେତ୍ରୀ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଦାୟିତ୍ୱ ବଣ୍ଟନ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ୧୫ ଜଣଙ୍କୁ ଉପସଭାନେତ୍ରୀ ଦାୟିତ୍ୱ ମିଳିଥିବାବେଳେ ସାଧାରଣ ସମ୍ପାଦିକା, ସମ୍ପାଦିକା ଦାୟିତ୍ୱ ମଧ୍ୟ ମିଳିଛି। ଏହି କ୍ରମରେ ବାଲେଶ୍ୱର ଜିଲା ନୀଳଗିରିର ବାସିନ୍ଦା ବରିଷ୍ଠ ଆଦିବାସୀ ନାରୀନେତ୍ରୀ ସୁନୀତି ସିଂଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ବିଜେଡ଼ି ମହିଳା ଦଳର ବରିଷ୍ଠ ଉପସଭାପତି ପଦରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ନିଯୁକ୍ତିରେ ବାଲେଶ୍ୱର ଜିଲାରୁ ଆଦିବାସୀ ନାରୀନେତ୍ରୀ ସୁନିତୀ ଏକମାତ୍ର ମହିଳା ଭାବରେ ନିଯୁକ୍ତି ପାଇଛନ୍ତି। ନବୀନ ପଟ୍ଟନାୟକଙ୍କ ବିକାଶ ଏବଂ ଲୋକପ୍ରିୟ କାର୍ଯ୍ୟକ୍ରମକୁ ଆଗାମୀଦିନରେ ତୃଣମୂଳସ୍ତରରେ ପହଞ୍ଚାଇ ମହିଳାଙ୍କ ପ୍ରତିନିଧିତ୍ୱକୁ କ୍ରିୟାଶୀଳ କରିବା ଦଳର ଆଭିମୁଖ୍ୟ ବୋଲି ନବନିଯୁକ୍ତ ବରିଷ୍ଠ ବିଜେଡି ମହିଳା ଉପସଭାନେତ୍ରୀ ସୁନିତୀ ସିଂ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ଆଦିବାସୀ ସମ୍ପ୍ରଦାୟରେ ଜନ୍ମିତ ହୋଇ ଯୁବାବସ୍ଥାରୁ ଗ୍ରାମାଞ୍ଚଳରେ ଲୋକଙ୍କ ସହିତ ଓତପ୍ରତଃ ଭାବେ ଜଡ଼ିତ ରହି ସେମାନଙ୍କର ସୁଖଦୁଃଖରେ ସାମିଲ୍ ହୋଇ ନିଜକୁ ଜନକଲ୍ୟାଣରେ ସାମିଲ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପଦପଦବୀରେ ରହି ଲୋକଙ୍କ ସମସ୍ୟା ସମାଧାନ କରିବାରେ ସଫଳ ହୋଇଛନ୍ତି। ଏହି ନିଯୁକ୍ତି ପାଇବା ପରେ ସେ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହିତ ମିଳିଥିବା ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

# ଚାନ୍ଦଗୋଛି ମଠରେ କୁମ୍ଭମେଳା

## ୧୨ହଜାର ଭକ୍ତଙ୍କ ସମାଗମ



ଶ୍ରଦ୍ଧାଳୁମାନେ ମଠ ମହନ୍ତଙ୍କ ଆଶୀର୍ବାଦ ଗ୍ରହଣ କରୁଛନ୍ତି।

ଖଇରା,୧୫।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଅଧିବାସ ସହ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦିବସ ବ୍ୟାପି ନାମ ସଙ୍କୀର୍ତ୍ତନ ଓ ଯଜ୍ଞ କର୍ମ ଆୟୋଜନ କରାଯାଇଥିଲା। ଅନ୍ୟୁନ ୧୨ହଜାର ଶ୍ରଦ୍ଧାଳୁ ଗୋପେଶ୍ୱର ମହାଦେବ ଓ ଗିରିଧାରୀ ଲାଲଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମଠ ସଞ୍ଚାଳକ ଇଷ୍ଟବନ୍ଧୁ ବିଶ୍ୱରୂପ ପରମହଂସଦେବଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଖନ୍ତାପଡ଼ାର ପର୍ଯ୍ୟଟକ ମହାରାଜ, ଭଦ୍ରକର ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆଧ୍ୟାତ୍ମିକତାରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଥିଲେ। ଆଶ୍ରମର ଅନ୍ତେବାସୀ ହରି ଗୋପଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦବନ ଦାସ, ତୁଳସୀ ଦାସଙ୍କ ସମେତ ଚାନ୍ଦଗୋଛି ଓ ଝାଟିଆ ଗ୍ରାମବାସୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଶ୍ୟାମସୁନ୍ଦରପୁର ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ପ୍ରମୁଖ ମେଳା ପରିଦର୍ଶନ କରିଥିଲେ।

## କମଳିନୀ ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ, ସାବିତ୍ରୀ କାର୍ଯ୍ୟକାରୀ ସଭାନେତ୍ରୀ

କେନ୍ଦୁଝର,୧୫।୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେନ୍ଦୁଝର ଜିଲା ସମେତ ଅନ୍ୟାନ୍ୟ ଜିଲାର ମହିଳା ଶାଖାର ମୁଖ୍ୟଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦୁଝର ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା କମଳିନୀ ପାତ୍ର ଜିଲା ସଭାନେତ୍ରୀ ଭାବେ ମନୋନୀତ ହୋଇଥିବା ବେଳେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ନିଯୁକ୍ତି ପାଇଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ତଥା ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥିନୀ ମୀନା ମାଝୀ, ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ଜିଲା ମହିଳା ସଭାନେତ୍ରୀ ଓ ଚମ୍ପୁଆ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ରମଣୀ ନାଏକ, ମହିଳା କମିଶନର ପୂର୍ବତନ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଛୋଟରାୟ ମାଝୀଙ୍କ ବୋହୂ ବାସନ୍ତୀ ମାଝୀ, ତେଲକୋଇ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସିଂ ରାଜ୍ୟ କମିଟିରେ ଉପ ସଭାନେତ୍ରୀ ପଦ ପାଇଥିବା ବେଳେ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ୨୩ ନମ୍ବର ଜିଲାପରିଷଦ ସଦସ୍ୟା ରୁନୁ ମହାନ୍ତ, ୧୦ ନମ୍ବର ଜିଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ୭ ନମ୍ବର ଜିଲା ପରିଷଦ ସଦସ୍ୟା ଯାଜ୍ଞସେନୀ ମହାନ୍ତ, ମଞ୍ଜୁଲତା ଓରାମ, ବୀଣାପାଣି ଦାସ ଓ ବଡ଼ବିଲ ପୌରପାଳିକାର ଉପାଧ୍ୟକ୍ଷା ସରସ୍ୱତୀ ନାଏକ ସମ୍ପାଦକଭାବେ ମନୋନୀତ ହୋଇଥିବା ଜିଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବି କଲା ବଜରଙ୍ଗ ଦଳ

## ପରିବା କ୍ଷେତରେ ବିଦ୍ୟୁତ୍ ଆଘାତ ଯୋଗୁ ୨ ଷଣ୍ଢ ମୃତ

ବାଲିଆପାଳ,୧୫।୨(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଚଉମୁଖ ଗ୍ରାମରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ପରିବା କ୍ଷେତରେ ବିଦ୍ୟୁତ୍ ଆଘାତରେ ୨ ଷଣ୍ଢଙ୍କ ମୃତ୍ୟୁ ଘଟିଥିଲା। ଘଟଣାଟି ପ୍ରଘଟ ହେବା ପୂର୍ବରୁ ପରିବା କ୍ଷେତର ମାଲିକ ଟ୍ରାକ୍ଟର ଓ ଜେସିବି ସାହାଯ୍ୟରେ ଗାତ ଖୋଳି ମୃତ ୨ ଷଣ୍ଢକୁ ପୋତି ଦେଇଥିଲେ। ଏହି ଘଟଣାରେ ବାଲିଆପାଳ ବଜରଙ୍ଗ ଦଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପ୍ରକାଶ ଯେ, ବଜରଙ୍ଗ ଦଳର କେତେଜଣ କର୍ମୀ ଘଟଣା ବିଷୟରେ ଜାଣିପାରି ବଜରଙ୍ଗ ଦଳର ନେତା ଓଁକାର ଭୂୟାଁଙ୍କୁ ଖବର ଦେଇଥିଲେ। ସେ ଏନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ପୋଲିସ ସହାୟତାରେ ମାଟି ତଳୁ ଷଣ୍ଢ ମୃତଦେହ ବାହାରି କରି ବ୍ୟବଚ୍ଛେଦ କରାଇ ପୁଣି ପୋତି ଦିଆଯାଇଥିଲା। ବାଲିଆପାଳ ଥାନାରେ ଏକ ମାମଲା (ନଂ. ୮୧/୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତେବେ ମାଲିକ ପରିବା କ୍ଷେତରେ ଜିଆଇ ତାରଜାଲି ଘେରି ବିଦ୍ୟୁତ୍ ସଂଯୋଗ କରି ୨ ଷଣ୍ଢକୁ ମାରି ଦେଇଥିବା ଅଭିଯୋଗ ଆଣି ବଜରଙ୍ଗ ଦଳ ବାଲିଆପାଳ ଶାଖାର କର୍ମୀ ଅରିନ ମହାନ୍ତି, ଦୁର୍ଗାମାଧବ ଦାସ, ଅଞ୍ଜନ ପାତ୍ର, ରୁଦ୍ର ନାରାୟଣ ଦାସ, ବିଷ୍ଣୁପଦ ରାଜ୍, ବଳରାମ ସାମନ୍ତରାୟ ପ୍ରମୁଖ ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**Fakir Mohan University**
**Vyasa Vihar, Balasore, Odisha-756089**
Website: www.fmuniversity.nic.in
No. FMU/OMBRIC/01/2025/1568 Date: 13 02.26
**ADVERTISEMENT FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction order no. ST-BT-MISC-0029-2025-6109/ST, Bhubaneswar dated 14.11.2025)
Applications are invited in the prescribed format from the eligible candidates for Various Project Positions **(Research Associate I (RA) - 02 posts, Junior Research Fellow (JRF)-02 posts and Project Assistant (PA) – 01 post** under the **OMBRIC Project** entitled, *"North Odisha-Marine Bioresources Utilization & Convergence Research Centre (NO-MBUCRC)"* sponsored by Science & Technology Department, Govt. of Odisha. All the project positions are purely temporary and coterminous with the project. The application completed in all respect with necessary documents should reach to the PI through mail on or before **25.02.2026 (5.00 PM)**. For details regarding qualifications, experience, and other conditions, visit https://fmuniversity.nic.in
Sd./- Registrar

**OFFICE OF THE SUPERINTENDING ENGINEER**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**TENDER CALL NOTICE**
Bid Identification No. S.E.-KHD-(R&B)-43/25-26
Letter No. 556 Dtd.6.2.26
No. 34001/56/2526: The Superintending Engineer, Khordha (R&B) Division, Khorhda on behalf of Governor of Odisha invites Percentage Rate bids in Single Cover System from appropriate class of contractors as detailed below registered with the State Governments and contractors of equivalent Grade/ Class registered with Central Government/MES/Railways for execution of the Civil & EI. The bidder not registered under the State Government has to register under the State PWD & ELBO in appropriate class of eligibility before signing of the agreement.
1. Nature of Work : Sl. No. 1 to 6 (Civil Works) Sl. No. 7 to 9 (E.I. Works)
2. No. of Work : 9 Nos.
3. Tender Cost : Sl. No. 1 to 5 & 7 to 9 Rs.6000.00 (Online) Sl. No. 6 Rs.2000.00 (Online)
4. Class of Contractor : Sl. No. 01 to 02 C & B Class Contractor Sl. No. 03 to 06 D & C Class Contractor Sl. No. 07 HT Class Contractor Sl. No. 08 to 09 MV/HT Class Contractor
5. Available of Bid documents in the website : From Dt.17.02.2026 at 12.00 Noon to Dt.26.02.2026 at 5.00 P.M.
6. Date of Opening of bids : Dt.27.02.2026 at 11.30 A.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.
OIPR-34001/34095/1/25-26/0001 Sd./- Superintending Engineer Khordha (R&B) Division, Khordha

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ

ରେମୁଣା,୧୫।୨(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଗୁଡୁଦା ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରଦତ୍ତ ୭,୩୩,୩୮,୭୩୩ ଟଙ୍କା ବିନିମୟରେ ଶିରାକୋଇଲି, ଶ୍ରୀରାମପୁର, ଗାଙ୍ଗପୁରା ଆଦି ଗ୍ରାମରେ ହେବାକୁ ଥିବା ଗଙ୍ଗାହାର ନଦୀ ବାମପାର୍ଶ୍ୱ ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ପ୍ରକଳ୍ପ, କରଞ୍ଜିଆ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଦତ୍ତ ୨,୦୯,୬୧,୯୮୦ ଟଙ୍କା ବିନିମୟରେ ହେବାକୁ ଥିବା ଡିଫେନ୍ସ ରୋଡ଼ଠାରୁ କରଞ୍ଜିଆ ରାସ୍ତାର ପ୍ରଶସ୍ତୀକରଣ, କଲ୍ୟାଣପୁର ପଞ୍ଚାୟତରେ ତାଳମେଡ଼ିଠାରୁ ପଦ୍ମପୁର ଏନ୍‌ଏଚ୍-୫ ଭାୟା ହଳଦିଆ ରୋଡ୍ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏସ୍‌ଇ ବିକ୍ରମ ଚନ୍ଦ୍ର ସିଂ, ଏସ୍‌ଡିଓ ତାପସ କୁମାର ଦାସ, ଜେଇ ହରେକୃଷ୍ଣ ଧଳ, ଆର୍‌ଡି ଜେଇ ଉପେନ୍ଦ୍ର ଦାସ, ଏମ୍‌ପିଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା, ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ମଣ୍ଡଳ ସଭାପତି ବିବେକ ବିକାଶ ରାଉତ, ଉମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଶିଳାନ୍ୟାସ ଅବସରରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନ୍ୟମାନେ।

# ଡ. ପ୍ରତିଭା ରାୟଙ୍କୁ ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର

## ସାଳନ୍ଦୀ ସାହିତ୍ୟ ସଙ୍ଗମ ଉଦ୍‌ଯାପିତ

ଭଦ୍ରକ,୧୫।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ବାଇପାସ୍ଥିତ ସଙ୍ଗମ କନ୍‌ଭେନ୍‌ସନଠାରେ 'ଟାଇମ୍‌ପାସ୍' ପକ୍ଷରୁ ଦୁଇଦିନ ଧରି ଚାଲିଥିବା ସାଳନ୍ଦୀ ସାହିତ୍ୟ ସଙ୍ଗମର ୩ୟ ସଂସ୍କରଣ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କ ସଞ୍ଚାଳନାରେ 'ଜୀବନର ଗପ, ଗପର ଜୀବନ' ଆଲୋଚନାଚକ୍ରରେ ଶୁଭ ନାରାୟଣ ସ୍ୱାଇଁ, ଡ. ସୁବ୍ରତ କୁମାର ସେନାପତି, ସ୍ୱରୂପ ନାୟକ, ଡ. ତୃପ୍ତି ରଞ୍ଜନ ଦାସ ଓ ପ୍ରଜ୍ଞା ପାରମିତା ରଥ ଅଂଶଗ୍ରହଣ କରିଥିଲେ। ଡ. ଅଭୟ ଦାସଙ୍କ ସଞ୍ଚାଳନାରେ 'ପ୍ରେମ ଓ ଜାଗର: ଜାଗରଣ ହିଁ ପ୍ରେମ' ଶୀର୍ଷକ ଆଲୋଚନାଚକ୍ରରେ ଡ. ବିଶ୍ୱରଞ୍ଜନ ଦାସ, ଡ. ରାଧାରାଣୀ ମହାପାତ୍ର, ଗଙ୍ଗାଧର ବିଶ୍ୱାଳ ଓ ଅତୁଲ ବଳ ଭାଗ ନେଇଥିଲେ। କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଆୟୋଜିତ 'ଗପ ପଛର ଗପ' ଶୀର୍ଷକ ଆଲୋଚନାଚକ୍ରରେ ରଜନୀକାନ୍ତ ମହାନ୍ତି, ଡ. ରାଧାବିନୋଦ ନାୟକ, ଝରଣା ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାସ ଓ ସଂଗ୍ରାମ କେଶରୀ ସେନାପତି ନିଜ ଗପ ପଛରେ ଥିବା ପ୍ରେରଣା ବାବଦରେ ଆଲୋଚନା କରିଥିଲେ। ଶୈଳେନ୍ଦ୍ର ମହାପାତ୍ର ଏହି ଆଲୋଚନାଚକ୍ରର ସମୀକ୍ଷା କରିଥିଲେ। ଏହି ଅବସରରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଡ. ପ୍ରତିଭା ରାୟଙ୍କୁ ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର, ଦାଶ ବେନହୁରଙ୍କୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର, ଡ. ଅପର୍ଣ୍ଣା ମହାନ୍ତିଙ୍କୁ କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର, ଶେଖର ଘୋଷଙ୍କୁ ମନମୋହନ ସାବତ ସଙ୍ଗୀତ ପୁରସ୍କାର ଓ ସବ୍ୟସାଚୀ ମହାପାତ୍ରଙ୍କୁ ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରଶାନ୍ତ କୁମାର ଦାସ ଓ ଝଙ୍କାର ପତ୍ରିକାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତିଙ୍କୁ ସାହିତ୍ୟ ସଖା ସମ୍ମାନ ପ୍ରଦାନ କରଯାଇଛି। ଗାଳ୍ପିକ ରାଧାବିନୋଦ ନାୟକଙ୍କ 'ଶ୍ରେଷ୍ଠ ଗଳ୍ପ' ପୁସ୍ତକ ଡ. ରାୟଙ୍କ ହାତରେ ପାଠକାର୍ପଣ କରାଯାଇଥିଲା। ତିଳୋତ୍ତମା ବଳ, ସମାସ ବଳ, ଅଂଶୁମାନ ପଣ୍ଡା, କୈଳାଶ ବେହେରା, ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ସାଳନ୍ଦୀ ସାହିତ୍ୟ ସଙ୍ଗମ ଉଦ୍‌ଯାପନୀ ଦିବସରେ ଲେଖିକା ଡ. ପ୍ରତିଭା ରାୟଙ୍କୁ ସମ୍ମାନିତ କରାଯାଉଛି।

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001
Ph.No.2533223,2533214, E-mail-mvsn_bbsr@yahoo.com
Ref. 158/MVSN Dt. 02.02.2026
**Auction Sale Notice**
**No.33001/10/2526**: The Managing Director, Mahila Vikas Samabaya Nigam, **W&CD Complex, Plot No- 483(P), Ganganagar, 2nd Floor, Unit-6, Bhubaneswar-751001** invites single price offer in financial Bid and under sealed cover from the intending Bidders to purchase different items on "As is where is Basis" lying at Premises of **Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** as given at Annexure-I. The list of materials as mentioned in Annexure-1 is only indicative. The actual quality and quantity of the materials may vary. The offset price is fixed at **Rs.4739.92**. Interested bidders may inspect the materials, assess their value and give their offer accordingly. For all the items, a single price offer is to be quoted. Part purchase / offer shall not be entertained. The items can be **inspected at Mahila Vikas Samabaya Nigam, W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** on all working days between **11.00 A.M. to 5.00 P.M.** from **16.02.2026 to 09.03.2026**. For inspection and for clarification about the Auction Sale, intending bidders may contact **Accounts Officer Mobile No-9338754909**.
Bidders have to furnish EMD (refundable) of Rs.5,000/-( Rupees Five thousand) in shape of Demand Draft drawn on any Nationalized Bank in favour of **Mahila Vikas Samabaya Nigam** payable at Bhubaneswar alongwith the bid. Non-submission of EMD will lead to rejection of the bid offer. EMD of unsuccessful bidder will be refunded preferably within 30 days. EMD of the successful bidder shall be adjusted against his offer price. Withdrawal from the auction process after submission of the bid will lead to forfeiture of EMD.
The sealed bids will be received through speed post/ Regd. Post/ courier Services only in the office of the Mahila Vikas Samabaya Nigam, at **W&CD Complex, Plot No-483(P), Ganganagar, 2nd Floor, Unit-6, Bhubaneswar-751001** upto **5.00 P.M. of 09.03.2026** and will be opened on **11.03.2026 at 12.30 P.M** in the presence of the bidders or their authorized representatives if any. In case MVSN office remains closed on these days, both the activities shall be shifted to the next immediate working day. **The office is not responsible for any postal delay**. Bidders shall bear the GST Component and other levies (as applicable) on the offer amount.
The successful bidder is to deposit the qualified offer price and submit acceptance letter within seven days from the date of receipt of intimation from MVSN failing which the EMD will be forfeited. The materials shall be shifted on **"As is where is Basis"** at own cost of the successful bidders within 7 days of issue of release order, failing which the EMD & the offer price amount deposited shall be forfeited.
OIPR-33001/33003/1/25-26/0001 Sd./- MANAGING DIRECTOR, MAHILA VIKAS SAMABAYA NIGAM

# ଟ୍ରକ୍ ପଛରେ ପିଟିହେଲା ବାଇକ୍; ଝିଅ ମୃତ, ବାପା ଗୁରୁତର

କେନ୍ଦୁଝର,୧୫।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ୪୯ନମ୍ବର ଜାତୀୟ ରାଜପଥର ବେଲଦା ନିକଟରେ ଛିଡ଼ା ହୋଇଥିବା ଟ୍ରକ୍ (ଓଡି ୦୯ ଟି ୬୩୬୮) ପଛରେ ଭାରସାମ୍ୟ ହରାଇ ଏକ ବାଇକ୍ (ଓଡି ୦୯ ଏବି ୫୫୮୭) ଧକ୍କା ଦେଇଛି। ଦୁର୍ଘଟଣାରେ ବାଇକ ଆରୋହୀ ନାବାଳିକା ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ଗୁରୁତର ହୋଇଛନ୍ତି। ସ୍ତ୍ରୀ ଓ ଅନ୍ୟ ଝିଅ ଆହତ ହୋଇଥିବା ଜଣାପଡ଼ିଛି। ମୃତ ଝିଅ ହେଲେ ଦୀପି ପ୍ରତିକ୍ଷା ନାୟକ(୯)। ଗୁରୁତର ହରଧ୍ୱଜ ନାୟକ। ସୂଚନା ଅନୁସାରେ, ଅସନପାଟ ଗାଁର ହରଧ୍ୱଜ ୨ଝିଅଓ ସ୍ତ୍ରୀଙ୍କୁ ଧରି ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ପଛରେ ତାଙ୍କ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୀପି ପ୍ରତିକ୍ଷାଙ୍କ ମୃତ୍ୟୁ ଘଟିଛି। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତାହତଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି।

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION NO.-II, KEONJHAR**
E-mail : eerw_kjr2@yahoo.com
**"e" Procurement Notice for Road Works**
**No.25001/170/2526** **Identification No. Online NCB - 17/2025-26**
1. Name of the work : Road Works, 2. Total Number of Work : 02 Nos., 3. Estimated Cost : Rs.17.00 Lakhs to Rs.40.00 Lakhs, 4. Class of Contractor : "D' & 'C' & 'B' Class, 5. Period of Completion : As per annexure of e-Procurement Notice No.17/2025-26, 6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.17 | Dt.19.02.26 at 11.00 A.M. | Dt.26.02.26 up to 5.00 P.M. | Dt.25.02.26 up to 5.00 P.M. | Dt.27.02.2026 at 11.00 A.M. |

Further details can be seen from the Website www.tenderorissa.gov.in
OIPR-25001/25093/1/25-26/0017 Sd./- Executive Engineer R.W.Divn. No.-II, Keonjhar

# ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ପୀଠରେ ଭିଡ଼

## ୧ ଲକ୍ଷ ଦୀପ ପ୍ରଜ୍ୱଳନ, ଆଲୋକମାଳାରେ ଝଲସୁଛି ମନ୍ଦିର

ଭୋଗରାଇ,୧୫।୨(ପ୍ରଦୀପ ଦାସ)

ମହାଶିବ ରାତ୍ରିରେ ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଛି। ବିଶେଷ ପରି ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମନ୍ଦିରରେ ବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶାର ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳେ ଲମ୍ବା ଧାଡ଼ିରେ ଭକ୍ତ ଭଗବାନଙ୍କୁ ଦର୍ଶନ କରିଥିବା ବେଳେ ସନ୍ଧ୍ୟାରୁ ମନ୍ଦର ବେଢ଼ାରେ ବସି ଜାଗର ଜାଳିଥିଲେ। ଏଥିସହ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଜାଗର ଜାଳିଥିଲେ।

ଭୋଗରାଇ ସୀମାନ୍ତ ହୁଗୁଳି ଗ୍ରାମର କୂଳ ପାଉ ନ ଥିବା ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ଓ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱସ୍ଥ ବିଶାଳକାୟ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଭୋର ୪ଟାରୁ ଶୈବଭକ୍ତଙ୍କ ପୂଜାର୍ଚ୍ଚନା, ଜଳାଭିଷେକ, ନୀତିକାନ୍ତି ପୂଜାପାଠ, ରୁଦ୍ରାଭିଷେକରେ ସମଗ୍ର ଅଞ୍ଚଳ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭୂଷଣ୍ଡେଶ୍ୱର ମହାଦେବଙ୍କଠରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧ ଲକ୍ଷ ଦୀପ ପ୍ରଜ୍ୱଳନ କରାଯାଇଥିଲା। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ଶଭାରମ୍ଭ କରିଥିବା ଶୈବଭକ୍ତ ଇଂ. ଅଭିଜିତ ଦାସ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଭାଜପା ନେତା ଉମାକାନ୍ତ ମହାପାତ୍ର, ଡା. ପ୍ରଦୀପ ପଣ୍ଡା, ଆଶିଷ ପାତ୍ର, କଂଗ୍ରେସ ନେତା ସତ୍ତୃଶିବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୟରେ ଭୂଷଣ୍ଡେଶ୍ୱର ବାବାଙ୍କ ଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା।



ମନ୍ଦିର ପରିସରରେ ଏକ ଲକ୍ଷ ଦୀପ ଜଳାଯାଉଛି।

ଚନ୍ଦନେଶ୍ୱର ମନ୍ଦିରରେ ସନ୍ଧ୍ୟାରେ ଦୀପ ଜାଳିବାକୁ ଆସିଥିବା ମହିଳା ସ୍ଥାନାଭାବରୁ ମନ୍ଦିର ପାଚେରି ବାହାରେ ଏବଂ ମନ୍ଦିରକୁ ଦିଶୁଥିବା ସେବାୟତଙ୍କ ଘର ଉପରେ ଦୀପ ଜାଳିଥିବା ଦେଖାଯାଇଥିଲା। ଏଥିସହ ଭୋଗରାଇ ଚୌକି ଗ୍ରାମର ନୀଳକଣ୍ଠେଶର, ଦେଉଳାହାଟରେ ଅନନ୍ତ ପୁରୁଷୋତ୍ତମ, ଭୋଗରାଇ ଓ କମର୍ଦ୍ଦାରେ ବାରଦେଉଳି, କୁମ୍ଭାରମୂଳିରେ ଧବଳେଶ୍ୱର, କଳାହିରେ ସିଦ୍ଧେଶ୍ୱର, ଗୋବର୍ଦ୍ଧନପୁରରେ ଝଗଡ଼େଶ୍ୱର, ପୁଟିନାରେ ପୁଟିଣେଶ୍ୱର, କୁସୁଡ଼ାରେ ବଡ଼ବଡ଼େଶ୍ୱର, ଆରୁହାବୃତ୍ତିରେ ଅଷ୍ଟଶମ୍ଭୁ ସହିତ ପସରବିନ୍ଧା, ଭୋଗରାଇ ଲକ, ମହେଶପୁର, ବାଉଁଶଡ଼ିହା ପ୍ରଭୃତି ଶତାଧିକ ଗ୍ରାମୀଣ ମହାଦେବଙ୍କ ନିକଟରେ ଭକ୍ତ ଆରାଧନା କରିବା ସହ ଜାଗର ଜାଳିଥିଲେ। ସମସ୍ତ ଶୈବପୀଠରେ ଦୀପ ପ୍ରଜ୍ୱଳନ, ଫୁଲମାଳ ଓ ରଙ୍ଗୀନ ଆଲୋକ ମାଳାରେ ମନ୍ଦିର ଝଲସୁଛି। ମନ୍ଦିର ନିକଟରେ ଭଜନ ସନ୍ଧ୍ୟା, ଧାର୍ମିକ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ବିମୋହିତ କରିଥିଲା। ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶୌଚାଳୟ ପ୍ରତି ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଚନ୍ଦନେଶ୍ୱରରେ ୩ ପ୍ଲାଟୁନ ଓ ଭୂଷଣ୍ଡେଶ୍ୱରରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା ସୂଚନା ଦେଇଥିଲେ। ଦୁଇ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର କାର୍ଯ୍ୟନିର୍ବାହୀ ଅଧିକାରୀ ତହସିଲଦାର ସୂର୍ଯ୍ୟକୁମାର ନାୟକ, ଚନ୍ଦନେଶ୍ୱର ମନ୍ଦିରର ମୁଖ୍ୟ ସେବାୟତ ମୌରସୀ ତପନ ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର ଗିରିଙ୍କ ସହ ପରିଚାଳନା ବୋର୍ଡ଼ର ସଦସ୍ୟା, ସଦସ୍ୟ, ରାଜନୈତିକ ଦଳର ନେତୃମଣ୍ଡଳୀ, ସେବାୟତମାନେ ମନ୍ଦିର ପରିଚାଳନା କରିଥିଲେ।

# ଉତ୍ସବମୁଖର ଲଙ୍ଗଳେଶ୍ୱର ଶୈବପୀଠ



ଲଙ୍ଗଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଲଙ୍ଗଳେଶ୍ୱର,୧୫।୨(କମଳାକାନ୍ତ ଦାସ)

ମହାଶିବରାତ୍ରି ଅବସରରେ ବାଲେଶ୍ୱର ଜିଲାର ସର୍ବପୁରାତନ ଲଙ୍ଗଳେଶ୍ୱର ଶୈବପୀଠ ରବିବାର ଉତ୍ସବମୁଖର ହୋଇଛି। ବାବା ଲଙ୍ଗଳେଶ୍ୱରଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ପାଇଁ ଓଡ଼ିଶାର କୋଣାନୁକୋଣରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀଙ୍କ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇ ପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳଗାମୀ ହୋଇଯାଇଛି। କୌଣସି ବ୍ୟାଧିଗ୍ରସ୍ତ ଲୋକ ଯଦି ଲଙ୍ଗଳେଶ୍ୱର ମହାଦେବଙ୍କଠାରେ ଅଧିଆ ପଡ଼ିବା ସହ ମହାଦେବଙ୍କ ପାଦୁକା ସେବନ କରନ୍ତି, ତାହାଲେ ରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ପୀଠରେ ଜାଗର ଜାଳିଲେ ଭକ୍ତଙ୍କ ସକଳ ମନବାଞ୍ଛା ପୂର୍ଣ୍ଣ କରନ୍ତି ବାବା ଲଙ୍ଗଳେଶ୍ୱର। ତେଣୁ ରାଜ୍ୟ ସମେତ ପଶ୍ଚିମବଙ୍ଗରୁ ଶ୍ରଦ୍ଧାଳୁ ଦୀପ ଜାଳିବା ପାଇଁ ଏଠାକୁ ଆସିଥାନ୍ତି। ମନ୍ଦିର କମିଟି, ବାଲିଆପାଳ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ଜାଗର ଜାଳିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ବସ୍ତା ଏସ୍‌ଡିପିଓ ମାନସ ଦେଓ ଓ ସିଂଲା ଥାନା ଅଧିକାରୀ ସୁଚ୍ଛନ୍ଦ୍ର ମହାଳିକ ସ୍ଥିତି ଅନୁଧ୍ୟାନ କରିଥିଲେ।

# ‘ଛାତ୍ରୀଛାତ୍ର ସଂସ୍କାରଯୁକ୍ତ ଶିକ୍ଷା ଗ୍ରହଣ କରନ୍ତୁ’

## ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ବାଲେଶ୍ୱର,୧୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ୍ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ର ତେଜସ୍ୱୀ, ଯଶସ୍ୱୀ ହେଲେ ରାଷ୍ଟ୍ର ବିକଶିତ ହେବ ବୋଲି କହିବା ସହ ସଂସ୍କାରଯୁକ୍ତ ଶିକ୍ଷା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧକ୍ଷ ଡ. ତପନ କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଉଦଳା ଏନ୍‌ଏସି ଅଧକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ସତ୍ୟାନାଶ, ଗୋକୁଳାନନ୍ଦ ରାଉତ ଓ କୃଷ୍ଣେନ୍ଦୁ ହୋତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ୟଙ୍ଗ କବିତା ମାଧମରେ ମନୋରଞ୍ଜନ କରିଥିଲେ। ପୁରାତନ ଛାତ୍ରସଂସଦ କୋଷାଧକ୍ଷ ଗୋପାଳ ଚନ୍ଦ୍ର ସାହୁ, ଉପଦେଷ୍ଟା ତପନ କୁମାର ଗିରି ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ଡ. ତପନ କୁମାର ଦାସ ଓ ଅଧ୍ୟାପିକା ରୁବିରାଣୀ ଦାସ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ, ମହାବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କଣ୍ଠଶିଳ୍ପୀ ଦୀପ୍ତିମୟୀ, ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସଙ୍କ ସଙ୍ଗୀତ ଓ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

# ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହେଲା ପଞ୍ଚଲିଙ୍ଗେଶ୍ୱର ପୀଠ

ନୀଳଗିରି,୧୫।୨(ପ୍ରଶାନ୍ତ ବିଶ୍ୱାଳ)

ମହାଶିବରାତ୍ରି ଅବସରରେ ଓମ୍ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ସମେତ ବିଭିନ୍ନ ଶୈବପୀଠ। ନୀଳଗିରି ଉପଖଣ୍ଡରେ ବହୁ ବର୍ଷ ପୂର୍ବରୁ ଦେବଗିରି ପର୍ବତ ମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଏଠାରେ ନୀର ଶଯ୍ୟାରେ ବିଜେ ୫ଟି ଲିଙ୍ଗକୁ ବିଭିନ୍ନ ମନସ୍କାମନା ପୂର୍ଣ୍ଣ ଆଶାରେ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି।

ରବିବାର ଭୋର ୫ଟା ୧୫ରେ ମଙ୍ଗଳ ଆଳତି ହୋଇ ୬ଟା ସମୟରେ ଗେଟ ଖୋଲିବା ପରେ ଅନେକ ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପାଇଁ ୩୧୧ଟି ପାହାଚ ଚଢ଼ି ଲାଇନରେ ଆସି ଶାନ୍ତି ଶୃଙ୍ଖଳାରେ ପୂଜାର୍ଚ୍ଚନା କରିଥିଲେ। ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବ୍ୟାରିକେଟ୍ ବ୍ୟବସ୍ଥା ସହ ଲମ୍ବା ଧାଡ଼ି ଲାଗିଥିଲା। ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପଞ୍ଚଲିଙ୍ଗେଶ୍ୱରରେ ପୂଜାର୍ଚ୍ଚନା କରିଥିବା ସୂଚନା ମିଳିଛି। ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି, ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ଓ ଅନ୍ୟମାନେ ପରିଚାଳନା କରୁଛନ୍ତି। ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ମୃତୟନ ସହ ପୀଠରେ ଶୌଚାଳୟ, ପିଇବା ପାଣି, ସ୍ୱଚ୍ଛତା, ବ୍ୟାରିକେଟ୍ ଓ ଭିତରେ ବାହାରେ ଉଜ୍ଜ୍ୱଳ ଆଲୋକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଜଳ ଛତ୍ର ଖୋଲାଯାଇଥିଲା। ସେହିପରି ନୀଳଗିରିର ଶାଳବଣି ଗାଁରେ ଆବିର୍ଭାବ ବାବା ଜଟାଧାରୀଙ୍କ ପୀଠ, ସଜନାଗଡ଼ ପଞ୍ଚାୟତ ତେଣ୍ଡା ନିକଟ କୁଲଡିହା ଅଭୟାରଣ୍ୟର ପାଦଦେଶରେ ଗୋଟିଏ ବିରାଟ ପଥର ଚଟିରି ତଳେ ୧୮୯୩ ମସିହାରୁ ପୂଜା ପାଉଥିବା ବାବା ଶଙ୍ଖେଶ୍ୱର ମହାଦେବଙ୍କ ସହ ନୀଳଗିରିର ବିଭିନ୍ନ ସ୍ଥାନରେ ଥିବା ଶିବ ମନ୍ଦିରରେ ଶିବରାତ୍ରି ପାଳନ ହୋଇଛି।



ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି।

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ଖଇରା,୧୫।୨(ଉତ୍କଳ ବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଢ଼ସ୍ଥିତ ଲଙ୍କେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଦୀପରୁ ନିଆଁ ଲାଗିବା ଯୋଗୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗଣ୍ଡିବେଢ଼ ଗ୍ରାମର ଭଗବାନ ବେହେରାଙ୍କ ସ୍ତ୍ରୀ ରଞ୍ଜୁସ୍ମିତା(୨୮)। ତାଙ୍କ ଶରୀରର ୪୦ ପ୍ରତିଶତ ପୋଡ଼ି ଯାଇଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମେଡିକାଲ ସ୍ଥାନାନ୍ତର କରାଯାଇଛି। ମନ୍ଦିର ସମ୍ମୁଖରେ ଥିବା ବୃଷଭ ନିକଟରେ ଦୀପ ଜଳୁଥିବା ବେଳେ ପଛପଟୁ ଅନ୍ୟ ଦୀପରୁ ନିଆଁ ତାଙ୍କ ଶାଢ଼ିରେ ଲାଗିଯାଇଥିଲା।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର,୧୫।୨
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହରରେ ରବିବାର ମହାଶିବରାତ୍ରି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ଶିବ ମନ୍ଦିର ଯଥା ରାଣିପାଟଣାସ୍ଥିତ ବାବା ଝାଡ଼େଶ୍ୱର, ଖପରାପଦା ହରଗଙ୍ଗା ପୋଖରୀସ୍ଥିତ ବାବା ଗଙ୍ଗେଶ୍ୱର, ମୋତିଗଞ୍ଜ ବଣିଆପଟିସ୍ଥିତ ବାବା ସୁରେଶ୍ୱର, ଆଇଟିଆଇ ଛକ ନିକଟ ବାବା ଈଶାନେଶ୍ୱର, ପୁରୁଣାବାଲେଶ୍ୱରସ୍ଥିତ ବାବା ବାଣେଶ୍ୱର, ଫିରିଙ୍ଗିପାଟଣା ବ୍ରଜେଶ୍ୱର, ଷ୍ଟେଶନରୋଡ୍ ସିଦ୍ଧେଶ୍ୱର, କାଦାରାବାଦ୍ କଣ୍ଟେଶ୍ୱର, ଚାନ୍ଦମାରିପଡ଼ିଆ ବିଶେଶ୍ୱର, ଆନନ୍ଦବଜାର ଲୋକନାଥ, ନୂଆସାହି ରାମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। କେତେକ ମନ୍ଦିର ପରିସରରେ ଭଜନ, କୀର୍ତ୍ତନ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ଏବଂ ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ଚାରିପାଖରେ ଛୋଟ ଛୋଟ ଦୋକାନ ଖୋଲିଥିଲା।

# ଝଡ଼ାଫୁଙ୍କା ବାହାନାରେ ମହିଳାଙ୍କୁ ଅସଦାଚରଣ

ଜଳେଶ୍ୱର,୧୫।୨( ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶନିବାର ଝଡ଼ାଫୁଙ୍କା ବାହାନାରେ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରାଇବଣିଆ ଥାନା ଅଞ୍ଚଳର ୨୧ ବର୍ଷୀୟ ମହିଳା କୌଣସି କାରଣରୁ ଝଡ଼ାଫୁଙ୍କା ପାଇଁ ଜଳେଶ୍ୱର ଥାନା ଅନ୍ତର୍ଗତ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ପାଖରୁ ଆସିଥିଲେ। ଗୁଣିଆ ବୃଦ୍ଧ ଜଣଙ୍କ ତାଙ୍କୁ ଏକୁଟିଆ ପାଇ ଝଡ଼ାଫୁଙ୍କା ବାହାନାରେ ଅସଦାଚରଣ କରିଥିଲେ। ଘଟଣା ପରେ ମହିଳା ଶାରୀରିକ ଓ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ଚିକିତ୍ସା ନିମନ୍ତେ ସେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ସୂଚନା ମିଳିଛି। ରବିବାର ରାତି ୮ଟାରେ ନ୍ୟାୟ ପାଇଁ ଜଳେଶ୍ୱର ଥାନାରେ ପହଞ୍ଚିଥିଲେ। ଖବର ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି

ବାହାନଗା,୧୫।୨
(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ୍ ଅଧୀନ ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ଭୋର ସମୟରେ ଶ୍ରଦ୍ଧାଳୁମାନେ ମନ୍ଦିରରେ ଶିବଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ବ୍ରତୀମାନେ ସନ୍ଧ୍ୟା ପରଠାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ମନ୍ଦିର ବେଢ଼ାରେ ଦୀପଜାଳି ବସି ରହିଥିଲେ। ନମଃ ଶିବାୟ ଧ୍ୱନୀରେ ପ୍ରତ୍ୟେକ ଶୈବ ପୀଠ ପ୍ରକମ୍ପିତ ହୋଇଥିଲା। ବାହାନଗା ବ୍ଲକ୍ ଅଧୀନ ସର୍ବ ପୂରାତନ ଶୈବ ପୀଠ ଓଡୁଶାଳର ବାବା ବଣ୍ୱେଶ୍ୱର ପୀଠରେ ଶ୍ରଦ୍ଧାଳୁମାନେ ଧାଡି ଲାଗାଇଥିଲେ । ସେହିପରି ବରିପଦା ପଞ୍ଚାୟତର ଖେରଙ୍ଗ ଗ୍ରାମରେ ଥିବା ବାବା ବିଶ୍ୱେଶ୍ୱର ମହାଦେ ମନ୍ଦିର ,ସାଉଡୁ ପଞ୍ଚାୟତର ଥାଳସତା ଗ୍ରାମରେ ଥିବା ବାବା କୁଶଳେଶ୍ୱର, ସାଉଡୁ ଗ୍ରାମର ବାବା ତ୍ରିକୋଟେଶ୍ୱର, ଖରାସାହାପୁର ଗ୍ରାମର ଖଗେଶ୍ୱର ମହାଦେବ, ଆପିତିରା ଗ୍ରାମର ବଟେଶ୍ୱର ଓ ସୁବର୍ଣ୍ଣେଶ୍ୱର ମହାଦେବ, କରଞ୍ଜାବିନ୍ଧାର ବାବା ତ୍ରୀନାଥ, ବାବା ଆଖଣ୍ଡଳମଣି, ଚକଜଗନ୍ନାଥପୁର ଗ୍ରାମପଞ୍ଚାୟତର ନାଚିନ୍ତା ଗ୍ରାମର ବାବା ନାଗେଶ୍ୱରାୟ ମହାଦେବ, ଗୋପାଳପୁର ଓ ଜୁଣିଆ ଗ୍ରମରେ ଥିବା ଶୈବ ପୀଠରେ ବ୍ରତୀମାନେ ପୂଜାର୍ଚ୍ଚନା କରିବା ସହିତ ରାତି ସାରା ମନ୍ଦିର ବେଢାରେ ଦୀପ ଜାଳିଥିଲେ। ନୂଆପୁର, କଲ୍ୟାଣି , ଅରଳା ଗ୍ରାମର ଶୈବପୀଠ, ବାହାନଗା, ପଣପଣା ବାବା କପଟେଶ୍ୱର , ଖନ୍ତାପଡା ଚିତାପଦାର ଚିତ୍ରେଶ୍ୱର ପ୍ରଭୃତି ଶୈବପୀଠରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଅଧିକାଂଶ ମନ୍ଦିର କମିଟି ପକ୍ଷରୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ, ମେଳା



ବାଲିଆପାଳ,୧୫।୨(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ ଓ ମେଳା ରବିବାର ଅନୁଷ୍ଠିତ ହୋଇଛି। ଶୈବପୀଠଗୁଡ଼ିକରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଲଙ୍ଗଳେଶ୍ୱର, ଜଗତେଶ୍ୱର, ଚାନ୍ଦେଶ୍ୱର, ନିଖିରେଶ୍ୱର ଆଦି ପୀଠ ଉତ୍ସବମୁଖର ହୋଇଥିଲା। ଲଙ୍ଗଳେଶ୍ୱର ପୀଠରେ ୧୫ଦିନ ଧରି ମେଳା ଚାଲିବ। ସେହିପରି ଖଗଡ଼େଶ୍ୱର, କାଞ୍ଚନେଶ୍ୱର, ବୈଦ୍ୟନାଥ, ଥାନା ପରିସର ଆଖଣ୍ଡଳମଣି, ଶଙ୍କର ନାଥ ଆଦି ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା, ରାତ୍ରି ପାଟ୍ରୋଲିଂ କରାଯାଇଥିଲା।

# ‘ସଫଳ ଅଧିବକ୍ତା ପାଇଁ ନିଷ୍ଠା, ପ୍ରତିବଦ୍ଧତା ଜରୁରୀ’

## ଯୁବ ଅଧିବକ୍ତା ଦିବସ

ବାଲେଶ୍ୱର,୧୫।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଅଧିବକ୍ତା ପରିଷଦ ଆନୁକୂଲ୍ୟରେ ଆୟୁଷ୍ମାନ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଶନିବାର ଯୁବ ଅଧିବକ୍ତା ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ଲକ୍ଷ୍ମୀକାନ୍ତ ବେହେରା ଏଥିରେ ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭିଜିଲାନ୍ସ ଜଜ୍ ଲଳିତ କୁମାର ଦାଶ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ଯୁବ ଅଧିବକ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଷ୍ଠାର ସହ ଓକିଲାତି ଓ ସାମାଜିକ ପ୍ରତିବଦ୍ଧତା ପ୍ରତି ସଚେତନ ହେଲେ ଭବିଷ୍ୟତରେ ସଫଳ ଅଧିବକ୍ତା ହୋଇପାରିବେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଅଧିବକ୍ତା ପରିଷଦର ଉପସଭାପତି ରବୀନ୍ଦ୍ର ପଣ୍ଡା, ଓଡ଼ିଶା ଅଧିବକ୍ତା ପରିଷଦର ପୂର୍ବତନ ସମ୍ପାଦକ ତଥା ଉଚ୍ଚ ନ୍ୟାୟାଳୟର ଷ୍ଟାଣ୍ଡିଂ କାଉନସେଲ୍ ଜ୍ଞାନଲୋକ ମହାନ୍ତି ଯୋଗଦେଇ ସମାଜର ଶେଷଧାଡ଼ିରେ ଥିବା ନିଷ୍ପେସିତ ଜନସାଧାରଣଙ୍କୁ ନିଃଶୁଳ୍କ ଆଇନସେବା ମାଧ୍ୟମରେ ନ୍ୟାୟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ‘ବନ୍ଦେ ମାତରମ୍’ ଗାନ କରାଯାଇଥିଲା। ବାଲେଶ୍ୱର ଅଧିବକ୍ତା ପରିଷଦର ସମ୍ପାଦକ ଗୋବର୍ଦ୍ଧନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରତିଭାବାନ୍ ଯୁବ ଅଧିବକ୍ତା ଓ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଜାରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସରକାରୀ ପ୍ଲିଡର ଲମ୍ବୋଦର ନାୟକ, ଓକିଲ ସଂଘ ସଭାପତି କେଶବ କୁମାର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ବୈଲୋଚନ ଦାଶ, ପରିଷଦର କୋଷାଧକ୍ଷ ପରେଶ କୁମାର ବେହେରା, ପ୍ରଶାନ୍ତି ସାହୁ, ଅରୂପ କୁମାର ଜେନା, ସିଦ୍ଧାର୍ଥ କାମିଲାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ଯୁବ ଅଧିବକ୍ତା ଦିବସ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଗାନ କରାଯାଉଛି।

# ଚୋରି ବଢୁଛି, ଅନିଦ୍ରାରେ ରାତି କଟୁଛି

## ଥାନାରେ କର୍ମଚାରୀ ଅଭାବ

ଖଇରା,୧୫।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଥିବା ପଞ୍ଚାୟତ ବାସିନ୍ଦାଙ୍କର ଚିନ୍ତା ଦିନକୁ ଦିନ ବଢ଼ିଚାଲିଛି। ଗୋଟିଏ ପଟେ ଚୋରି ବଢ଼ିଚାଲିଥିବା ବେଳେ ଅପରାଧୀ ଧରା ନ ପଡ଼ିବା ଏବଂ ସମାନ ତାଳରେ ଥାନାରେ କର୍ମଚାରୀ ହ୍ରାସ ଖଇରାବାସୀଙ୍କ ଚିନ୍ତା ବଢ଼ାଇ ଚାଲିଛି। ଲୋକେ ଘରେ ତାଲା ଦେଇ କୁଆଡ଼େ ଯିବାକୁ ଭୟ କରୁଥିବା ବେଳେ ଏଭଳି ଚିନ୍ତା ଖଇରାବାସୀଙ୍କ ନିଦ ହଜାଇ ଦେଇଛି। ଏପରିକି ଚିକିତ୍ସାପାଇଁ ରୋଗୀଙ୍କୁ ମେଡିକାଲ ନେଇ ଯାଉଥିବା ଆତ୍ମୀୟସ୍ୱଜନମାନେ ଚୋରି ଭୟ ଯୋଗୁ ଠିକ୍ ଭାବେ ଚିକିତ୍ସା କରାଇପାରୁନାହାଁନ୍ତି। ନିକଟରେ ମହତୀପୁର ଓ ଆମ୍ବଗଡ଼ିଆ ଗ୍ରାମର ୨ଟି ସ୍ୱର୍ଣ୍ଣକାତର ଘଟଣା ତଥା ଅନ୍ୟାନ୍ୟ ଛୋଟବଡ଼ ଚୋରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ସମଗ୍ର ଖଇରାବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।





୨୦୨୫ ଓ ୨୦୨୬ ମସିହାର ଚୋରି ହିସାବକୁ ନେଲେ ପାଖାପାଖି ୫୦ଟି ଚୋରି, ରାହାଜାନୀ, ଡକାୟତି ଓ ଛିନତାଇ ଭଳି ଘଟଣା ଘଟିଗଲାଣି। ତାଲା ପଡ଼ିଥିବା ଘର ଓ ମନ୍ଦିରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ଆମ୍ବଗଡ଼ିଆ ଗ୍ରାମର ବଂଶୀଧର ମାଝୀ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲ ଯାଇଥିବା ବେଳେ ତାଙ୍କ ଘରୁ ନଗଦ ୧୦ଲକ୍ଷ ଟଙ୍କା ଓ ଅନ୍ୟୁନ ୧୦ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିଲା। ମହତୀପୁର ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ମୁଖୀ ଚିକିତ୍ସାପାଇଁ ବିଶାଖାପାଟଣା ଯାଇଥିବା ବେଳେ ତାଙ୍କ ଘରୁ ସମସ୍ତ ଅଳଙ୍କାର ଲୁଟ ହେବା,ଗାଁରେ ଚାଲିଥିବା ଯାତ୍ରା ଦେଖିବାକୁ ଯାଇଥିବାବେଳେ ନନ୍ଦୁର ପଞ୍ଚାୟତ ଭାଲୁକି ଗ୍ରାମର କମଳା ବେହେରା ଓ ଜଳଦା ପଞ୍ଚାୟତ ତୁଟୋ ଗ୍ରାମର ଭଗବାନ ବାରିକଙ୍କ ଘରୁ ଚୋରି ଭଳି ବହୁ ଘଟଣା ତଥା ଅସଂଖ୍ୟ ଦୋକାନ ଚୋରି ଘଟଣା ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଚୋରି ବଢ଼ିଚାଲିଥିବା ବେଳେ ଏତେବଡ଼ ଥାନାରେ ଆଇଆଇସିଙ୍କ ବ୍ୟତୀତ ମାତ୍ର ୨ଜଣ ଏଏସ୍‌ଆଇଙ୍କୁ ସବୁକଥା ବୁଝିବା ମୁସ୍କିଲ ତାହା ନୁହେଁ ଚୋରି ପାଇଁ ବାଟ ପରିସ୍କାର କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନିଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କୁ ପଚାରିବାରୁ ଷ୍ଟାଫ ବଢ଼ାଇବା ନେଇ ଏସ୍‌ପିଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

# ମାଣତ୍ରୀ ଶୈବପୀଠରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ବାରିପଦା,୧୫।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମାଣତ୍ରୀ ପୀଠରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁମାନେ।

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ବାବା ଶ୍ରୀ କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ରବିବାର ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଦିଅଁ ଦର୍ଶନ,ପୂଜା ଓ ଦୀପ ଜାଳିବା ପାଇଁ ଭିଡ଼ ଲଗାଇଥିଲେ। ଚଳିତ ଥର ଶୃଙ୍ଖଳିତ ଭାବରେ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ସୂଚନା ଅନୁଯାୟୀ, ଶନିବାର ଭୋର ୪ଟାରେ ଦିଅଁଙ୍କ ପହଡ଼ ଭଙ୍ଗା ହୋଇଥିବାବେଳେ ୪ଟା୩୦ମିନିଟରେ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶ୍ରଦ୍ଧାଳୁମାନେ ନିଜନିଜ ଘର ସମ୍ମୁଖରେ ଧୂପ, ଦ୍ୱୀପ, ଶଙ୍ଖ ହୁଳହୁଳି ସହିତ ସ୍ୱାଗତ ଜଣାଇଥିଲେ। ପରେ ବାଲ୍ୟ ଭୋଗଲାଗି ଓ ସାଧାରଣ ଦର୍ଶନ, ସାଧାରଣ ପୂଜାଲାଗି ୫ଟାରୁ ଆରମ୍ଭ ହୋଇଥିଲା। ଅପରାହ୍ଣ ୨ଟାରେ ପର୍ବାଣୀର ବିଶେଷ ଭୋଗଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତୀ, ରାତି ୧୦ଟା୩୦ରେ ସାଧାରଣ ଦର୍ଶନ ବନ୍ଦ ହୋଇଥିଲା। ଏହାପରେ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ ସରୁଣୀ, ପାଲିଙ୍କି ଶୋଭାଯାତ୍ରା, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟା ୧୫ମିନିଟରେ ମହାଦୀପ ଉଠିଥିଲା। ସୋମବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ ବୋଲି ସୂଚନା ମିଳିଛି। ବ୍ରତୀମାନେ ନିଶ୍ଚିନ୍ତ ଦୀପ ଜାଳିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧର୍ମଜାଗରଣ ସମିତି ପକ୍ଷରୁ ୨୪ ଘଣ୍ଟା ନିରବଚ୍ଛିନ୍ନ 'ଓଁ ନମଃ ଶିବାୟ' ଜପ ୨୭ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ବାରିପଦା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ନିଜେ ଭଜନ ପରିବେଷଣ କରିଥିଲେ। ବାଲେଶ୍ୱର ଏସ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବଡ଼ସାହି ବିଧାୟକ ସନାତନ ବିଜୁଳି ଦିଅଁ ଦର୍ଶନ ପୂର୍ବକ ଆଶିଷ ଭିକ୍ଷା କରିଥିଲେ। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ତାଙ୍କ ସମର୍ଥକମାନେ ମନ୍ଦିର ପ୍ରାଙ୍ଗଣରେ ୨୪ଘଣ୍ଟିଆ ଜଳସେବା ଜାରି ରଖିଥିଲେ। ମନ୍ଦିର ପ୍ରାଙ୍ଗଣରେ ଜାଗର ମେଳା ରବିବାରଠାରୁ ଆରମ୍ଭ ହୋଇଛି। ମେଳାରେ ଜୁଆ, ମଦ, ନିଶା କାରବାର ଓ ଅସାମାଜିକ କାର୍ଯ୍ୟକଳାପ ରୋକାଯିବା ପାଇଁ ଜଣେ ମାଜିଷ୍ଟ୍ରେଟ ଓ ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଆଇଆଇସି ବାରୁଣି ଦାସ ଓ ୨ଜଣ ଇନ୍‌ସପେକ୍ଟରଙ୍କ ସହିତ ୩ ପ୍ଲାଟୁନ ପୋଲିସ ଫୋର୍ସ ଓ ଅଫିସର ମୁତୟନ କରାଯାଇଛି। ମେଳା ପାଇଁ ଏକ ଅସ୍ଥାୟୀ ଫାଣ୍ଡି ଖୋଲାଯାଇଛି। ପୋଲିସ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ବୈଶିଙ୍ଗା–ବଡ଼ସାହି ରାସ୍ତାର ମାଣତ୍ରୀ ଇନ୍ଦିରା ଛକ ଓ ବୈଶିଙ୍ଗା–ଉଦଳା ରାସ୍ତାର ଚମ୍ପାଲାଞ୍ଜି ଛକପାଖରୁ ମେଳାକୁ ଯାନବାହାନ ନିଷେଧ କରାଯାଇଛି। ବଡ଼ସାହି ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ ଜଳାଶୟରେ ଲାଇଫ ବୋଟ୍ ରଖାଯାଇଥିବା ବେଳେ ଦୀପ ଜାଳିବା ସମୟରେ ବ୍ରତୀମାନଙ୍କୁ ସତର୍କ କରାଯାଇଥିଲା। ଏଥିସହିତ ପଞ୍ଚାୟତ,ସ୍ୱାସ୍ଥ୍ୟବିଭାଗ, ବିଦ୍ୟୁତ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାହାଯ୍ୟ,ସୂଚନା କେନ୍ଦ୍ର ଖୋଲାଯାଇଥିବା ସୂଚନା ମିଳିଛି।

# ଶିବ ମନ୍ଦିରରେ ଭିଡ଼

ରାଇରଙ୍ଗପୁର,୧୫।୨ (ମାନସ ମହାନ୍ତି)

ରାଇରଙ୍ଗପୁର ସହରାଞ୍ଚଳ ସମେତ ପ୍ରାନ୍ତପଲ୍ଲୀର ବିଭିନ୍ନ ଶିବ ମନ୍ଦିରରେ ପବିତ୍ର ମହାଶିବରାତ୍ରି ରବିବାର ପାଳିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳ କୁଟେଇବୁଡ଼ି ବସ୍ତି ଅଞ୍ଚଳସ୍ଥିତ ବାବା ପୁର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ବାବା ଶୀଳାନେଶ୍ୱର ମହାଦେବ ଏବଂ ବିକାଶ ନଗର ବସ୍ତିରେ ଥିବା ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିର ସମେତ ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁମାନେ ଦେବ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ବହୁ ସଂଖ୍ୟକ ବ୍ରତଧାରିଣୀ ବିଭିନ୍ନ ଶିବ ମନ୍ଦିର ପରିସରରେ ସନ୍ଧ୍ୟା ସମୟରେ ଦୀପ ପ୍ରଜ୍ୱଳନ ସହ ଠାକୁରଙ୍କୁ ଆରାଧନା କରିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ଗୋରୁମହିଷାଣୀ, ହାତୀବାଦଡ଼ା, ବାଦାମପାହାଡ଼, ବହଳଦା, ତିରିଙ୍ଗ ସମେତ ବିଭିନ୍ନ ସ୍ଥାନରେ ମହା ଶିବରାତ୍ରି ପାଳିତ ହୋଇଯାଇଛି।

# ଉଦଳା: ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ମହିଳାମାନେ ଭୋଗଡାଲା ଧରି ଯାଉଛନ୍ତି।

ଉଦଳା,୧୫।୨(ସନ୍ତୋଷ କୁମାର ବାଞ୍ଛିନୀ)

ଶିବରାତ୍ରି ଉପଲକ୍ଷେ କପ୍ତିପଦା ବ୍ଲକ ଅଧୀନ ଝିଙ୍କେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମୟୂରଭଞ୍ଜ ଜିଲାର ଝିଙ୍କେଶ୍ୱର ପୀଠ ଏକ ଅନନ୍ୟ ପୀଠ। ଏଠାରେ ମହାଦେବ ପ୍ରତ୍ୟକ୍ଷ ହୋଇଥିବାରୁ ଏଠାକୁ କେବଳ କପ୍ତିପଦା ଉପଖଣ୍ଡ ନୁହେଁ ଅନ୍ୟ ଜିଲାରୁ ମଧ୍ୟ ଶ୍ରଦ୍ଧାଳୁମାନେ ଦର୍ଶନ ନିମନ୍ତେ ଆସୁଥିବା ଦେଖିବାକୁ ମିଳିଛି। ମନ୍ଦିର କମିଟି, ପୋଲିସ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ, ପ୍ରଶାସନ ଶାନ୍ତିଶୃଙ୍ଖଳାର ସହିତ ଜାଗର ଯାତ୍ରା ପାଳନରେ ସହଯୋଗ କରିଥିଲେ। ସେହିପରି ଉଦଳା ବ୍ଲକ ଅଧୀନରେ ଥିବା ବଡ଼ଖମଣ ଅଞ୍ଚଳର ଜୟ ଖଣ୍ଡେଶ୍ୱର ବୀରଖଣ୍ଡେଶ୍ୱର ମନ୍ଦିର ସମେତ ଉଦଳାର ସର୍ବ ପୁରାତନ ମଣି ନାଗେଶ୍ୱର ମନ୍ଦିର, ଜ୍ୟୋତିଲିଙ୍ଗେଶ୍ୱର,ସ୍ୱପ୍ନେଶ୍ୱର ମନ୍ଦିର ସମେତ ବିଭିନ୍ନ ଶୈବ ପୀଠମାନଙ୍କରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହା ସହିତ ରାତି ସମୟରେ ପ୍ରଦୀପ ପ୍ରଜ୍ୱଳନ ନିମନ୍ତେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପ ଜାଳିଥିଲେ। ଅଘଟଣ ଏଡାଇବା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ମଧ୍ୟ ସଜାଗ ରହିଥିବା ଦେଖିବାକୁ ମିଳିଥିଲା।

# କରଞ୍ଜିଆରେ ମହାଶିବରାତ୍ରି

କରଞ୍ଜିଆ,୧୫।୨ (କବିତା ମହାନ୍ତ)

କରଞ୍ଜିଆ ଅଞ୍ଚଳରେ ଶିବ ମହା ଚତୁର୍ଦ୍ଦଶୀ ଉତ୍ସବ ପାଳିତ ହୋଇଛି। କରଞ୍ଜିଆ ସହରରେ ଥିବା ବାଲୁଙ୍କେଶ୍ୱର ଶିବ ମନ୍ଦିର, ପୁର୍ନେଶ୍ୱର ଶିବ ମନ୍ଦିର, ବାମନା ଶାଳ ଶିବ ମନ୍ଦିର, କରଡ଼ିଆ ଶିବ ମନ୍ଦିର, ରଣମତଳା ରସିକେଶ୍ୱର ମନ୍ଦିର, ଶକ୍ତି ମନ୍ଦିର, ଧର୍ମଶାଳା ଶିବ ମନ୍ଦିର, ମାଣିକ ଛକ ଶିବ ମନ୍ଦିର ସମେତ ସାହାରପଡା, ଶରଧା, ଭଅଁରାଠାରେ ନୂତନଭାବେ ନିର୍ମାଣ ହୋଇଥିବା ଶିବ ମନ୍ଦିରରେ ରବିବାର ପ୍ରାତଃ ୫ଟାଠାରୁ ଶିବ ଉପାସନା ଆରମ୍ଭ ହୋଇଥିଲା। କରଞ୍ଜିଆର ପୁର୍ନେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସବୁ ମନ୍ଦିରରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଅନେକ ମନ୍ଦିରକୁ ଆକର୍ଷଣୀୟ ଫୁଲ, ବିଜୁଳି ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟା ପରଠୁ ମନ୍ଦିରରେ ଭକ୍ତମାନେ ଦୀପ ପ୍ରଜ୍ୱଳନ କରି ଶିବ ବ୍ରତ ପାଳନ କରିଥିଲେ। ବାମନାଶାଳ ଶିବ ଚତୁର୍ଦ୍ଦଶୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

# ହରିହର ବେଶରେ ଦର୍ଶନ ଦେଲେ ଶ୍ରୀଲୋକନାଥ


ମନ୍ଦିରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁମାନେ।

ଝାରପୋଖରିଆ,୧୫।୨ (ସୁଧୀର କୁମାର ମହାନ୍ତ)

ଝାରପୋଖରିଆ (ବମ୍ଡ଼େଛକ)ଠାରେ ପୂଜାପାଇ ଆସୁଥିବା ଶ୍ରୀ ଲୋକନାଥ ମହାଦେବଙ୍କ ପୀଠରେ ରବିବାର ମହାଶିବରାତ୍ରି ଉପଲକ୍ଷେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପୂଜକ ଅମରେନ୍ଦୁ ମିଶ୍ର ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରାଇବା ପରେ ସକାଳୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ଧାଡ଼ିବାନ୍ଧି ଦର୍ଶନ କରିଥିଲେ। ଝାରପୋଖରିଆ ପୋଲିସ ପକ୍ଷରୁ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଆମ ସୀମାନ୍ତ ମହୋତ୍ସବ ସମିତି ପକ୍ଷରୁ ଭକ୍ତଙ୍କ ନିମନ୍ତେ ବିଶୁଦ୍ଧ ପାନୀୟ ଜଳ, ମୃଦୁ ପାନୀୟ ଓ ମାଗଣା ସରବତ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ଚୁଡ଼ାକୁ ମହାଦୀପ ଉଠିବା ପରେ ଭକ୍ତମାନଙ୍କୁ ବାବାଙ୍କ ପ୍ରସାଦ ସହିତ ଅନ୍ନଭୋଗ ବଣ୍ଟନ କରାଯିବା ବ୍ୟବସ୍ଥା ରହିଥିବା ମନ୍ଦିର ପରିଚାଳନା କମିଟିର ସଭାପତି ଓ ସମ୍ପାଦକ ସୂଚନା ଦେଇଛନ୍ତି।

# ଥାନା ଆଗରେ ଷଣ୍ଢ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ବାଙ୍ଗିରିପୋଷି,୧୫।୨ (ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗରିପୋଷି ଥାନା ଆଗରେ ରବିବାର ଭୋର ସମୟରେ ଏକ ଷଣ୍ଢ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି ଭାରସାମ୍ୟ ହରାଇ ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଭାଙ୍ଗିଦେବା ସହ ନିକଟରେ ଥିବା ପଦ୍ମା ଔଷଧ ଦୋକାନ ମଧ୍ୟରେ ପଶିଯାଇଥିଲା। ଖବରପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଗୋରୁ ବେପାରୀମାନେ ଗାଡ଼ିରୁ ଓହ୍ଲାଇ ଚମ୍ପଟ ମାରିଥିଲେ। ଗାଡ଼ିମଧ୍ୟରେ ଥିବା ୪ଟି ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି। ବାଙ୍ଗିରିପୋଷି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ବାଙ୍ଗରିପୋଷି ଥାନାଦେଇ ପ୍ରତ୍ୟେକ ଦିନ ଗୋରୁ ଚାଲାଣ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ପୋଖରୀରୁ ମୃତଦେହ ଜବତ

ରାଇରଙ୍ଗପୁର,୧୫।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ମହୁଭଣ୍ଡାର ଗ୍ରାମରେ ଥିବା ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ମୋଚିରାମ ମାରାଣ୍ଡି (୫୫)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୦୨୬) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଶନିବାର ପୂର୍ବାହ୍ନରେ ମୋଚିରାମ ବାହାରକୁ ଯାଉଛି ବୋଲି କହି ଘରୁ ଆସିବା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ପରେ ପୋଖରୀରେ ମୋଚିରାମଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ସେ ପୋଖରୀକୁ ଶୌଚ ପାଇଁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଥିବା କୁହାଯାଉଛି।

# ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

ବାରିପଦା,୧୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀ ଆଇସିପିଆର ସହଯୋଗରେ ପର୍ଯ୍ୟାୟିକ ବକ୍ତୃତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ପ୍ରସାଦ ବେହେରା ମୁଖ୍ୟ ଅତିଥିରୂପେ ଯୋଗଦେଇ ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱ, ଦାର୍ଶନିକ ତତ୍ତ୍ୱ ଏବଂ ସାର୍ତ୍ରେବାଦୀମାନଙ୍କ ସାଧୀନତା ତତ୍ତ୍ୱ ମଧ୍ୟରେ ସେତୁ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ବିଷୟ ବିଷାରଦ ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମନୋରଞ୍ଜନ ମଲ୍ଲିକ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ହିମାଂଶୁ ଶେଖର ସାମଲ ସବିଶେଷ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଡ. ନରେନ୍ଦ୍ର ପ୍ରସାଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ବିଭାଗୀୟ ମୁଖ୍ୟ ଡ.ଦୀପକ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଅନ୍ନପୂର୍ଣ୍ଣା ଧଳ ସହଯୋଗ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ସହକାରୀ ପ୍ରଫେସର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା,୧୫।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

୨୦୧୯ ଫେବୃୟାରୀ ୧୪ ତାରିଖରେ ପୁଲୱାମାଠାରେ ୪୦ଜଣ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେହି ଦିନକୁ ସାରା ଦେଶରେ ପ୍ରତିବର୍ଷ କଳା ଦିବସ ଭାବେ ପାଳନ କରାଯାଇଆସୁଛି। ଏହି ଅବସରରେ ସ୍ଥାନୀୟ ଭଞ୍ଜପୁର ଛକରେ ଦୁର୍ଗାପୂଜା କମିଟିର ସଦସ୍ୟମାନେ କ୍ୟାଣ୍ଡେଲ ଜାଳି ଓ ନୀରବ ପ୍ରାର୍ଥନା କରି ବୀର ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦମାନେ ସର୍ବଦା ଅମର ହୋଇ ରହିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କମିଟିର ପ୍ରସନ୍ନଜିତ ମହାନ୍ତି, ସୁନୀଲ ନାୟକ, ସିଦ୍ଧାର୍ଥ ପଣ୍ଡା, ସତ୍ୟାନନ୍ଦ ବାରିକ, ରଞ୍ଜିତପାତ୍ର, ମାନସପାତ୍ର ଓ ସଞ୍ଜୟ ସାହୁଙ୍କ ସମେତ ସ୍ଥାନୀୟ ଯୁବପିଢ଼ି ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ।

# ଯୁବକଙ୍କ ଆତ୍ମହତ୍ୟା

କରଞ୍ଜିଆ,୧୫।୨(କବିତା ମହାନ୍ତ)

କରଞ୍ଜିଆ ୱାର୍ଡ ନଂ.୧୨ ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଶମ୍ଭୁନାଥ ସାହୁଙ୍କ ପୁଅ ଦିନେଶ(୪୫)। କରଞ୍ଜିଆ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ବର ଗଛରେ ବେକରେ ଗାମୁଛା ବାନ୍ଧି ସେ ଆତ୍ମହତ୍ୟା କରିଛନ୍ତି। ୬ ବର୍ଷ ତଳେ ସେ ବିବାହ କରିଥିଲା ବେଳେ ଭଦ୍ରକରେ ରହି କାର୍ଯ୍ୟ କରୁଥିଲେ। ଅଳ୍ପ ଦିନ ତଳେ ସେ ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକାର୍ଯ୍ୟରେ ଯୋଗଦେବାକୁ ଭଦ୍ରକରୁ ଘରକୁ ଆସିଥିଲେ। ଶନିବାର ମଧ୍ୟାହ୍ନ ୧୨ଟାରେ ସେ ଭଦ୍ରକ ଯିବେ ବୋଲି କହି ବାହାରି ଆସିଥିଲେ। ତେବେ ରବିବାର ସକାଳେ ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି। ମୃତ ଦିନେଶଙ୍କ ଏକ ପୁତ୍ର ଅଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।

# ସତ୍ୟସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ


ଉଦଳା,୧୫।୨
(ସନ୍ତୋଷ କୁମାର ବାଞ୍ଛିନୀ)


ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଉଦଳା ନାଗପାଳସ୍ଥିତ ଖେଳ ପଡ଼ିଆରେ ରବିବାର ପୂର୍ବାହ୍ନ ୧୦ଟା ସମୟରେ ସତ୍ୟ ସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଉଦଳା ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଭାଜପା ଜିଲା ସଭାପତି ନିହାର ରଞ୍ଜନ ମୋଦି, ସାମାଜିକ କର୍ମୀ ବିଶ୍ୱଜିତ ନାୟକ, ଅମୀୟ କୁମାର ବଳ, ସରପଞ୍ଚ ସୁନାରାମ ଟୁଡୁ, କଲ୍ଲୋଳ ସିଂ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଙ୍ଗ ଏବଂ କଟକ ୟୁନିଅନ ସ୍ପୋର୍ଟିଙ୍ଗ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନିୟନ ସ୍ପୋର୍ଟିଙ୍ଗ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୯ ରନ କରିଥିବା ବେଳେ ଜବାବରେ ଉତ୍କଳିକା ସ୍ପୋର୍ଟିଙ୍ଗ ୯ ଉଇକେଟ ହରାଇ ୧୬୫ ରନ କରିବାରେ ସକ୍ଷମ ହୋଇଥିଲା। ୟୁନିୟନ ସ୍ପୋର୍ଟିଙ୍ଗ ୬୪ ରନରେ ଉତ୍କଳିକା ସ୍ପୋର୍ଟିଙ୍ଗକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ ଉଦଳା ୟୁନିକ –୧୧ ଏବଂ ଭଦ୍ରକ ସୂର୍ଯ୍ୟଶିଖା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସୂର୍ଯ୍ୟଶିଖା ୩ ଉଇକେଟରେ ୟୁନିକ –୧୧ଦ୍‌କୁ ପରାସ୍ତ କରିଥିଲା। ସରୋଜ କୁମାର ବେହେରା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

# ଶ୍ରଦ୍ଧାଳୁ ଜାଳିଲେ ଦୀପ

ଗୋପବନ୍ଧୁ ନଗର, ୧୫।୨
(ଶାନ୍ତନୁ କୁମାର ମଢୁଆଳ)


ମହିଳାମାନେ ଜାଗର ଦୀପ ଜାଳୁଛନ୍ତି।

ଜାଗର ଓ ମହାଶିବ ରାତ୍ରୀ ଅବସରରେ ରବିବାର ବିଭିନ୍ନ ସ୍ଥାନରେ ଥିବା ଶୈବ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିବା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ଗୋପବନ୍ଧୁ ନଗର ବ୍ଲକର ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ଚତୁରୀ, ଗଦାଧର କୁଆଁରୀପୁର ଶାସନ, ସିମିଳାବନ୍ଧ, ବରଡିହି, କୁଆମରା ହରିହର ପୀଠ ଓ ନୃସିଂହ ନାଥ ପୀଠ, ପଟୁଆ, ସିକିଡିଆ, ଉପରକଡଦା, ଖଡିକାପଦା ଆଖଣ୍ଡଳମଣି ପୀଠ, ରାଣୀବନ୍ଧ ପଞ୍ଚାୟତ ଛୁରୁଣୀ ନିକଟସ୍ଥ ମେଘା ଶୈବ ପୀଠ, ଖୁଣ୍ଟା ବ୍ଲକର ସୀମଗଡିଆ, ଡବକ, କରକଚିଆର ପୁରାତନ ଶୈବ ପୀଠ, କୁଖୁରେଶ୍ୱର, ବଡଫେଣୀ ପଞ୍ଚାୟତର ଛତ୍ରମା, ଲକ୍ଷ୍ମଣସାହି ପଞ୍ଚାୟତର ତାଡକି, ଡୁକୁରା, ବାସିପିଠା, କମଳି ପ୍ରଭୃତି ପୀଠ ଗୁଡିକରେ ସକାଳଠାରୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ମହାଦେବଙ୍କ ପୂଜା କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳ ଆରତୀ, ହୋମ, ମହାସ୍ନାନ, ଧୂପ ଯଜ୍ଞ ଆଦି କାର୍ଯ୍ୟ ପରେ ମହାଦୀପ ଉଠିଥିଲା। ବିଭିନ୍ନ ପୀଠରେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୁସୁମିଆ ଗ୍ରାମରେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି।

# ଆଖଣ୍ଡଳମଣି ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

## ମହାଶିବରାତ୍ରି

ଧୁଷୁରୀ,୧୫।୨(ଦୀପ୍ତିରଞ୍ଜନ ନାୟକ)

ମହାଶିବରାତ୍ରି ପାଇଁ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ରବିବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ପ୍ରଭୁଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥିଲା। କନିକା ରାଜାଙ୍କ ଦ୍ୱାରା ପହିଲି ଘର୍ଷଣ ଓ ବାଲ୍ୟଭୋଗ ବାବାଙ୍କୁ ସମର୍ପଣ କରାଯାଇଥିଲା। ପରେ ସାହାଣମେଲା କରାଯିବା ସହ ଲମ୍ବାଧାଡ଼ିରେ ଆସି ଭକ୍ତମାନେ ଦିଅଁ ଦର୍ଶନ କରିଥିଲେ। ପ୍ରଭାତଠାରୁ ଅର୍ଦ୍ଧରାତ୍ର ଯାଏ ପ୍ରଭୁଙ୍କୁ ଦିଗମ୍ବର ବେଶରେ ଭକ୍ତମାନେ ଦେଖିବା ସହ ଘର୍ଷଣ ଭୋଗ କରିବାର ସୁଯୋଗ ପାଇଥିଲେ। ସନ୍ଧ୍ୟାରେ ଭକ୍ତମାନେ ଶିବଗଙ୍ଗା ପୁଷ୍କରିଣୀ ଚତୁପାର୍ଶ୍ୱରେ ଜାଗର ଦୀପ ଜାଳି ବସିଥିଲେ। ରାତି ୧୨ଟାରେ ପ୍ରଭୁଙ୍କୁ ସୁନାବେଶରେ ସଜ୍ଜିତ କରାଯାଇଥିଲା। ଭୋର ୪ଟା ୩୦ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନେଇ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ସୂଚନା ଦେଇଥିଲେ।

ଚଳିତବର୍ଷ ଭିଡ଼କୁ ନିୟନ୍ତ୍ରଣ କରିବା ପଇଁ ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ବେଶ ସଜାଗ ରହିଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଏସ୍‌ପି ମନୋଜ ରାଉତ, ଗୁଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ପୀଠରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ପୀଠରେ ୩ ଡିଏସ୍‌ପି, ୫ ଏସ୍‌ଡିପିଓ, ୧୫ ଇନ୍ସପେକ୍ଟର ନିୟୋଜିତ ରହିଥିବା ବେଳେ ୧୮ ପ୍ଲାଟୁନ ପୋଲିସ ଫୋର୍ସ ଓ ୫୦ରୁ ଅଧିକ ମହିଳା ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ପୀଠରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନିକସ୍ତରରେ ପଦକ୍ଷେପ ନିଆଯାଇଥିଲା। ଭକ୍ତମାନେ କିପରି ସୁରୁଖୁରୁରେ ଦିଅଁ ଦର୍ଶନ କରିପାରିବେ, ସେଥିପାଇଁ ବ୍ୟାରିକେଡ୍ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ପ୍ରଭୁଙ୍କୁ ଦର୍ଶନ କରି ନିଜର ମାନସିକ ପୂରଣ କରିଥିଲେ। ଜଳପଥରେ ଆସୁଥିବା ଭକ୍ତମାନଙ୍କ ପାଇଁ ତିନିତର, ଧାନଖଣିଆ, ମୁଆଁ ଆଦି ଘାଟରେ ଦିନବେଳା ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଥିଲା। ତେବେ ଭଦ୍ରକ-ଆରଡ଼ି ରାସ୍ତାର ଓଳଗ ନିକଟରେ ରାସ୍ତା ମରାମତି ହୋଇ ନ ଥିବାରୁ ଭକ୍ତମାନେ କ୍ଷୋଭ ପ୍ରକାଶ କରିଥିଲେ। ପୀଠରେ ସୂଚନା କେନ୍ଦ୍ରରେ ଜିଲା ସୂଚନାଧିକାରିଣୀ ମଧୁସ୍ମିତା ଶତପଥୀଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଭଦ୍ରକ ସତ୍ୟସାଇ ସଙ୍ଗଠନର ସଦସ୍ୟମାନେ ୨ଦିନ ଧରି ପୀଠ ପରିଷ୍କାର କରିଥିଲେ। ବାବାମଣି ଫାଉଣ୍ଡେଶନର କର୍ମକର୍ତ୍ତା, ଭାରତ ବିକାଶ ପରିଷଦ, ଭଦ୍ରକ ଶାଖାର କର୍ମକର୍ତ୍ତା, ଶ୍ରୀୟାଂଶୁ ଫାଉଣ୍ଡେଶନର କର୍ମକର୍ତ୍ତାମାନେ ଭକ୍ତମାନଙ୍କୁ ଦହି ସର୍ବତ ଓ ପାନୀୟଜଳ ବଣ୍ଟନ କରିଥିଲେ। ବାବାମଣି ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନାର ଛାତ୍ରୀଛାତ୍ର ଶୃଙ୍ଖଳା ରକ୍ଷାରେ ସହାୟତା କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ସମସ୍ତ ଶ୍ରଦ୍ଧାଳୁଙ୍କୁ ମହାଶିବରାତ୍ରି ଶୁଭେଚ୍ଛା ଜଣାଇବା ସହ ଜିଲାର ଅଧିବାସୀ ଓ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇଥିଲେ।


ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।


ଭକ୍ତମାନେ ଶିବଗଙ୍ଗା ପୁଷ୍କରିଣୀ ଚତୁପାର୍ଶ୍ୱରେ ଦୀପ ଜାଳୁଛନ୍ତି।

# ଜାଗର ପାଇଁ ଶୈବପୀଠ ଚଳଚଞ୍ଚଳ


ବାବା ଜଗତେଶ୍ୱରଙ୍କ ବଡ଼ସିଂହାର ବେଶ।

ଧାମନଗର,୧୫।୨(ଦେବେନ୍ଦ୍ର ଆନ୍ଦିଆ)

ଜାଗର ପାଇଁ ରବିବାର ଧାମନଗର ବ୍ଲକର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଛି। ବ୍ଲକର କରଦା ପଞ୍ଚାୟତସ୍ଥିତ ଖିଲାଟେଶ୍ୱର ମନ୍ଦିର, ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ହରିହର ମହାଦେବ, ଝାଡେଶ୍ୱର, ବାଲିପାଟଣା ଗ୍ରାମର ଜଗତେଶ୍ୱର ଓ ଉତ୍ତେଇପୁରର ଜାନକେଶ୍ୱର ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଗତେଶ୍ୱର ମନ୍ଦିରରେ ଭୋର ସମୟରେ ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ମହାସ୍ନାନ, ଭୋଗ, ବିଭିନ୍ନ ବେଶ, ଷୋଡ଼ଶ ଉପଚାର ପୂଜା, ଅଭିଷେକ, ଯଜ୍ଞ ଓ ଶିବପୁରାଣ ଆଦି ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ରବିନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ, ବାବି ନନ୍ଦ, ଦୁର୍ଗା ଶଙ୍କର ଦୀକ୍ଷିତଙ୍କ ଦ୍ୱାରା ନୀତିକାନ୍ତି ସମ୍ପନ୍ନ ହୋଇଥିଲା। କୃପାସିନ୍ଧୁ ସାହୁ ଓ ପତ୍ନୀ ସ୍ୱର୍ଣ୍ଣଲତା ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ମହିଳାମାନେ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ବସି ରହିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା। ସେହିପରି ଅନ୍ୟ ଶିବମନ୍ଦିରରେ ପୂଜାର୍ଚ୍ଚନା ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। କରଦାସ୍ଥିତ ବାବା ଖିଲାଟେଶ୍ୱର ମହାଦେବଙ୍କ ପୀଠ ଜାଗରଯାତ୍ରା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏଠାରେ ମହାଦେବଙ୍କ ସହ ହରପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି। ପୁଅ ଅବା ଝିଅଙ୍କ ବିବାହରେ ବାଧା ଉପୁଜିଲେ ଏହି ମନ୍ଦିରରେ ଥିବା ହରପାର୍ବତୀଙ୍କୁ ପୂଜା କଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବିଭିନ୍ନ ରାଜନୈତିକ ଦଳର ନେତା ବିଭିନ୍ନ ଶୈବ ପୀଠ ବୁଲି ଦର୍ଶନ କରିଥିଲେ।

# ଶହେ ଶିବଲିଙ୍ଗର ଗାଁ ନରେନ୍ଦ୍ରପୁର ଉତ୍ସବମୁଖର

ତିହିଡ଼ି,୧୫।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଶୈବପୀଠରେ ରବିବାର ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହେ ଶିବଲିଙ୍ଗର ଗାଁ ରୂପେ ପରିଚିତ ନରେନ୍ଦ୍ରପୁର ଗାଁ ମଧ୍ୟ ଉତ୍ସବମୁଖର ହୋଇଛି। ବ୍ଲକର ସୟା ପଞ୍ଚାୟତ ଅଧୀନ ବାଉଁଶବାଗ ଗ୍ରାମସ୍ଥିତ ବୁଢ଼ା ମହାଦେବ ରୂପେ ସୁପରିଚିତ ବାବା ମୁକ୍ତେଶ୍ୱର, ଭାଟପଡ଼ା ପଞ୍ଚାୟତର ଶଂଖିଡ଼ା ଗ୍ରାମସ୍ଥିତ ଶଙ୍ଖଡ଼େଶ୍ୱର, କୋହ୍ଲ ଗ୍ରାମର ବାବା କୃଷ୍ଣେଶ୍ୱର ପ୍ରମୁଖ ପ୍ରସିଦ୍ଧ ଶୈବପୀଠରେ ସକାଳୁ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିଥିଲା। ଶ୍ରଦ୍ଧାଳୁମାନେ ବାବାଙ୍କ ନିକଟରେ ଭୋଗ

### ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

ଲଗାଇ ଆଶିଷ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମରେ ମହାଶିବରାତ୍ରି ପାଳନ କରାଯାଇଛି। ଗ୍ରାମରେ ଭୁଟେଶ୍ୱର, ଚମ୍ପକେଶ୍ୱର, ବାଟେଶ୍ୱର, ବେଲେଶ୍ୱର, ସିଂହେଶ୍ୱର, ରନ୍ନେଶ୍ୱର ପ୍ରମୁଖ ମହାଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଶୈବପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିଥିଲା।

# ଶୈବପୀଠରେ ଭକ୍ତଙ୍କ ଗହଳି


ଭଦ୍ରକ ଲୋକନାଥ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

ଭଦ୍ରକ,୧୫।୨(ସନାତନ ରାଉତ)

ମହାଶିବରାତ୍ରି ପାଇଁ ରବିବାର ଭଦ୍ରକ ସହରର ପ୍ରସିଦ୍ଧ ଶୈବପୀଠ ଲୋକନାଥ ମନ୍ଦିର ସମେତ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର ହୋଇଛି। ଲୋକନାଥ ମନ୍ଦିରରେ ପ୍ରାତଃ ୫ଟାରୁ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ଦିନସାରା ଗହଳି ଲାଗି ରହିଥିବା ବେଳେ ସନ୍ଧ୍ୟାରେ ଦୀପ ଜାଳିବାକୁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ଲାଗିଥିଲା। ଭୋର ୪ଟାରୁ ପହଡ଼ ଖୋଲାଯାଇ ମଙ୍ଗଳ ଆରତି ସହ ପୂଜାବିଧି ଆରମ୍ଭ ହୋଇଥିଲା। ଶିବରାତ୍ରି ପାଇଁ ସ୍ୱତନ୍ତ୍ର ପୂଜା ପରେ ସର୍ବସାଧାରଣଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ବାବାଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ପୁରୁଷ ଓ ମହିଳା ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ହୋଇଥିଲା। ରାତି ୧୧ଟାରୁ ମହାଦୀପ ପ୍ରସ୍ତୁତି ଆରମ୍ଭ କରାଯାଇ ସୋମବାର ଭୋର ୪ଟାରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ସେହିପରି ଭଦ୍ରକ ସହର ପୋଷ୍ଟଅଫିସ ଛକ ନୀଳଲୋହିତ ମନ୍ଦିର, ଜିଲାର ଅନ୍ୟତମ ଶୈବପୀଠ ଅଣିଜୋସ୍ଥିତ ବାବା ସିନ୍ଧୁକେଶ୍ୱର, ରାଉତରାପୁରର ସୁବର୍ଣ୍ଣେଶ୍ୱର, ଆଡ଼ିଆସ୍ଥିତ ଆରଡ଼େଶ୍ୱର ପ୍ରମୁଖ ଶୈବପୀଠରେ ଦିନସାରା ଭକ୍ତଙ୍କ ଭିଡ଼ ଲାଗିଥିଲା। ଭକ୍ତମାନେ ଉପବାସ କରି ସନ୍ଧ୍ୟାରୁ ଦୀପ ଜାଳି ଉଜାଗର ରହିଥିଲେ।

# ବିଭିନ୍ନ ସ୍ଥାନରେ ଜାଗର ଯାତ୍ରା

ଭଣ୍ଡାରିପୋଖରୀ,୧୫।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଶୈବପୀଠ ରବିବାର ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହର ହର ମହାଦେବ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ବ୍ଲକର ପ୍ରସିଦ୍ଧ ଆଖୁଆପଦା ହରପାର୍ବତୀ ପୀଠରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ରହଣିଆ ଉତ୍ତରେଶ୍ୱର ପୀଠ ଓ ରାଢୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଦର୍ଶନ କରିଛନ୍ତି। ପୀଠରେ ଅଭିଷେକ ପୂଜା, ବେଲ ପତ୍ର ଅର୍ପଣ, ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମାଳଦା ଛୋଟେଶ୍ୱର ପୀଠ, ମଞ୍ଜୁରୀ ଅପୂଜା ମହାଦେବ ପୀଠ, ଆକୁଳିକଣା ବରଣେଶ୍ୱର ପୀଠ, ଥାନା ପରିସରରେ ଥିବା ଶୀତ କଣ୍ଟେଶ୍ୱର ପୀଠରେ ଜାଗର ଉତ୍ସବ ପାଳନ କରାଯାଇଛି। ବ୍ରତଧାରୀ ପୁରୁଷ ଓ ମହିଳାମାନେ ମନ୍ଦିରରେ ଅଖଣ୍ଡ ଦୀପ ଦେଇ ଶିବ ଉପାସନା କରିଛନ୍ତି। ସନ୍ଧ୍ୟା ପରେ ବିଭିନ୍ନ ପୀଠରେ ହୋମଯଜ୍ଞ ସହ ପର୍ଯ୍ୟାୟକ୍ରମେ ମହାଦେବ ଉଠିଥିଲା।

# ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱରଠାରେ ଟାଟାପାୱାର ପକ୍ଷରୁ ଯୁବ ଉଦ୍ୟୋଗୀ ସନ୍ତୋଷ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୁଷୁରୀ,୧୫।୨(ଦୀପ୍ତିରଞ୍ଜନ ନାୟକ)

ଟାଟାପାୱାର ପକ୍ଷରୁ ବାଲେଶ୍ୱର ଲୋସି ଅଡିଟୋରିୟମ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଭଦ୍ରକ ଜିଲା ଅସୁରାଳିର ଏବି ଇଲେକ୍ଟ୍ରିକାଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅସୁରାଳିରେ ଥିବା ଏ ବି ଇଲେକ୍ଟ୍ରିକାଲ ଟ୍ରାନ୍ସଫର୍ମର ନିର୍ମାଣ କାରଖାନା ଗ୍ରାମାଞ୍ଚଳ ଶିଳ୍ପ ମାନଚିତ୍ରରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଛି। ୧୯୯୦ରେ ସାମାଜିକ କର୍ମୀ ତଥା ଶିଳ୍ପପତି ହେମେନ୍ଦ୍ର ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କାରଖାନା ଦୀର୍ଘ ୩୫ବର୍ଷ ଧରି ଓଡ଼ିଶାର ଟ୍ରାନ୍ସଫର୍ମର ଚାହିଦା ପୂରଣ କରିଆସୁଛି। ଏହି ସଫଳତା ପାଇଁ ହେମେନ୍ଦ୍ରଙ୍କ ପୁଅ ଏମ୍‌ଡି ସନ୍ତୋଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଟାଟାପାୱାର ଓଡ଼ିଶା ଚିଫ୍ ଗଜାନନ କାଲେ, ଟାଟା ପାୱାର ଆଜମେର, ରାଜସ୍ଥାନ ସିଇଓ ସୁନିଲ ଶର୍ମା, ଟାଟାପାୱାର ପ୍ରୋଜେକ୍ଟ ଚିଫ୍ ପ୍ରଦୀପ ମହାନ୍ତି, ଟାଟାପାୱାର କମର୍ସ ଚିଫ୍ ଜୟଦୀପ ରାୟ ଏବଂ ଟାଟାପାୱାର ଚିଫ୍ କଣ୍ଟ୍ରାକ୍ଟ ଭିପିନ ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ବାପା

ଚାନ୍ଦବାଲି,୧୫।୨(କିଷାନ ପାତ୍ର)

### ଗାଧୁଆଘରେ ପଡ଼ି ମହିଳାଙ୍କ ମୃତ୍ୟୁ

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ବିଜୟନଗର ଗାଁରେ ବର୍ଷା ପାଣ୍ଡବ ନାମ୍ନୀ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗାଧୁଆଘରେ ପଡ଼ି ବର୍ଷାଙ୍କ ମୃତ୍ୟୁ ଘଟିଥିବା ଶାଶୁଘର ପକ୍ଷରୁ କୁହାଯାଉଥିବା ବେଳେ ହତ୍ୟା କରାଯାଇଥିବା ନେଇ ବାପଘର ଲୋକେ ଅଭିଯୋଗ ଆଣିଛନ୍ତି। ମୃତା ବର୍ଷାଙ୍କ ବାପା ମତୋ ପରମାନନ୍ଦପୁର ଗାଁର ସୁଦାମ ସେନାପତି ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି ଯେ, ୨୦୨୧ରେ ତାଙ୍କ ଝିଅ ବର୍ଷାଙ୍କ ସହ ବିଜୟନଗର ଗାଁର ଚିଣ୍ଟୁ ପାଣ୍ଡବଙ୍କ ପ୍ରେମବିବାହ ହୋଇଥିଲା। ପରେ ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ରବିବାର ସକାଳ ପ୍ରାୟ ୯ଟା ବେଳେ ବର୍ଷାଙ୍କୁ ଗୁରୁତର ଅବସ୍ଥାରେ ଚାନ୍ଦବାଲି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୯/୨୬) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ପରେଶ ମହାନ୍ତି କହିଛନ୍ତି।

# ଶ୍ରଦ୍ଧାଳୁଙ୍କୁ ସର୍ବତ ବଣ୍ଟନ


ଜିଲା ସାମ୍ବାଦିକ ସଂଘ ପକ୍ଷରୁ ସର୍ବତ ବଣ୍ଟନ କରାଯାଉଛି।

ଭଦ୍ରକ, ୧୫।୨(ରବିନାରାୟଣ ଖିଲାର)

ମହାଶିବରାତ୍ରି ଅବସରରେ ଉତ୍କଳ ସାମ୍ବାଦିକ ସଂଘ ସହ ବନ୍ଧିତ ଭଦ୍ରକ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଲୋକନାଥ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଛି। ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ସର୍ବତ ଓ ଥଣ୍ଡାପାଣି ବଣ୍ଟନ କରାଯାଇଥିଲା। ସଭାପତିଙ୍କ ସହ ସମ୍ପାଦକ ରାମନାରାୟଣ ମହାନ୍ତି, ଉପସଭାପତି ସଞ୍ଜୀବ ନାୟକ, କୋଷାଧ୍ୟକ୍ଷ ସୁଜୟ ପାକଳ, ଅବଦୁଲ ଫିରୋଜ ଖାଁ, ପ୍ରଶାନ୍ତ ସାହୁ, ଉପଦେଷ୍ଟା ଅମର ନାୟକ, ପ୍ରଦୀପ ବଳ, ସହସମ୍ପାଦକ ଅଶୋକ ସାହୁ, ଆଲୋକ ନାୟକ, ମୁକ୍ତିକାନ୍ତ ନାୟକ, ନବଘନ ଦାସ, ରଞ୍ଜିତ ଜେନା, ପ୍ରଭାକର ବାରିକ, ସନ୍ତୋଷ ସାହୁ, ମାନସ ପରିଡ଼ା, ଅଜୟ ମଲ୍ଲିକ, ବିଶ୍ୱଜିତ ଦାସ, କାଳନ୍ଦୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ଛାତ୍ରୀ

ଭଦ୍ରକ,୧୫।୨(ସନାତନ ରାଉତ): ଭଦ୍ରକ ଚରମ୍ପା ମହାବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମରେନ୍ଦ୍ର ଦାଶ ପ୍ରଥମ ଦିବସରେ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରଶିକ୍ଷିକା କବିତା ନାୟକ ଏବଂ ମନୋରମା ରାଉତ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର କୌଶଳ ଓ ଏହାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଦାଶ ସଭାପତିତ୍ୱ କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଳିକାମାନେ ସମସ୍ତ ପରିସ୍ଥିତିର ମୁକାବିଲା କରିବା ସହ ନିଜ ସୁରକ୍ଷା ପାଇଁ ଏହି ପ୍ରଶିକ୍ଷଣ ଶିବିରର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ସଂଯୋଜିକା ଅଧ୍ୟାପିକା ସ୍ନେହଲତା ହେମ୍ବ୍ରମ, ଫିର୍ଦ୍ଦୋସ୍ ହୋସେନ, ଅଧ୍ୟାପକ ମନୋଜ କୁମାର ମହାଳିକ ଶିବିର ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାବା କପିଳ ମୁନିଙ୍କ ବାର୍ଷିକ ପୂଜା ଉତ୍ସବ


ଉତ୍ସବରେ ପୂଜକ ଓ ପଳିକିରି ଗ୍ରାମବାସୀ।

ଧାମନଗର,୧୫।୨(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ପଳିକିରି ଗ୍ରାମରେ ବାବା କପିଳ ମୁନିଙ୍କ ବାର୍ଷିକ ପୂଜା ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବହୁ ଗ୍ରାମବାସୀ ଓ ଭକ୍ତମାନେ ବାବାଙ୍କୁ ଦର୍ଶନ କରିଥିଲେ। ବହୁ ବର୍ଷ ପୂର୍ବରୁ ଏହି ସ୍ଥାନରେ ଘଞ୍ଚ ଜଙ୍ଗଲ ଥିଲା। ଦୀର୍ଘ ୬୦ ବର୍ଷ ତଳେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପତିଙ୍କୁ ସ୍ୱପ୍ନାଦେଶ ପରେ ସେଠାରେ ବେଲ ଗଛ ମୂଳେ ବାବାଙ୍କ ଆବିର୍ଭାବ ହୋଇଥିଲା ବୋଲି କୁହାଯାଏ। ଗ୍ରାମବାସୀଙ୍କ ସାମୂହିକ ସହଯୋଗରେ ପ୍ରଥମେ ଛୋଟ ମନ୍ଦିର ନିର୍ମାଣ ସହ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ବାବାଙ୍କ ମୂର୍ତ୍ତି ସ୍ଥାପନ ହୋଇଥିଲା। ବାବାଙ୍କ ପୀଠରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ବାବା କପିଳ ମୁନି ଟ୍ରଷ୍ଟ କରାଯାଇଛି। ବାବାଙ୍କ ଆଶ୍ରମକୁ ସରକାରଙ୍କ ଦ୍ୱାରା ଅନୁଦାନ ପ୍ରଦାନ କରାଗଲେ, ଏହି ଆଶ୍ରମ ଆହୁରି ସରସ ସୁନ୍ଦର ଭାବେ ଗଢ଼ି ଉଠନ୍ତା ବୋଲି ନଟବର ଦାଶ, କରୁଣାକର ଦାଶ, ଚକ୍ରଧର ଦାଶ, ବିଷ୍ଣୁ ଚରଣ ଦାଶ, ମୀନକେତନ ନାୟକ, ଗୌରାଙ୍ଗ ଦାଶ, ପର୍ଶୁରାମ ପତି ପ୍ରମୁଖ ଗ୍ରାମବାସୀ ଆଶାବ୍ୟକ୍ତ କରିଛନ୍ତି।

# ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଉଦ୍‌ଯାପିତ

ବାସୁଦେବପୁର,୧୫।୨(କାଳିପଦ ରାୟ): ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର କମାରଗାଁଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ 'ହଂସଧ୍ୱନି' ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିୟବ୍ରତ ଦାସ, ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ଉପସଭାପତି ଉଦୟ ନାରାୟଣ ମଲ୍ଲିକ, ନୃତ୍ୟଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗଣେଶ କୁମାର, ନିରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟ ଓ ସଙ୍ଗୀତ ମାନବ ଜାତିର ଅସ୍ମିତାର ପରିଚୟ ଦେବା ସହ ମାନସିକ ଅବସାଦ ଦୂର କରିଥାଏ ବୋଲି ଅତିଥିମାନେ କହିଥିଲେ। ମନ୍ମଥ କୁମାର ଅଗସ୍ତୀ ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମୀର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍

ବନ୍ତ,୧୫।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନଜୀଉ ଷ୍ଟାଡିୟମ୍‌ରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସହଯୋଗରେ ଆସନ୍ତା ମାର୍ଚ୍ଚ ୬ରୁ ସର୍ବଭାରତୀୟ ଟିଲୋ କପ୍‌ର ୩୦ତମ ସଂସ୍କରଣ ଆରମ୍ଭ ହେବ। ମାର୍ଚ୍ଚ ୧୫ରେ ଶେଷ ହେବ। ରବିବାର ଷ୍ଟାଡିୟମ୍ ପରିସରରେ ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଡ.ମନ୍ମଥ କୁମାର ରାଉଳଙ୍କ ପୌରହିତ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ଦେଶର ୮ ପ୍ରତିଷ୍ଠିତ ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ଓଡ଼ିଶାରୁ ଗୋଟିଏ ଦଳ ରହିଥିବା ବେଳେ ରାଜ୍ୟ ବାହାରୁ ୭ଦଳ ରହିଛି। ଦୁଇଟି ଟର୍ଫ ଉଇକେଟରେ ୧୫ ମ୍ୟାଚ୍ ଅନୁଷ୍ଠିତ ହେବ। ୮ ଦଳରେ ୫୦ରୁ ଊର୍ଦ୍ଧ୍ୱ ପୂର୍ବରୁ ଆଇପିଏଲ୍ ଖେଳିଥିବା ଏବଂ ଚଳିତବର୍ଷ ଆଇପିଏଲ୍ ଖେଳିବାକୁ ଯାଉଥିବା ଖେଳାଳି ରହିଛନ୍ତି। ଇଣ୍ଡିଆ ଏ-ଟିମ୍, ଇଣ୍ଡିଆ ଅଣ୍ଡର ୧୯, ଇରାନୀ ଟ୍ରଫି ଖେଳାଳି ଏବଂ ବିଜୟ ହଜାରେ ଟ୍ରଫି ଚାମ୍ପିୟନ ହୋଇଥିବା ଏ ବର୍ଷର ଖେଳାଳିମାନେ ରହିଥିବା ଆଥ୍‌ଲେଟିକ୍ ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି।

ଉପଦେଷ୍ଟା ମନମୋହନ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଅଧ୍ୟାପକ ରମେଶ ଚନ୍ଦ୍ର ବେହୁରା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତି, ପ୍ରଶାନ୍ତ କୁମାର ପୃଷ୍ଟି ଓ ଟିଲୋ ସମିତିସଭ୍ୟା ପ୍ରତିନିଧି ଉମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଶିକ୍ଷକ ସୁକାନ୍ତ କୁମାର ବେହେରା, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ଏଲ୍. ଅମରଜିତ୍ ସ୍ୱାଇଁ, ଅସିତ୍ କର, ପୂର୍ଣ୍ଣେନ୍ଦୁ ଜେନା, ଧନେଶ୍ୱର ଧଳ, ପ୍ରକାଶ ସ୍ୱାଇଁ, ବିଭୂତି ପଲେଇ, ସୁବ୍ରତ ପୃଷ୍ଟି, ସନ୍ତୋଷ ଧଳ, ପର୍ଶୁରାମ ସାହୁ, ଶଙ୍କର୍ଷଣ ଧଳ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶଥାଉ କି, ଏଠାରେ ବିଗତ ଦିନରେ ଅନ୍ତର୍ଜାତୀୟ ସ୍ତରୀୟ ଖେଳ ହେଉଥିବା ବେଳେ ସୁରକ୍ଷାଜନିତ କଟକଣା ପାଇଁ ଗତ ୩ବର୍ଷ ଧରି ସର୍ବଭାରତୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି।



ଖବରଦାତା ସମ୍ମିଳନୀରେ ଟିଲୋ ଆଥଲେଟିକ୍ ଆସୋସିଏଶନର କର୍ମକର୍ତ୍ତା।

# ଶିବ ନାମରେ କମ୍ପିଲା ଶୈବପୀଠ

କେନ୍ଦୁଝର,୧୫।୨

(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ପବିତ୍ର ମହାଶିବରାତ୍ରୀ ଅବସରରେ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଶିବ ନାମ ପ୍ରକମ୍ପିତ ହୋଇଛି। ରବିବାର ପ୍ରତ୍ୟୁଷରୁ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଷୋଡଶ ଉପଚାର ପୂଜା କରାଯାଇଥିଲା। ଅନେକ ସ୍ଥାନରେ ସନ୍ଧ୍ୟା ସମୟରେ ମହାଦ୍ୱୀପ ଉଠିବା ସହିତ ଆଉ କେତେକ ସ୍ଥାନରେ ବିଳମ୍ବିତ ରାତ୍ରିରେ ମହାଦ୍ୱୀପ ଉଠିଥିଲା।

କେନ୍ଦୁଝର ଜିଲାର ପ୍ରାଚୀନ ଶୈବପୀଠ ଗୋନାସିକାର ବ୍ରହ୍ମେଶ୍ୱରଙ୍କର ମନ୍ଦିରରେ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ସେହିପରି ବୋଦାପଲସାର ଚନ୍ଦ୍ରଶେଖର ମହାଦେବ, ସିଦ୍ଧମଠ ଚଉବଟାଠାରେ ଥିବା ପ୍ରଭୁ ଶ୍ରୀ ଧବଳେଶ୍ୱର, ବଡଶାସନର ବାଲୁଙ୍କେଶ୍ୱର, ସାମନ୍ତରାୟପୁର ଶାସନର ବାଣେଶ୍ୱର ମହାଦେବ, ନରସିଂହପୁରଶାସନର ଦୀନେଶ୍ୱର ମହାଦେବ, ନରଣପୁରଠାରେ ଥିବା ଆଖଣ୍ଡଳମଣୀ, ରାଇସୁଆଁର ବାବା ଘଡଘଡି ମହାଦେବ, ଧୃପଦାର ବାଙ୍କେଶ୍ୱର, ପଦ୍ମପୁର ଶିବ ମନ୍ଦିରରେ ଭକ୍ତଙ୍କ ଭିଡ ହୋଇଥିଲା। ଏହାବ୍ୟତୀତ ଆନନ୍ଦପୁର ଅଞ୍ଚଳର ଦେଓଗାଁସ୍ଥିତ କୁଶଳେଶ୍ୱର, ପଙ୍କେଶ୍ୱର, ବିଲେଇପଦା ନିକଟସ୍ଥ ମୃଗାମହାଦେବ, ବାରାହାଟିପୁରା ପ୍ରଭୁ ନୀଳକଣ୍ଠେଶ୍ୱର, ପାଟଣାର ପରମେଶ୍ୱର ମହାଦେବ, ଆନନ୍ଦେଶ୍ୱର ମହାଦେବଙ୍କ ସମେତ ମାଧପୁର ଶିବମନ୍ଦିର ଓ କେନ୍ଦୁଝର ସହର ଉପକଣ୍ଠସ୍ଥ ଘୁଟୁରୁର ମୁକ୍ତେଶ୍ୱର, ଚିଲିଦା ମହାଦେବ, ଖିରେଇଟାଙ୍ଗିରୀସ୍ଥିତ ସର୍ବେଶ୍ୱର ମହାଦେବ, ତୁରୁମୁଙ୍ଗା ଶିବମନ୍ଦିର, ଖୁଦପଶି ଶିବ ମନ୍ଦିର, ଉଖୁଣ୍ଡାସ୍ଥିତ ଶିବମନ୍ଦିର ସମେତ ଜିଲାର ଶତାଧିକ ଶୈବପୀଠରେ ଜାଗର ପାଳିତ ହୋଇଛି। ନରଣପୁର ଘଡଘଡି ମନ୍ଦିର ପରିସରରେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା। ମହିଳା ଭକ୍ତମାନେ ଜାଗର ଜାଳି ନିଜର ଏବଂ ନିଜ ପରିବାରର ଶୁଭ ମନାସିଥିଲେ।



ପଦ୍ମେଶ୍ୱର ପୀଠରେ ଶ୍ରଦ୍ଧାଳୁ ଜାଗର ଜାଳୁଛନ୍ତି।

## ମହାଶିବରାତ୍ରିରେ ଶିବ ବିବାହ, ବରଯାତ୍ରୀରେ ଭକ୍ତ ସାମିଲ



ସୁସଜ୍ଜିତ ଗାଡିରେ ଭଗବାନ ଶିବଙ୍କ ପ୍ରତିମା।

**ବଡ଼ବିଲରେ ନିଆରା ପରମ୍ପରା**

ବଡ଼ବିଲ,୧୫।୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ଶିବ ରାତ୍ରୀରେ ନିଆରା ପରମ୍ପରା ପାଳିତ ହେଉଛି। ରବିବାର ଅପରାହ୍ନରେ ଭଗବାନ ଶିବଙ୍କ ବିବାହ ନିମନ୍ତେ ଭକ୍ତ ଓ ଶ୍ରଦ୍ଧାଳୁ ବରଯାତ୍ରୀ ସାଜି ନୃତ୍ୟରେ ବିଭୋର ହୋଇ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଶାସ୍ତ୍ର ଅନୁଯାୟୀ, ଶୀତଳ ଷଷ୍ଠୀ ଦିନ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥାଏ। ହେଲେ ବଡ଼ବିଲରେ ବିହାରୀ ସମ୍ପ୍ରଦାୟ ତରଫରୁ ଦୀର୍ଘ ୪୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଶିବରାତ୍ରୀ ଦିନ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳନ ହୋଇଆସୁଛି। ଅପରାହ୍ନରେ ସ୍ଥାନୀୟ ଗୁଜୁରାଟୀ ଶିବ ମନ୍ଦିରରୁ ଭଗବାନ ଶିବଙ୍କ ଏକ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇ ସୁସଜ୍ଜିତ ଗାଡ଼ିରେ ରଖାଯିବାପରେ ଶୋଭାଯାତ୍ରା ବାହାରିଛି। ଅନେକ ହଜାର ଶିବଭକ୍ତ ବରଯାତ୍ରୀ ସାଜି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାଙ୍ଗପଣା ପିଇ ଭକ୍ତ ବାଦ୍ୟର ତାଳେତାଳେ ନୃତ୍ୟରେ ବିଭୋର ହୋଇଯାଇଥିଲେ। ତେବେ ରାତ୍ରିରେ ଶୋଭାଯାତ୍ରା ବିକାଶ ମହଲଠାରେ ପହଞ୍ଚିଥିଲା। ବିକାଶ ମହଲରେ ନିର୍ମିତ ପୂଜା ମଣ୍ଡପରେ ଦେବୀ ପାର୍ବତୀ ସଖୀ ମାନଙ୍କ ସହ ଭଗବାନ ଶିବଙ୍କ ଆଗମନ ପାଇଁ ଅପେକ୍ଷାରତ ଥିଲେ। ପରେ ବିବାହ ସମ୍ପନ୍ନ ହୋଇଛି। ଆଗାମୀ ୪ ଦିନ ଧରି ବିକାଶମହଲ ପୂଜାମଣ୍ଡପରେ ଏ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ନେଇ ଜଣାପଡ଼ିଛି।

## ଢେଙ୍କିକୋଟ୍ ଅଞ୍ଚଳରେ ଶୈବପୀଠ ଚଳଚଞ୍ଚଳ



ଢେଙ୍କିକୋଟ,୧୫।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧୁଷିତ ଢେଙ୍କିକୋଟ ଅଞ୍ଚଳରେ ମହା ଶିବରାତ୍ରି ଉପଲକ୍ଷେ ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରାତଃ ୬ଟାରୁ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଢେଙ୍କିକୋଟଠାରେ ଥିବା ବାବା ବିଶ୍ୱନାଥ ମନ୍ଦିର, ଲଙ୍ଗଳକଣ୍ଟିଠାରେ ଥିବା ବାବା ବେଲେଶ୍ୱର ମହାଦେବ, ମସିଣାବିଲା କାମେଶ୍ୱର ମହାଦେବ, ମନୋହରପୁର ମନହରେଶ୍ୱର ମହାଦେବ, କଟରାବେଡ଼ା କଟରେଶ୍ୱର, ବାରହାଟିପୁରା ନୀଳ କଣ୍ଠେଶ୍ୱର, ଭୋଳବେଡ଼ା ଭୋଳେଶ୍ୱର, ଛତିଆ ବିଶ୍ଳେସରାୟ ମହାଦେବଙ୍କୁ ଦର୍ଶନ କରି ଦୀପ ଜାଳିଛନ୍ତି। ସନ୍ଧ୍ୟାରେ ଉପାସକ ମାନେ ଦୀପ ଜାଳିଥିଲେ। ପୌରାଣିକ ଶୈବ ପୀଠ ବାରହାଟିପୁରା ବାବା ନୀଳକଣ୍ଠେଶ୍ୱରଙ୍କ ୧୫୨ ପାହଚ ଚଢ଼ି ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ।

## ଆନନ୍ଦେଶ୍ୱର ପୀଠରେ ଜାଗର ମହୋତ୍ସବ

ପାଟଣା,୧୫।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ଶୈବପୀଠଗୁଡ଼ିକରେ ରବିବାର ମହାଶିବରାତ୍ରି ସକାଶେ ଉତ୍ସବ ମୁଖର ହୋଇଉଠିଛି। ପାଟଣା ମୁଖ୍ୟାଳୟ ପ୍ରାଚୀନ ଆନନ୍ଦେଶ୍ୱର ଶିବ ମନ୍ଦିର, ସ୍ୱାମ ଶାସନର ସୋମେଶ୍ୱର ଶିବ ମନ୍ଦିର, ତୁରୁମୁଙ୍ଗା ସ୍ଥିତି ଗିରିଜାଶଙ୍କର, ସାହାରପଡ଼ା ମୁଖ୍ୟାଳୟ ସର୍ବେଶର ଶିବ ମନ୍ଦିରରେ ନୀତିକାନ୍ତିରେ ପୂଜା ଅନୁଷ୍ଠିତ ହୋଇଛି। ପାଟଣା ମୁଖ୍ୟାଳୟ ଆନନ୍ଦେଶ୍ୱର ମନ୍ଦିରରେ ଶ୍ରାଦ୍ଧଙ୍କୁଙ୍କ ପାଇଁ ଶଙ୍ଖୁଡ଼ି ଭୋଗ, ସର୍ବତ ବ୍ୟବସ୍ଥା ହୋଇଥିଲା। ଆନନ୍ଦେଶ୍ୱର ମନ୍ଦିରରେ ଜାଗର ମହୋତ୍ସବ ଆରମ୍ଭ ହୋଇଥିବା ବେଳେ କମିଟିର ସଭାପତି ଅଜୟ ଦାଶ, ସମ୍ପାଦକ ସନାତନ ଦାଶ, ଉପସଭାପତି ଯୁଗୋଳ କିଶୋର ଦାଶ, ଅରୁଣ ମିଶ୍ର, କମଳାକାନ୍ତ ପତି, ନାରାୟଣ ବାରିକଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆନନ୍ଦେଶ୍ୱର୍ ଐତିହାସିକ ଜାଗର ଯାତ୍ରା ପାଇଁ ରବିବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ଗ୍ରୁପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ। ଏଥିସହ ଅପେରା ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି।



## ଜାଗର ଜାଳିଲେ, ଆଶିଷ ଭିକ୍ଷାକଲେ ଶ୍ରଦ୍ଧାଳୁ

ଚମ୍ପୁଆ,୧୫।୨(ମହେଶ୍ୱର ଦାସ)

ଦେବାଧିଦେବ ମହାଦେବଙ୍କ ଆରାଧନା ଓଡ଼ିଶାରେ ସ୍ୱତନ୍ତ୍ର ହୋଇଥିବା ବେଳେ ମହାଦେବଙ୍କ ପ୍ରମୁଖ ଉପାସନା ତଥା ପର୍ବ ଭାବରେ ଜାଗର ବା ମହାଶିବରାତ୍ରୀକୁ ହିନ୍ଦୁ ସଂସ୍କୃତିର ପବିତ୍ର ଦିନ ଭାବରେ ଗଣା ହୋଇଆସୁଛି। ଏହି କ୍ରମରେ କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ସମସ୍ତ ଶୈବପୀଠଗୁଡ଼ିକରେ ଭୋର ୩ଟାଠାରୁ ଭକ୍ତଙ୍କ ଭିଡ ଲାଗି ରହିଥିଲା। ବିଶେଷଭାବରେ ଚମ୍ପୁଆ ସଦର ମହକୁମାର ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିର, ମୁଖ୍ୟାଳୟରେ ଥିବା ରାମେଶ୍ୱର, ଗୋଧୂଳି ବିଶ୍ୱରୂପାୟ ମହାଦେବ ମନ୍ଦିର, ମହେଶ୍ୱରପୁର ଝାଡେଶ୍ୱର ମହାଦେବ ମନ୍ଦିର ସମେତ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ଶୈବପୀଠରେ ମାନସିକ ଦୀପଜାଳି ଆଶିଷ ଭିକ୍ଷା କରିଥିଲେ। ଜାଗର ଉପଲକ୍ଷେ ତଥା ମନ୍ଦିର କମିଟି ପକ୍ଷରୁ ଚମ୍ପୁଆ ଓ ଗୋଧୂଳିଠାରେ ମେଳା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ ମନ୍ଦିର ଦେବୋତ୍ତର ଅଧୀନରେ ଯାଉଥିବାରୁ ପ୍ରଶାସନ ପକ୍ଷରୁ ଉପଜିଲାପାଳ ଉମାକାନ୍ତ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ମହାପର୍ବ ସମାପନ ହୋଇଥିଲା।

## ବାଲୁଙ୍କେଶ୍ୱର ପୀଠରେ ଭିଡ଼

ବଞ୍ଚୋ,୧୫।୨(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ ଫକୀରପୁର ଗ୍ରାମର ସର୍ବପୁରାତନ ଶୈବପୀଠ ବାବା ବାଲୁକେଶ୍ୱର ମନ୍ଦିରରେ ଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭୋର ସମୟରୁ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଧାଡ଼ିରେ ଶ୍ରଦ୍ଧାଳୁ ମାହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ଆନନ୍ଦପୁର ଏବଂ ହାଟଡ଼ିହୀ ବ୍ଲକ୍ ସହିତ ଆନନ୍ଦପୁର ମ୍ୟୁନିସିପାଲିଟି ଥିବା ସମସ୍ତ ଶୈବପୀଠଗୁଡ଼ିକରେ ଜାଗରଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

## ବେଲେଶ୍ୱର ଶିବମନ୍ଦିରରେ ଏମ୍‌ପିଙ୍କ ପୂଜାର୍ଚ୍ଚନା

ଢେଙ୍କିକୋଟ,୧୫।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ବେଲପାହାଡ଼ସ୍ଥିତ ବେଲେଶ୍ୱର ଶିବ ମନ୍ଦିରରେ ମହା ଶିବରାତ୍ରି ଅବସରରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ତାଙ୍କ ଧର୍ମପତ୍ନୀ ଲବଙ୍ଗଲତା ଜନସାଧାରଣଙ୍କ ମଙ୍ଗଳ ମନାସୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜକ ମଣ୍ଟୁ ନନା ଓ ସହଯୋଗୀ ଲଙ୍ଗଳକଣ୍ଟି ବେଦ ବିଦ୍ୟାଳୟର ସମୂହ ବ୍ରାହ୍ମଣ ଶିକ୍ଷକ ମହା ଶିବରାତ୍ରି ଉପଲକ୍ଷେ ଯଜ୍ଞ କରିଥିଲେ। ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ଭକ୍ତ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ମନ୍ଦିର ପରିସରରେ ବସିଥିଲେ। ରାତି ୧୧ ଟାରେ ବାବା ବେଲେଶ୍ୱର ମହାଦେବଙ୍କ ମହାଦୀପ ଉଠିଥିଲା। ମହାଦୀପ ଉଠିବା ସମୟରେ ଭକ୍ତଙ୍କ ନାମଯଜ୍ଞ ଓ ହରିବୋଲ ହୁଳହୁଳି ଶଙ୍ଖ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା।

## ଶୈବପୀଠରେ ଭକ୍ତଙ୍କ ସମାଗମ

ବଡ଼ବିଲ,୧୫।୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଓ ଆଖପାଖ ଅଞ୍ଚଳରେ ଶିବରାତ୍ରୀ ଅବସରରେ ଶୈବପୀଠଗୁଡିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବଡ଼ବିଲସ୍ଥିତ ହରିହର ମନ୍ଦିର, କଲ୍ୟାଣେଶ୍ୱର ମନ୍ଦିର, ବାବା ବିଶ୍ୱନାଥ ମନ୍ଦିର, ପୁଷ୍ପ ଦନ୍ତେଶ୍ୱର ମନ୍ଦିର, ଚମ୍ପକେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର ଓ ବଳିତାସ୍ଥିତ ବାବା ଜଟେଶ୍ୱର ଶୈବପୀଠରେ ଭୋରରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଭକ୍ତମାନେ ସକାଳେ ଶିବଙ୍କ ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ଦେଇ ସନ୍ଧ୍ୟାରେ ଦୀପ ଜଳାଇ ଶିବ ଆରାଧନା କରିଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ଭକ୍ତିପୂତ ଭାବେ ଜାଗର କରୁଥିବାବେଳେ ଭକ୍ତଙ୍କ ଏକାଗ୍ରତା ନିମନ୍ତେ ହରିହର ମନ୍ଦିରରେ ଭଜନ ସମାରୋହର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

## ମନ ଜିଣୁଛନ୍ତି ଦୃଷ୍ଟିବାଧିତ କଳାକାର

କେନ୍ଦୁଝର,୧୫।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଦିବ୍ୟାଙ୍ଗ ହେଲେ ବି ସାଧାରଣ କଳାକାର ଭଳି ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। କଳା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭଗବାନ ଭକ୍ତିର ରସ ବାଣ୍ଟିବା ସହ ସାମ୍ପ୍ରତିକ ସାମାଜିକ ସମସ୍ୟାକୁ ନେଇ ଲୋକଙ୍କ ମଧ୍ୟରେ ଜନସଚେତନ କରିଥାନ୍ତି। ଏଭଳି କେତେଜଣ ଦୃଷ୍ଟିବାଧିତ ଯୁବତୀ, ଯୁବକ ମା' ବ୍ରାହ୍ମଣୀ ଦେବୀ ଦୃଷ୍ଟିହୀନ ଭଜନ ସନ୍ଧ୍ୟା, ଭୁବନେଶ୍ୱର ନାମରେ କଳା ସଂଗଠନକରି ନିଜର ପରିବାର ପ୍ରତିପୋଷଣ କରିବା ସହ ଅନ୍ୟମାନଙ୍କ ମନୋରଞ୍ଜନ କରୁଛନ୍ତି। ଏବେ କେନ୍ଦୁଝର ଅଞ୍ଚଳରେ ବୁଲି ଭଜନ ପରିବେଷଣ କରୁଛନ୍ତି। ଦୃଷ୍ଟିବାଧିତ କଳାକାରଙ୍କ ଭଜନ ଲୋକଙ୍କ ମନ ଜିଣୁଛି। ରାସ୍ତାକଡ଼ରେ ଛିଡ଼ା ହୋଇ ଭଜନ ଶୁଣିବାକୁ ଲୋକ ଅଟକିଯାଉଛନ୍ତି। ଖୁସିରେ ସାମର୍ଥ୍ୟ ମୁତାବକ ହୁଣ୍ଡିରେ ଦାନ ଦେଇଯାଉଥିବା ଦେଖାଯାଉଛି।



କେନ୍ଦୁଝର ସହରରେ ଦୃଷ୍ଟିବାଧିତ କଳାକାର ଭଜନ ପରିବେଷଣ କରୁଛନ୍ତି।

ପ୍ରକାଶ ଯେ, ଟିମ୍‌ରେ ୭ରୁ ୮ଜଣ କଳାକାର ଥିବା ବେଳେ ଭଜନ ଶୁଣାଇବା ସହ ଜନସଚେତନ କରୁଛନ୍ତି। ସେମାନଙ୍କ ମଧ୍ୟରେ ସାଧାରଣ ଯୁବକ ଚନ୍ଦନ ଓ ଜିତେନ୍ଦ୍ର ରହି ମଞ୍ଚ ସଜାଇବା ସହ ସେମାନଙ୍କୁ ପରିଚାଳିତ କରୁଛନ୍ତି। ଦୃଷ୍ଟିବାଧିତ କଳାକାର ରୁଦ୍ର, ସିଦ୍ଧାନ୍ତ, ବିଷ୍ଣୁ, କ୍ଷିତୀଶ, ଭବାନୀ, ମାମୁନି ଜିଲାକୁ ଜିଲା ବୁଲି କଳା ପ୍ରଦର୍ଶନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଭବାନୀ ଓ ମାମୁନି ଗୀତ ଓ ଭଜନ ପରିବେଷଣ କରୁଛନ୍ତି। ଯାତାୟାତ, ବାଦ୍ୟଯନ୍ତ୍ର, ମ୍ୟୁଜିକ ସିଷ୍ଟମ ପରିବହନ କରିବାକୁ ଏକ ଗାଡ଼ି ମଧ୍ୟ ରଖିଛନ୍ତି। ଏଥିପାଇଁ ଦୈନିକ ପାଖାପାଖି ୬ରୁ ୭ ହଜାର ଟଙ୍କା ଖର୍ଚ୍ଚ ହେଉଥିବା କହିଛନ୍ତି। ରାସ୍ତାକଡ଼ ମଞ୍ଚ ନିକଟରେ ଶ୍ରୋତା ଯାହା ଦାନହୁଣ୍ଡିରେ ଦେଇଥାନ୍ତି ସେହି ଅର୍ଥରେ ଦୁଃଖକଷ୍ଟରେ ଚଳୁଛନ୍ତି। ବିଭିନ୍ନ ସମୟରେ ବାହାଘର, ବ୍ରତଘର, ଜନ୍ମଦିନ, ବିବାହ ବାର୍ଷିକୀ, ମନ୍ଦିର ପର୍ବରେ ଡାକରା ମିଳିଲେ ସଙ୍ଗୀତ ପରିବେଷଣ କରି ଅଧିକ ଟଙ୍କା ରୋଜଗାର କରୁଛନ୍ତି। ଅବହେଳିତ ମା'ବାପାଙ୍କୁ ଅଲଗା ନ କରି ସେବା କରିବା, ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ଆଦି ସାମାଜିକ ଓ ଧାର୍ମିକ ବିଷୟକୁ ନେଇ ଲୋକଙ୍କୁ ସଚେତନ କରୁଥିବା ସିଦ୍ଧାନ୍ତ କହିଛନ୍ତି। କୌଣସି ସରକାରୀ ସହାୟତା ପାଇନାହାନ୍ତି। ନିଜ ଉଦ୍ୟମରେ ବାଦ୍ୟଯନ୍ତ୍ର, ସାଉଣ୍ଡ ସିଷ୍ଟମ, ଆଲୋକ ଆଦି ସାମଗ୍ରୀ କିଣି ପରିବେଷଣ କରୁଛନ୍ତି। କେବଳ ସରକାରଙ୍କଠାରୁ ଭତ୍ତା ପାଉଛନ୍ତି ବୋଲି କହିଥିଲେ। କଳାପ୍ରେମୀ ରମାକାନ୍ତ ସ୍ୱାଇଁ କହିଛନ୍ତି, ସରକାର ସେମାନଙ୍କ ସଂଗଠନକୁ ସହାୟତାକଲେ ସଂଗଠନର ଚାହିଦା ବୃଦ୍ଧିପାଇବ। ବହୁ ସଂଖ୍ୟାରେ ଦୃଷ୍ଟିବାଧିତ କଳାଭିତ୍ତିକ କାର୍ଯ୍ୟକ୍ରମକରି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

କେନ୍ଦୁଝର,୧୫।୨

(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ରାଇସୁଆଁ ପୁରୁଣା ଥାନା ତାରିଣୀଶାଳ ସମ୍ମୁଖରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ରାଇସୁଆଁ ଗାଁର ମଙ୍ଗୁଲୁ ନାଏକ(୩୮)। ସେ ଶନିବାର ରାତି ୧୨ଟାରେ ବଜାରରୁ ଘରକୁ ଫେରୁଥିଲେ। ତାଙ୍କୁ ପ୍ରଥମେ ଏକ ବାଇକ ଧକ୍କା ଦେବାରୁ ସେ ରାସ୍ତାରେ ଛିଟିକି ପଡ଼ିଥିଲେ। ଏହି ସମୟରେ ବିପରୀତ ଦିଗରୁ ଯାଉଥିବା ଟ୍ରକ୍ ତାଙ୍କ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ମଙ୍ଗୁଲୁଙ୍କ ମୃତ୍ୟୁ ଘଟିଥିଲା। ସଦର ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେନ୍ଦୁଝର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସରକାରୀ ଆଇନ ଅଧିକାରୀଙ୍କ ଯୋଗଦାନ

ବଞ୍ଚୋ,୧୫।୨(ପ୍ରଦୋଷ ବିଶ୍ୱାଳ)

ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଜିଲାରେ ସରକାରୀ ଓକିଲଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ପର୍ଯ୍ୟାୟରେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘଷିପୁରା ତହସିଲ ପାଇଁ ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କୁ ସରକାରୀ ଆଇନ ଅଧିକାରୀ (ଭାବେ ନିଯୁକ୍ତି ମିଳିଥିଲା। ସେ ଆନନ୍ଦପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ନିଯୁକ୍ତି ପତ୍ର ଗ୍ରହଣ କରିଥିବା ବେଳେ ନଗଲ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅର୍ପଣ କରି ଶନିବାରଠାରୁ ଘଷିପୁରା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ଘଷିପୁରା ତହସିଲଦାର ଅଭୟ ସ୍ୱାଇଁ, ଅତିରିକ୍ତ ତହସିଲଦାର ଓ ଆର୍‌ଏସ ସରୋଜ ପଣ୍ଡା, ସେକ୍ସନ ଅଫିସର ପଦ୍ମାଳୟା ସ୍ୱାଇଁ, ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ ପଟ୍ଟନାୟକ, ପ୍ରସନ୍ନ ରାମ, କ୍ଷୀରୋଦ ରାଉତ, ଶ୍ରୀକାନ୍ତ ଜେନାଙ୍କ ସହିତ କନିଷ୍ଠ ରାଜସ୍ୱ ସହାୟକ ବରୁଣ ପଲେଇ, ରୋଜାଲିନ ଦାସ, ସାଗରିକା ବେହେରା, ପ୍ରୀତି ରଞ୍ଜନ ନାୟକ, ଅନିଲ ସାହୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ବାସନ୍ତୀ ନାୟକ ଉପସ୍ଥିତ ଥିଲେ।

## 'ଛାତ୍ର ଜୀବନ ସବୁଠୁ ମୂଲ୍ୟବାନ ସମୟ'



ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ଆନନ୍ଦପୁର,୧୫।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରେକୁଟିଆ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ୪୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସ୍ୱତନ୍ତ୍ର ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ମୁଖ୍ୟ ବକ୍ତାଭାବେ ଫକିରମୋହନ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମାରବର ଦାସ ଯୋଗଦେଇ ବାର୍ଷିକ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଛାତ୍ର ଜୀବନ ସବୁଠୁ ମୂଲ୍ୟବାନ ସମୟ, ତେଣୁ ଛାତ୍ର ଜୀବନରୁ ଭଲ ମଣିଷ ହେବାକୁ ସାଧନା କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ନିଜ ବିବେକକୁ ଠିକ୍ ଭାବେ ପରିଚାଳନା କରିପାରିଲେ ମହାନ ହୋଇ ପାରିବେ ବୋଲି ଅତିଥି କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପକ ବିଜୟ ସାହୁ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିତା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଇତି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ଗଙ୍ଗୋତ୍ରୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ମହେଶ୍ୱର ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏମ୍‌ପି ନବ ନିର୍ମିତ ଯୁକ୍ତ ଦୁଇ ଧନ୍ଦା ମୂଳକ ଶିକ୍ଷା ଶ୍ରେଣୀଗୃହର ଉଦ୍‌ଘାଟନ ସହ ଅତିରିକ୍ତ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ପାଇପ୍ ଫାଟି ଅନବରତ ପାଣି ବୋହୁଛି

**୭ ଗାଁକୁ ଜଳଯୋଗାଣ ବନ୍ଦ**

ଯୋଡ଼ା,୧୫।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଳଦା ପଞ୍ଚାୟତ ବି ପ୍ଲଟ୍ ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ଫାଟି ଯାଇଛି। ଦୀର୍ଘ ଏକ ମାସ ହେବ ପାଇପ୍ ଫାଟିଥିଲେ ହେଁ ବିଭାଗୀୟ ଦୃଷ୍ଟି ପଡୁନାହିଁ। ଫଳରେ ୭ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ଥିବା ସ୍ଥାନୀୟ ପଙ୍କଜ ବାରିକ, ପାଣ୍ଡୁ ଚାମ୍ପିଆ, ଲାଲମୋହନ ମୁଣ୍ଡା, ଗୁଲେଖ ଆପଙ୍ଗ, ଚାନ୍ଦମଣି ମୁଣ୍ଡା, ସୂର୍ଯ୍ୟମଣି ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବି ପ୍ଲଟ୍ ଗ୍ରାମ ରାଜ୍ୟ ରାଜପଥ କଡ଼ରେ ରହିଥିବାରୁ ଦିନରାତି ଭାରିଯାନ ଚଳଚଳ କରୁଛି। ଫଳରେ ଧୂଳି ଉଡି ଅଞ୍ଚଳ ପ୍ରଦୂଷିତ ହେଉଛି। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ କୌଣସି ନଳକୂପ କିମ୍ବା ପାନୀୟ ଜଳର ବ୍ୟବସ୍ଥା ନ ଥିବା ବେଳେ ଲୋକେ ଏହି ମେଗା ପ୍ରକଳ୍ପର ପାନୀୟ ଜଳ ଯୋଗାଣ ଉପରେ ନିର୍ଭର କରୁଛନ୍ତି। ମାତ୍ର ଏହି ପାଇପ୍‌ଲାଇନ ଅନେକ ସମୟରେ ଫାଟି ଯାଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଇପ ଲାଇନ୍ ଫାଟି ପାଣି ନଷ୍ଟ ହେଉଛି। ମରାମତି ଦିଗରେ ଦୃଷ୍ଟି ଦିଆଯାଉ ନ ଥିବାରୁ ବି ପ୍ଲଟ୍‌ବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ମେଗା ପ୍ରକଳ୍ପର ପାଇପ ଲାଇନ୍ ରାଜପଥ କଡ଼ରେ ଯାଇଥିବା ବେଳେ ଏହାକୁ ଲାଗି ଅନ୍ୟ ୨ଟି ସ୍ଲରି ପାଇପ୍‌ଲାଇନ ଯାଉଛି। କମ୍ପାନୀ ନିଜର ପାଇପ୍ ସଂଯୋଗୀକରଣ ପାଇଁ ମେଶିନ ଲଗାଇ ମାଟି ଖୋଳୁଥିବା ବେଳେ ପ୍ରକଳ୍ପ ପାଇପ୍‌କୁ ଫଟାଇ ଦେଉଛନ୍ତି। ପରବର୍ତ୍ତୀ ସମୟରେ ମରାମତି କରିବା ଦିଗରେ ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ପ୍ରକଳ୍ପ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ନଇବୁଗା, ବସନ୍ତପୁର ଅଞ୍ଚଳରେ ପାଇପ୍ ଫାଟି ଥିବାରୁ ଜଳ ଯୋଗାଣର ପ୍ରେସର୍ କମ୍ କରାଯାଇଥିଲା। ତେଣୁ ବି ପ୍ଲଟ୍ ନିକଟରେ ପାଇପ ଫାଟିବା ଘଟଣା ଜଣା ପଡ଼ି ନ ଥିଲା। ଜାଣିବା ପରେ ଭାଙ୍ଗିଥିବା ସମ୍ପୃକ୍ତ ସ୍ଲରି ପାଇପ କମ୍ପାନୀକୁ ମରାମତି ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ବି ପ୍ଲଟ୍‌ରେ ପାଇପ୍ ଫାଟିବା ପରେ ଜଳ ଯୋଗାଣକୁ ବନ୍ଦ ରଖାଯାଇଛି। ଏଥି ଯୋଗୁ ବସନ୍ତପୁର, ନୟାଗଡ଼, ବଡ କାଳୀମାଟିର ପ୍ରାୟ ୭ଟି ଗାଁକୁ ଜଳ ଯୋଗାଣ ବନ୍ଦ ରହିଛି। ମରାମତି ହେଲେ ପୁନର୍ବାର ଉକ୍ତ ଗ୍ରାମକୁ ଜଳ ଯୋଗାଣ କରାଯିବ ବୋଲି ସେ କହିଥିଲେ।



# ପୋଲିସ ସାମ୍ନାରେ ଅବକାରୀ ବାବୁଙ୍କୁ ମାଡ଼

## ଭାଲେଣ୍ଟାଇନ୍ସ ଡେ'ରେ ରାତିସାରା ବାର୍ ଖୋଲା

- ନିୟମକୁ ଫୁଁ, ନିଶାରେ ମତୁଆଲା ଯୁବତୀଯୁବକ
- ଜିଲାପାଳଙ୍କ ଅନୁମତିରେ ବାର୍ ସିଲ୍, ମ୍ୟାନେଜର ଗିରଫ





ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଅବକାରୀ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

ଭୁବନେଶ୍ୱର,୧୫।୨(ତ୍ରିନାଥ ମହାନ୍ତି)

ଭାଲେଣ୍ଟାଇନ୍ସ ଡେ'ରେ ସବୁ ନିୟମ ଓ କଟକଣାକୁ ଫୁଁ କରି ବାର୍‌ରେ ଜମିଥିଲା ରଙ୍ଗିନ ରାତି। ଆଗରେ ଶଟର ପକାଇ ଭିତରେ ମତୁଆଲା ହେଉଥିଲେ ପୁରୁଷ ଓ ମହିଳା। ମଦପିଇ ଝୁମୁଥିଲେ ପ୍ରେମୀଯୁଗଳ। ଖାରବେଳନଗର ଥାନା ଶ୍ରୀୟା ଟକିଜ୍ ଛକ ନିକଟରେ ଥିବା ମ୍ୟାଡ୍‌ମୁଲ୍(ଓଡ଼ି୦୨) ବାର୍‌ରେ ଏଭଳି କାର୍ଯ୍ୟକ୍ରମ ସକାଳ ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା କରାଯାଇଥିଲା। ହେଲେ ଅଧା ରାତିରେ ସବୁ ବିଗାଡି ଦେଇଥିଲେ ଅବକାରୀ ଅଧିକାରୀ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର ସ୍ୱାଇଁ ଓ ତାଙ୍କ ଟିମ୍ ସେଠାରେ ଚଢ଼ାଉ କରିଥିଲା। ବାର୍ କଡ଼ରେ ଏକାଧିକ ଗାଡି ପାର୍କିଂ ହୋଇଥିବା ବେଳେ ବାର୍ ବାହାରୁ ଶଟର ପଡିଥିଲା। ଅବକାରୀ ଅଧିକାରୀ ଶଟର୍ ଖୋଲିବାକୁ କହିଥିଲେ ମଧ୍ୟ କେହି ଖୋଲି ନ ଥିଲେ। ଶେଷରେ ଖାରବେଳନଗର ଥାନା ପୋଲିସ ସହାୟତାରେ ଅବକାରୀ କର୍ମଚାରୀମାନେ ଜବରଦସ୍ତ ଶଟର ଉଠାଇଥିଲେ। ବାର୍ ଭିତରେ ଯାହା ଦେଖିଲେ ଆଶ୍ଚର୍ଯ୍ୟ କଲାଭଳି। ରାତି ପ୍ରାୟ ୧ଟା ୩୦ରେ ଡିଜେ ବଜାଇ ଛାତି ଥରାଇ ଦେଉଥିଲେ ବାର୍ କର୍ତ୍ତୃପକ୍ଷ। ଆଉ ଭିତରେ ରହିଥିଲେ ୧୦୦ରୁ ଅଧିକ ଲୋକ। ସମସ୍ତଙ୍କ ଟେବୁଲରେ ମଦ ବୋତଲ ରହିଥିବା ବେଳେ ଅଧିକାଂଶ ମଦ ପିଇବା ସହ ଖାଉଥିଲେ। ଅବକାରୀ ଅଧିକାରୀ ଓ କର୍ମଚାରୀ ବାର ଭିତରକୁ ପଶି ଭିଡିଓ ରେକର୍ଡିଂ କରିବା ସମୟରେ ବାର୍ ମ୍ୟାନେଜର ଅଭିନାଶ ସାହୁ ଏବଂ ତାଙ୍କ କର୍ମଚାରୀ ଅବକାରୀ ବିଭାଗ ସହ ମୁହାଁମୁହିଁ ହୋଇଥିଲେ। ଗ୍ରାହକଙ୍କୁ ଅଟକାଇବାକୁ ତମେ କିଏ ବୋଲି ବାରମ୍ବାର ପ୍ରଶ୍ନ କରୁଥିଲେ। ଅବକାରୀ ଅଧିକାରୀ ନିଜ ପରିଚୟପତ୍ର ଦେଖାଇଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଉତ୍ତ୍ୟକ୍ତ ହୋଇ ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବାବେଳେ ଏଥିରେ ଜଣେ ଅବକାରୀ କର୍ମଚାରୀ ଆହତ ହୋଇଛନ୍ତି। ଏହାକୁ ନେଇ ଖାରବେଳ ନଗର ଥାନାରେ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ବାର୍ ମ୍ୟାନେଜର ଅଭିନାଶଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ସାକଲେ ଜିଲାପାଳଙ୍କ ଅନୁମତିକ୍ରମେ ଉକ୍ତ ବାର୍‌କୁ ଅବକାରୀ ବିଭାଗ ସିଲ୍ କରିଛି। ଏ ସମ୍ପର୍କରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜଶେଖର କହିଛନ୍ତି, ଏଥର ନିୟମିତ ଭାବେ ରାତିରେ ଚଢ଼ାଉ କରାଯିବ। ଯେଉଁ ବାର୍‌ଗୁଡିକ ନିୟମ ଉଲ୍ଲଂଘନ କରୁଛନ୍ତି ଓ ଆଗରେ ଶଟର ପକାଇ ଭିତରେ ଖୋଲା ରଖୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

### ମାସିକିଆ ଚାନ୍ଦା ମିଳିଲେ ଭିତିରି ଅନୁମତି

ଶନିବାର ରାତିରେ ଅବକାରୀ ବିଭାଗର କର୍ମଚାରୀଙ୍କୁ ମାଡ଼ ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ କଟକ ରୋଡ୍‌ରେ ଥିବା ଏକ ବାର୍‌ରେ ଅବକାରୀ ବିଭାଗର ଚଢାଉ ସମୟରେ ଜଣେ ମହିଳା ଅଧିକାରୀଙ୍କୁ ବାର୍ ମାଲିକ ଖରାପ ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଏହାକୁନେଇ ବାର୍ ମାଲିକ ଏବଂ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ମୁହାଁମୁହିଁ ହୋଇଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ପରେ ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ସେହିପରି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହି ମଦ ଆସର ଜମୁଥିଲା। ଅବକାରୀ ଟିମ୍ ଚଢ଼ାଉବେଳେ ବାଉନ୍ସରମାନେ ନିସ୍ଥୁକ ମାଡ଼ ମାରିଥିଲେ। ରାଜଧାନୀରେ ଏଭଳି ଏକାଧିକ ବାର୍‌ରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯାଉଛି, ହେଲେ କୌଣସି ବାର୍ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବାର୍‌ଗୁଡିକର ନିୟମ ଉଲ୍ଲଂଘନ ନିତିଦିନିଆ ହୋଇଯାଇଛି। ପୋଲିସ ଓ ଅବକାରୀ ବିଭାଗର କେତେଜଣ ଅଧିକାରୀ ବାର୍‌ଠାରୁ ମାସିକିଆ ଚାନ୍ଦା ନେଇ ଭିତିରି ଅନୁମତି ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।

### ବାର୍‌ରେ ବିକ୍ରି ହେଉଛି ନକଲି, ଏକ୍ସପାଏରି ମଦ

ମଦ ଦୋକାନ ଅପେକ୍ଷା ବାର୍ ଆଉ ପପ୍‌ରେ ଏକ୍ସପାଏରି ଡେଟ୍‌ର ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏଠାରେ ଲୋକେ ମଦପିଇବା ସମୟରେ ଏକ୍ସପାଏରି ଡେଟ୍ ଦେଖନ୍ତି ନାହିଁ। ବିଶେଷକରି ଲୋକେ ନିଶାରେ ଚୂର୍ ରହୁଥିବା ସମୟରେ ବାର୍ କର୍ମଚାରୀମାନେ ଏକ୍ସପାଏରି ଡେଟ୍ ନ ଥିବା ବା ନକଲି ମଦ ଧରାଇ ଦେଉଛନ୍ତି। ତେଣୁ ଅବକାରୀ ବିଭାଗ ନିୟମିତ ଚଢ଼ାଉ କରି ଏକ୍ସପାଏରି ଓ ନକଲି ମଦ ଯାଞ୍ଚ କରିବା ଆବଶ୍ୟକ ବୋଲି ଦାବି ହେଉଛି। ନଚେତ ଆଗାମୀ ଦିନରେ ମଦ ମୃତ୍ୟୁ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# ଗିରଫ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷାଙ୍କ ଠକେଇ ଗୁମର ଫିଟୁଛି

ହାଟଡିହୀ,୧୫।୨(ଶୁଭକାନ୍ତ ନାୟକ)

୨୨ଲକ୍ଷ ଟଙ୍କା ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରୀକା ଜେନା ଗତ ଶନିବାର ଗିରଫ ହେବା ପରେ ତାଙ୍କର ଠକେଇ ଗୁମର ଫିଟୁଛି । କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅନ୍ତର୍ଗତ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରୀକାଙ୍କୁ ଖଣ୍ଡଗିରି ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ଗିରଫ କରିଛି । ତେବେ ଗିରଫ ପରେ ସୁରେଶ୍ୱରୀଙ୍କ ନାମରେ ନନ୍ଦିପଦା ଥାନାରେ ଆଉ ଏକ ଠକେଇ ମାମଲା (ନଂ ୧୦୬/୨୦୨୫) ମଧ୍ୟ ରହିଥିବା ଜଣାପଡିଛି । ମାମଲାରୁ ଜଣାଯାଇଛି ଯେ, ହାଟଡିହୀ ବ୍ଲକ୍ ଅନ୍ତର୍ଗତ ସୁଲଣ ଗ୍ରାମର ସୁଶାନ୍ତ ରାଉତଙ୍କ ସ୍ତ୍ରୀଙ୍କୁ ଚାକିରୀ ଦେବାକୁ କହି ସୁରେଶ୍ୱରୀ ୧୫ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏହି ମାମଲାରେ ତାଙ୍କ ନାମରେ ଚାର୍ଜଶିଟ କୋର୍ଟରେ ଦାଖଲ ହୋଇଥିବା ନନ୍ଦିପଦା ଥାନା ପୋଲିସ ପ୍ରକାଶ କରିଛି।

ସୁରେଶରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ସାମାଜିକ କର୍ମୀ ଭାବେ ଚର୍ଚ୍ଚାରେ ଥିଲେ। ସୂଚନା ଯୋଗ୍ୟ, ଚାକିରୀ ଦେବାକୁ କହି ସୁରେଶ୍ୱରୀ ୨୨ଲକ୍ଷ ଟଙ୍କା ଠକେଇ କରିଥିବା ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନାରେ ମାମଲା (ନଂ ୪୬୫/୨୦୨୫) ରୁଜୁ ହୋଇଥିଲା। ତେବେ ଗିରଫରୁ ବର୍ତ୍ତିବା ପାଇଁ ସୁରେଶ୍ୱରୀ ପ୍ରଥମେ ୧୭ ଜୁଲାଇ ୨୦୨୫ରେ ଓଡିଶା ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ(ନଂ ୮୪୭୮/୨୦୨୫) କରିଥିଲେ। ଅପରପକ୍ଷେ ୧୦ ଡିସେମ୍ବର ୨୦୨୫ରେ ହାଇକୋର୍ଟ ସୁରେଶ୍ୱରୀଙ୍କୁ ଜାମିନ ପାଇଁ ଭୁବନେଶ୍ୱର ଜେଏମଏଫ୍‌ସି -ଭି କୋର୍ଟରେ ସରେଣ୍ଡର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦ ଜାନୁୟାରୀ ୨୦୨୬ରେ ସୁରେଶ୍ୱରୀ ହାଇକୋର୍ଟଙ୍କଠାରେ ଜାମିନ ସମ୍ପର୍କିତ ଆଉ ଏକ ଦରଖାସ୍ତ କରିଥିଲେ। ୨୯ ଜାନୁୟାରୀ ୨୦୨୬ରେ ଶୁଣାଣି ହୋଇ ଉକ୍ତ ଦରଖାସ୍ତକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ତେବେ ଜାମିନ ନିମନ୍ତେ ଦିତୀୟ ଥର ପାଇଁ ସୁରେଶ୍ୱରୀ ୩୦ ଜାନୁୟାରୀ ୨୦୨୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜାମିନ ଆବେଦନ( ନଂ ୧୬୬୪/୨୦୨୬)ର ଶୁଣାଣି ହୋଇନାହିଁ। ପୁନଶ୍ଚ ଏହି ମାମଲାରୁ ଆଶ୍ୱସ୍ତି ପାଇବା ପାଇଁ ସୁରେଶ୍ୱରୀ ପୂର୍ବରୁ ହାଇକୋର୍ଟଙ୍କ ଠାରେ ଏକ ଆବେଦନ (ସିଆର୍‌ଏଲ୍‌ଏମ୍‌ସି- ନଂ ୫୪୧୨/୨୦୨୫) କରିଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୧୮ ଡିସେମ୍ବର ୨୦୨୫ ରେ ଅପର ପକ୍ଷଙ୍କୁ ନୋଟିସ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଏବେ ବିଚାରାଧୀନ ରହିଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବଣ୍ଡଁରପାଳ,୧୫।୨(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ଜଗନ୍ନାଥପୁର ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ରବିବାର ତାଙ୍କର ସମ୍ପର୍କୀୟ ମଉସା ବଳାତ୍କାର କରିଥିବାନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିବାନୁଯାୟୀ, କୋଲିଅରି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ଜଣେ ବିଧବା ବଣ୍ଡଁରପାଳ ଥାନା ଅନ୍ତର୍ଗତ ଟେଣ୍ଟଲୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ୫ ମାସ ହେବ ନିଜର ୨ ନାବାଳିକା ଝିଅଙ୍କୁ ନେଇ ରହୁଛନ୍ତି। ମହିଳା ଜଣଙ୍କ ଦିନ ମଜୁରିଆ ହୋଇଥିବାରୁ କାମ କରିବାକୁ ବାହାଳ ସାହିର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିଲେ। ସକାଳେ ଝିଅ କାନ୍ଦୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଖବରପାଇ ପୀଡ଼ିତାଙ୍କ ମା' ଘରକୁ ଆସିଥିଲେ। ଘଟଣା ସମ୍ପର୍କରେ ଝିଅଙ୍କୁ ପଚାରିବାରୁ ସେ ତାଙ୍କ ସମ୍ପର୍କୀୟ ମଉସା ପୀତବାସ ନାଏକ ବଳାତ୍କାର କରିଥିବା କହିଥିଲେ।

# ଦୁର୍ଘଟଣାଗ୍ରସ୍ତ କାରରୁ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

ଢେଙ୍କିକୋଟ/ଘଟଗାଁ,୧୫।୨(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ୍ ହାଉସ ପୋଲିସ ଜାତୀୟ ରାଜପଥ ୨୦ ନଂ. କଟରାବେଢ଼ାଠାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଘଟଣାଗ୍ରସ୍ତ କାରରୁ ୮୭ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଘଟଣାରେ ୩ ଜଣଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ କେନ୍ଦୁଝର ପୁରୁଣା ବଜାର ବଡ଼ଦାଣ୍ଡର ରାକେଶ ସାହୁ(୨୯), ଡିଡି କଲେଜ ରୋଡ଼ ବଣିଆପାଟର ଅବନି ସାହୁ(୪୩), ଜଗନ୍ନାଥପୁରର ସଞ୍ଜୟ ଜେନା(୪୭)। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଶନିବାର ଅପରାହ୍ନରେ କଟରାବେଢ଼ାଠାରେ ଥିବା ପେଟ୍ରୋଲ ପମ୍ପରେ କାର(ନଂ. ଓଡି ୧୫ ଏ ୮୮୮୦)ରେ ତେଲ ପକାଇଥିଲେ। ତେଲ ପକାଇ କାରଟି ଜାତୀୟ ରାଜପଥକୁ ବାହାରିବା ସମୟରେ ରାସ୍ତା ଉପରେ ଥିବା ଡିଭାଇଡରକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାରର ଆଗ ଚକଟି ବାହାରି ପଳାଇଥିଲା। ଫଳରେ କାର ସେଠାରେ ରହିଥିଲା। କାରରେ ୩ ଜଣ ଯୁବକ ଥିବା ବେଳେ ସେମାନେ ନିଶାସକ୍ତ ଥିବା ଜାଣି ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଗାଁ ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଥାନା ସବଇନ୍ସପେକ୍ଟର ଗାଙ୍ଗିଆ ଲାକ୍ରା, ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା, ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସଦଳବଳ ପହଞ୍ଚି କାର ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ପୃଥକ ଭାବେ ରାକେଶଙ୍କ ନିକଟରୁ ୨୫ ଗ୍ରାମ୍, ଅବନିଙ୍କ ନିକଟରୁ ୩୦ ଗ୍ରାମ୍ ଓ ସଞ୍ଜୟଙ୍କଠାରୁ ୩୨ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ପଚରାଉଚରା ସମୟରେ ସେମାନେ ବ୍ରାଉନ୍‌ସୁଗାର ନେଇ ଭଦ୍ରକ ଟାଉନ୍‌କୁ ଯାଉଥିବା କହିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ. ୭୮/୨୬) ରୁଜୁକରିରବିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଶୁଭ୍ରାନ୍ତ ଜେନା ପ୍ରକାଶ କରିଛନ୍ତି।

## Business

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ନିର୍ମାଣରେ ଅଗ୍ରଗତି

## ଟନେଲ ୭ରେ ଆଧୁନିକ ସୁରକ୍ଷା ପ୍ରଣାଳୀ ସ୍ଥାପନ

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୁଡ଼ଙ୍ଗ ନମ୍ବର ୭ରେ ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ, ଅତ୍ୟାଧୁନିକ ସୁରକ୍ଷା ଏବଂ ଜରୁରିକାଳୀନ ପରିଚାଳନା ବ୍ୟବସ୍ଥା ସ୍ଥାପନ ସମ୍ପୂର୍ଣ୍ଣ କରିଛି। ବୌଦ୍ଧ ଜିଲାର ପୁରୁଣାକଟକ ଓ ଚାରିଛକ ମଧ୍ୟରେ ଅବସ୍ଥିତ ୧,୯୭୫ ମିଟର ଲମ୍ବା ଟନେଲ ୭ରେ ସମ୍ପ୍ରତି ସଫଳ ଟନେଲ ବ୍ରେକଥ୍ରୁ ସହିତ ନିର୍ମାଣ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରାଯାଇଛି। ଉପକୂଳ ଓଡ଼ିଶା ଏବଂ ରାଜ୍ୟର ପଶ୍ଚିମ ଏବଂ କେନ୍ଦ୍ରୀୟ ଅଞ୍ଚଳ ମଧ୍ୟରେ ଦୀର୍ଘକାଳୀନ ସଂଯୋଗୀକରଣ ବ୍ୟବଧାନକୁ ପୂରଣ କରିବାରେ ଟନେଲ-୭ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ପ୍ରକଳ୍ପ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଦକ୍ଷ ରେଳ ସଂଯୋଗ ପ୍ରଦାନ କରିବ, ଯାତ୍ରୀଙ୍କ ସୁଗମ ପରିବହନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନକୁ ସହଜ କରିବ। ସୂଚନା ଥାଉକି, ସୁଡ଼ଙ୍ଗରେ ଉନ୍ନତ ଯାନ୍ତ୍ରିକ, ବୈଦ୍ୟୁତିକ ଏବଂ ପ୍ଲମ୍ବିଂ ସିଷ୍ଟମ ଯୋଗାଇ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିରେ ବାୟୁ ଗୁଣବତ୍ତା ବଜାୟ ରଖିବା ଏବଂ ଧୂଆଁର ଗତିବିଧିକୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ କରିବା ପାଇଁ ଜେଟ ଫ୍ୟାନ ରହିଛି। ହାଇଡ୍ରାଣ୍ଟ ଲାଇନ, ହୋସ ରିଲ ଏବଂ ରଣନୀତିକ ଭାବରେ ରଖାଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସମେତ ବ୍ୟାପକ ଅଗ୍ନି ନିର୍ବାପନ ବ୍ୟବସ୍ଥା ସ୍ଥାପନ କରାଯାଇଛି । ବିଦ୍ୟୁତ୍ ବ୍ୟାକଅପ ସହିତ ସୁଡ଼ଙ୍ଗ ଆଲୋକୀକରଣ ଏବଂ ସ୍ୱୟଂଚାଳିତ ଜରୁରିକାଳୀନ ଆଲୋକୀକରଣ ବ୍ୟବସ୍ଥା, ବିଦ୍ୟୁତ୍ ବିଫଳତା କିମ୍ବା ଜରୁରିକାଳୀନ ପରିସ୍ଥିତିରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ମାର୍ଗଦର୍ଶନ କରିବା ପାଇଁ ଆଲୋକିତ ପ୍ରସ୍ଥାନ ଏବଂ ଦିଗ ସୂଚକ ସାଇନେଜର ବ୍ୟବସ୍ଥା ରହିଛି। ଯାତ୍ରୀମାନଙ୍କ ସହିତ ବାସ୍ତବ ସମୟ ଯୋଗାଯୋଗ ସୁନିଶ୍ଚିତ କରିବା ଏବଂ ସୁଡ଼ଙ୍ଗର ସ୍ଥିତି ଉପରେ ନିରନ୍ତର ନିରୀକ୍ଷଣ ମାଧ୍ୟମରେ କୌଣସି ଅସ୍ୱାଭାବିକ ପରିସ୍ଥିତିକୁ ପୂର୍ବରୁ ଚିହ୍ନଟ କରିବା ପାଇଁ ପବ୍ଲିକ ଆଡ୍ରେସ (ପିଏ) ଓ ସିସିଟିଭି ନିରୀକ୍ଷଣ ପ୍ରଣାଳୀ ସ୍ଥାପିତ କରାଯାଇଛି। ମୋବାଇଲ ନେଟୱର୍କ ସଂଯୋଗ ସୀମିତ ଥିବା ଅଞ୍ଚଳଗୁଡ଼ିକରେ ବିଶେଷକରି, ଟନେଲ ଭିତରୁ ଯାତ୍ରୀମାନେ ସିଧାସଳଖ କଣ୍ଟ୍ରୋଲ ରୁମ ସହିତ ସମ୍ପର୍କ ସ୍ଥାପନ କରିପାରିବାକୁ ଏସ୍‌ଓଏସ୍ ଜରୁରିକାଳୀନ କଲିଂ ପ୍ରଣାଳୀ ସ୍ଥାପନ କରାଯାଇଛି ନିରନ୍ତର ତାପମାତ୍ରା ନିରୀକ୍ଷଣ ପାଇଁ ଲିନିୟର୍ ହିଟ ଡିଟେକ୍ସନ ସିଷ୍ଟମ, ଯାହା ଆଗୁଆ ଅଗ୍ନି ସଂଯୋଗ ସ୍ଥାନକୁ ଚିହ୍ନଟ କରିବା ସହିତ ଦ୍ରୁତ ପ୍ରତିକ୍ରିୟା ସୁନିଶ୍ଚିତ କରିବ। ଭାରତୀୟ ରେଳପଥ ସୁରକ୍ଷା, ସ୍ଥିରତା ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ସୁଡ଼ଙ୍ଗ ଅଂଶଗୁଡ଼ିକରେ ଉନ୍ନତ ବାଲାଷ୍ଟଲେସ (ସ୍ଲାବ) ଟ୍ରାକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିଛି। ସ୍ଥାପିତ ସମସ୍ତ ସିଷ୍ଟମକୁ ଠିକ ସଂସ୍ଥାପନ ଏବଂ ସଂଯୋଜନ ପାଇଁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। କାର୍ଯ୍ୟକ୍ଷମ ପରୀକ୍ଷଣ ଚାଲିଛି ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ କରାଯିବ, ଯେକୌଣସି ପର୍ଯ୍ୟବେକ୍ଷଣକୁ ତୁରନ୍ତ ସମାଧାନ କରାଯିବ।

# ନାଲକୋ, ଏନ୍‌ଏଲ୍‌ସିଆଇଏଲ୍ ମଧ୍ୟରେ ଶକ୍ତି ସହଯୋଗ ପାଇଁ ବୁଝାମଣା



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ (ଏନ୍‌ଏଲ୍‌ସିଆଇଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ନାଲ୍‌କୋର ୧୦୮୦ ମେଗାୱାଟ ଥର୍ମାଲ କ୍ୟାପଟିଭ ପାୱାର୍ ପ୍ରୋଜେକ୍ଟ ଏବଂ ନବୀକରଣଯୋଗ୍ୟ ଶକ୍ତି ବିକାଶ କ୍ଷେତ୍ରରେ ସହଯୋଗକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟରେ ହୋଇଛି। ଏହି ଏମଓୟୁ ତାମିଲନାଡୁର ମହାବଲିପୁରମରେ ସ୍ୱାକ୍ଷର ହୋଇଥିଲା। ନାଲକୋର ଡାଇରେକ୍ଟର (ପ୍ରୋଜେକ୍ଟସ୍ ଆଣ୍ଡ ଟେକ୍ନିକାଲ) ଜଗଦୀଶ ଆରୋରା ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ମୋତୁପଲ୍ଲୀ ଏବଂ ଏନ୍‌ଏଲ୍‌ସିଆଇଏଲ୍‌ର ଅନ୍ୟ ଡାଇରେକ୍ଟରମାନଙ୍କ ଉପସ୍ଥିତିରେ ଏହି ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ବୁଝାମଣା ନାଲକୋର କ୍ୟାପଟିଭ ଏବଂ ଦୀର୍ଘକାଳୀନ ବିଦ୍ୟୁତ୍ ଆବଶ୍ୟକତାକୁ ସମର୍ଥନ କରିବା ସହିତ ସ୍ଥାୟୀ ଶକ୍ତି ସମାଧାନ ଉପରେ ଗୁରୁତ୍ୱ ଦେବ। ଏହା ଦୀର୍ଘକାଳୀନ ବିଦ୍ୟୁତ୍ ସମ୍ପର୍କ ଏବଂ କୋଇଲା ଯୋଗାଣ ବ୍ୟବସ୍ଥା ପାଇଁ ଏକ ସୁଗଠିତ ଢାଞ୍ଚା ପ୍ରଦାନ କରିବ। ଭବିଷ୍ୟତରେ ଯୌଥ ପ୍ରୋଜେକ୍ଟ ବିକାଶ ମଧ୍ୟ ଏହି ଭାଗୀଦାରିରେ ଅନ୍ତର୍ଭୁକ୍ତ ହେବ।

# ୧୯,୬୭୫ କୋଟିର ଏଫ୍‌ପିଆଇ ନିବେଶ

ନୂଆଦିଲ୍ଲୀ,୧୫।୨(ପି.ଟି.)

## ଟ୍ରେଡ୍ ଡିଲ୍‌ର ପ୍ରଭାବ

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାର ପ୍ରଭାବ ଏବଂ ବୈଶ୍ୱିକ ସ୍ତରରେ ମାକ୍ରୋ ଅର୍ଥନୀତି ସମ୍ପର୍କିତ ଚିନ୍ତା କମିବା ଫଳରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସର ପ୍ରଥମ ୧୫ ଦିନରେ ଭାରତୀୟ ପୁଞ୍ଜି ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ଏହା ପୂର୍ବରୁ କ୍ରମାଗତ ୩ ମାସ ଧରି ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରୁ ସେମାନଙ୍କ ଅଂଶଧନ ପ୍ରତ୍ୟାହାର କରିଚାଲିଥିଲେ। ଜାନୁଆରୀରେ ସେମାନେ ୩୫,୯୬୨ କୋଟି ଟଙ୍କାର ଶେୟାର ବିକ୍ରି କରିଥିବାବେଳେ ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩,୭୬୫ କୋଟି ଟଙ୍କା ପୁଞ୍ଜି ବଜାରରୁ ପ୍ରତ୍ୟାହାର କରିନେଇଥିଲେ ବୋଲି ଜମାକାରୀ ସଂସ୍ଥାଗୁଡ଼ିକର ତଥ୍ୟରୁ ଜଣାପଡ଼ିଛି। ମୋଟାମୋଟି ଭାବେ ୨୦୨୫ରେ ଭାରତୀୟ ପୁଞ୍ଜିବଜାରରୁ ଏଫ୍‌ପିଆଇମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା (୧୮.୯ ବିଲିୟନ ଡଲାର) ଉଠାଇ ନେଇଥିଲେ, ଯାହାକି ବିଦେଶୀ ନିବେଶ ପାଇଁ ଅନ୍ୟତମ ସବୁଠୁ ଖରାପ ସମୟ ଥିଲା। ଟଙ୍କା ମୂଲ୍ୟରେ ଅସ୍ଥିର ଗତି, ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, ସମ୍ଭାବ୍ୟ ଆମେରିକା ଟାରିଫ୍‌କୁ ନେଇ ଚିନ୍ତା ଏବଂ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ତାଙ୍କର ପ୍ରକୃତ ବ୍ୟବସାୟିକ କ୍ଷମତାଠାରୁ ଅଧିକ ହେବା ଆଦି କାରଣରୁ ଅଂଶଧନ ବିକ୍ରି ବଢ଼ିଥିଲା। ତେବେ ବାଣିଜ୍ୟ ଚୁକ୍ତିନାମା ପରେ ଅବସ୍ଥାରେ ପରିବର୍ତ୍ତନ ଆସିଛି। ଫେବୃଆରୀ ୧୩ ତାରିଖ ସୁଦ୍ଧା ଏଫ୍‌ପିଆଇମାନେ ଭାରତୀୟ ଶେୟାର ବଜାରରେ ୧୯,୬୭୫ କୋଟି ଟଙ୍କା ନିବେଶ କରିଛନ୍ତି। ବୈଶ୍ୱିକ ମାକ୍ରୋ ଅର୍ଥନୀତି ଚିନ୍ତା ହ୍ରାସ, ବିଶେଷ କରି ଆମେରିକା ମୁଦ୍ରାସ୍ଫୀତି କମିବା, ସୁଧହାର ପାଇଁ ଏକ ସକାରାତ୍ମକ ଭାବାବେଗ ସୃଷ୍ଟି କରିଥିବାରୁ ବଣ୍ଡରୁ ମିଳିବାକୁ ଥିବା ବାର୍ଷିକ ସୁଧ ବା ରିଟର୍ନ ଏବଂ ଆମେରିକା ଡଲାରରେ ସ୍ଥିରତା ଆଣିବାରେ ସହାୟକ ହୋଇଛି। ସେଥିପାଇଁ ନିବେଶକମାନେ ଭାରତୀୟ ଷ୍ଟକ୍ ମାର୍କେଟରୁ ଅଂଶଧନ କିଣିଛନ୍ତି ବୋଲି ମର୍ନିଂଷ୍ଟାର ଇନ୍‌ଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ପ୍ରମୁଖ ପରିଚାଳକ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

# ବିଜିୟୁରେ ଏଆଇ ଚାଳିତ ଲୋକନୀତି ଉପରେ ସମ୍ମିଳନୀ



ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ)ରେ 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ଲୋକନୀତି: ପ୍ରଯୁକ୍ତି ଓ ସମବେଦନାର ସମତୁଳନ' ଶୀର୍ଷକ ଏକ ମାନବ ସମ୍ବଳ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶିକ୍ଷାଜଗତର ବ୍ୟକ୍ତିତ୍ୱମାନେ ଅଂଶଗ୍ରହଣ କରି କିପରି କୃତ୍ରିମ ବୁଦ୍ଧିମତ୍ତା ମାନବୀୟ ମୂଲ୍ୟବୋଧକୁ ପ୍ରତିସ୍ଥାପିତ ନ କରି ତାହାକୁ ସଶକ୍ତ କରିପାରିବ ସେନେଇ ଆଲୋଚନା କରିଥିଲେ। ନିଯୁକ୍ତି ପ୍ରକ୍ରିୟା, ଶିକ୍ଷା ଓ ପ୍ରଶିକ୍ଷଣ, କାର୍ଯ୍ୟଦକ୍ଷତା ପରିଚାଳନା ଓ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। କୃତ୍ରିମ ବୁଦ୍ଧିମତ୍ତା ଗ୍ରହଣ ସମ୍ବନ୍ଧୀୟ ନୈତିକ, ଆଇନଗତ ଓ ଭାବନାତ୍ମକ ପ୍ରଭାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ବକ୍ତା ରିଚା ମାଲହୋତ୍ରା 'କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ପ୍ରତିଭା ଅର୍ଜନ ଓ କାର୍ଯ୍ୟଶକ୍ତି ବିଶ୍ଳେଷଣରେ ଆଲେଗାରିଥମ ଭିତ୍ତିକ ପକ୍ଷପାତ, ବିଶ୍ୱାସର ଅଭାବ ଓ ପରିବର୍ତ୍ତନ ପ୍ରତି ପ୍ରତରୋଧ ଭଳି ଚିନ୍ତା ବିଷୟଗୁଡ଼ିକୁ ମାନବୀୟ ନିରୀକ୍ଷଣ ସହିତ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରିବା ଆବଶ୍ୟକ, ଯାହା ମାନବ ସମ୍ବଳ ପ୍ରକ୍ରିୟାରେ ନ୍ୟାୟସଙ୍ଗତତା ଓ ପରିପ୍ରେକ୍ଷୀରେ ସମ୍ବେଦନଶୀଳତା ସୁନିଶ୍ଚିତ କରିବ। ମୁଖ୍ୟ ଅତିଥି ସତ୍ୟନାରାୟଣ ବିଞ୍ଝାମୋରି ଉଲ୍ଲେଖ କରିଥିଲେ, 'କୃତ୍ରିମ ବୁଦ୍ଧିମତ୍ତା ଦଶନ୍ଧି ଧରି ବିକଶିତ ହୋଇଆସୁଛି ଏବଂ ବର୍ତ୍ତମାନ ତାହାର ବ୍ୟାପକତା ଓ ସହଜଲଭ୍ୟତା ଦାୟିତ୍ୱପୂର୍ଣ୍ଣ ସମୋବଶକୁ ଆହ୍ୱାନ କରୁଛି। ଏହି ମଞ୍ଚ ମାନବ ସମ୍ପଦ ବୁଦ୍ଧିଜୀବୀ, ମାନବ ବିଶ୍ଳେଷଣ ବିଶେଷଜ୍ଞ, ପ୍ରଶାସନିକ ପ୍ରବନ୍ଧକ, ନବପ୍ରତିଷ୍ଠିତ ଉଦ୍ୟମ ସଂସ୍ଥାପକ ଓ ପରାମର୍ଶଦାତାମାନଙ୍କୁ ଏକତ୍ର କରି କୃତ୍ରିମ ବୁଦ୍ଧିମତ୍ତା-ଚାଳିତ ମାନବ ସମ୍ବଳ ସମାଧାନର ଅନୁଭବ ଓ ଶ୍ରେଷ୍ଠ ପ୍ରଚଳନ ବିନିମୟ ପାଇଁ ଏକ ସୁଦୃଢ଼ ମଞ୍ଚ ପ୍ରଦାନ କରିଥିଲା।

# ଡାକ ବିଭାଗ ଓ ଏନ୍‌ଏସ୍‌ଇ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୧୫।୨(ଅନୁରାଧା ମହାରଣା)

ଭାରତ ସରକାରଙ୍କ ସଞ୍ଚାର ମନ୍ତ୍ରଣାଳୟ, ଡାକ ବିଭାଗ (ଡିଓପି) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଇ) ମଧ୍ୟରେ ଏନ୍‌ଏସ୍‌ଇ ଏମ୍‌ଏଫ୍ ଇନଭେଷ୍ଟ ପ୍ଲାଟଫର୍ମ ଉପରେ ସହଭାଗିତା କରିବା ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଯାହାକି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଅଗ୍ରଗତି ଏବଂ ଅନ୍ତ୍ୟୋଦୟ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସହଭାଗିତା ବିଶେଷ କରି ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ କ୍ଷୁଦ୍ର ସଞ୍ଚୟକୁ ମ୍ୟୁଚୁଆଲ ଫଣ୍ଡ ନିବେଶ ମାଧ୍ୟମରେ ସଂରଚିତ ସମ୍ପତ୍ତି ସୃଷ୍ଟି ସୁଯୋଗରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ଏମ୍‌ଓୟୁ ଏନ୍‌ଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଆଶିଷ କୁମାର ଚୌହାନଙ୍କ ଉପସ୍ଥିତିରେ ଡାକ ବିଭାଗର (ସିଟିଜେନ ସେଣ୍ଟ୍ରିକ ସର୍ଭିସେସ ଆଣ୍ଡ ରୁରାଲ ବିଜ୍‌ନେସ୍) ମହାପ୍ରବନ୍ଧକ ମନୀଷା ବଂଶଲ ବାଦଲ ଓ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟିକ ବିକାଶ ଅଧିକାରୀ (ସିବିଡିଓ) ଶ୍ରୀରାମ କ୍ରିଷ୍ଣନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅଧୀନରେ ଏନ୍‌ଏସ୍‌ଇ ଇ-କେୱାଇସି, ଅନବୋର୍ଡିଂ, ଟ୍ରାଞ୍ଜାକ୍ସନ ଓ ବ୍ୟାକଏଣ୍ଡ ଅପରେଶନକୁ କଭର କରୁଥିବା ଏକ ଇଣ୍ଟିଗ୍ରେଟେଡ ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ ପ୍ଲାଟଫର୍ମ ପ୍ରଦାନ କରିବ । ଏହା ୨୫୦୦ରୁ ଅଧିକ ଇଣ୍ଡିଆ ପୋଷ୍ଟ କର୍ମଚାରୀଙ୍କ ପାଇଁ ଏନଆଇଏସଏମ ସାର୍ଟିଫିକେଶନ ଓ ଇୟୁଆଇଏନ ପଞ୍ଜୀକରଣ ପାଇଁ ପାଣ୍ଠି ପ୍ରଦାନ କରିବ ଏବଂ ସହଜ କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ପୋଷ୍ଟାଲ ସର୍କଲଗୁଡିକରେ ଡେଡିକେଟେଡ ଟେକ୍ନିକାଲ ସପୋର୍ଟ ଟିମ ନିଯୁକ୍ତ କରିବ। ଏହାର ରୋଲଆଉଟ ବିସ୍ତୃତ ଇକୋସିଷ୍ଟମରେ ବିସ୍ତାର ହେବା ପୂର୍ବରୁ ପ୍ରଥମ ଥର ଓ ଡିଆଇୱାଇ ନିବେଶକଙ୍କ ପାଇଁ ସରଳ, କ୍ଷୁଦ୍ର ଟିକେଟ ମ୍ୟୁଚୁଆଲ ଫଣ୍ଡ ଉତ୍ପାଦ ସହ ଆରମ୍ଭ ହେବ ।

# ଗଜପତି କୋଣାର୍କ ପଠାଇଥିଲେ ରାଜାଭିଷେକ, ବିବାହ ବେଳର ୧,୫୧,୬୫୧ ମାଢ଼ ସୁନା




ବର୍ତ୍ତମାନର ସୋନପୁର ଭଗ୍ନ ରାଜବାଟୀ ଏବଂ ସୁବର୍ଣ୍ଣପୁର ସହର ରାମେଶ୍ୱରଗଡ଼ିତ ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳ। (ଫଟୋ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର)

ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ଆମେ ସାମ୍ରାଜ୍ୟ କେଉଁଠୁ କେଉଁମାନେ ମନ୍ଦିର ନିର୍ମାଣ ପାଇଁ କେତେ ସହଯୋଗ କରିଥିଲେ ତା'ର ଏକ ଚିତ୍ର ଦେବାକୁ ଆରମ୍ଭ କରିଥିଲୁ। ଓଡ଼ିଆମାନେ ମନ୍ଦିର କରିଥିବାର ବୋଲି ବାହାରିଥିବା ଲେଖକ ସେଇଁ ମତ ଉଲ୍ଲେଖ କରିଥିଲେ, ତାହାକୁ ନିରାଧାର କରିବା ପାଇଁ ଏହା ଏକ ଆଧାର ପ୍ରମାଣ। ଆମ ସୁନାରୁପା, ଆମ ମୁଦ୍ରା, ଆମ ଶିଳ୍ପୀ, ଆମ ପଥୁରିଆଙ୍କ ଦ୍ୱାରା ନିର୍ମିତ ହୋଇଥିଲା କୋଣାର୍କ ମନ୍ଦିର। ଏହି ପ୍ରସଙ୍ଗ ଶେଷ ହୋଇ ନାହିଁ।

ପୂର୍ବରୁ ଆମେ ସୂଚନା ଦେଇଥିଲୁ ଶ୍ରୀପୁରୁଷୋତ୍ତମ ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ ପ୍ରସଙ୍ଗରେ ଲେଖାଥିବା 'ପୁରୁଷୋତ୍ତମ କ୍ଷେତ୍ର ବଡ଼ଦେଉଳ' ଅଧ୍ୟକ୍ଷ ଥିଲେ ପଣ୍ଡିତ ମହାଦେବ ରାଜଗୁରୁ ମହାପାତ୍ର। ସେ ଶ୍ରୀମନ୍ଦିର ଭଣ୍ଡାରରୁ ୩,୪୦୩ ମାଢ଼ ସୁନା ଯୋଗାଇ ଦେଇଥିଲେ। ବିଡ଼ାନାସୀ କଟକରୁ ଆଦାୟ ହୋଇଥିବା ରାଜସ୍ୱ ଥିଲା ୩,୪୦୪ ମାଢ଼ ସୁନା। ତାହା କୋଣାର୍କକୁ ଆସିଥିଲା।' ଆଉ ଗୋଟିଏ ସୂଚନା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହା ବି ଲେଖୁଥିଲୁ। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ରାଜାଭିଷେକ ସମୟରେ ମହାଶୁଳ୍କ ସୁନାରେ ତଉଲା ଯାଇଥିଲା। ଅର୍ଥାତ୍ ଓଜନ ଅନୁଯାୟୀ ଅପର ପାର୍ଶ୍ୱରେ ସୁନା ରଖାଯାଇଥିଲା। ଏହା ଓଡ଼ିଶା ଇତିହାସରେ ପ୍ରଥମ ଓ ଏକ ଚମକପ୍ରଦ ଘଟଣା ଥିଲା। ସେ ସୁନା ହୋଇଥିଲା ୧,୪୩,୩୦୮ ମାଢ଼। ୧୨୩୮ ମସିହାରେ ସେ ସୁନାକୁ ମୁଦ୍ରାରେ ପରିଣତ କରାଯାଇ କୋଣାର୍କ ଭଣ୍ଡାରକୁ ପଠାଇ ଦିଆଯାଇଥିଲା। ଆଉଏକ ଚମକପ୍ରଦ ଘଟଣା ଘଟିଥିଲା

ଗଜପତିଙ୍କ ବିବାହ ସମୟରେ। ସେ ବିବାହ କରିଥିଲେ ଚୋଳପାଣ୍ଡ୍ୟ ବଂଶର ରାଜଧାନୀ ମଦୁରାଇର ରାଜଜେମାଙ୍କୁ। ଦକ୍ଷିଣ ଭାରତର ଏହି ମନ୍ଦିରମୟୀ ନଗରୀ ଭାରତର ୫୧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ। ଏହା ମଧ୍ୟ ଥିଲା ତାମିଲନାଡ଼ୁର ସାଂସ୍କୃତିକ ରାଜଧାନୀ। ଏଠାରେ ମୀନାକ୍ଷୀ ଦେବୀଙ୍କ ମନ୍ଦିର ରହିଛି। ଏଠାରୁ ବିବାହ କରି ଫେରିବା ପରେ ଗଜପତିଙ୍କୁ 'କନକସ୍ନାନ' କରାଯାଇଥିଲା। କନକସ୍ନାନର ଅର୍ଥ ସୁନାରେ ସ୍ନାନ। ଆମ ଭାଷାରେ 'ସୁନାର ବର୍ଷା' କରାଯାଇଥିଲା। ସେତେବେଳେ ପ୍ରତ୍ୟେକ ଧାର୍ମିକ କାର୍ଯ୍ୟର ନିର୍ଦ୍ଦେଶକ ଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ରାଜଗୁରୁଙ୍କ ମଧ୍ୟ ଶ୍ରୀପୁରୁଷୋତ୍ତମ ମନ୍ଦିର ପ୍ରତିଷ୍ଠା ପରେ 'କନକସ୍ନାନ' କରାଯାଇଥିବା କଥା ପୋଥିରେ ଲେଖାହୋଇଛି। ସେଥିରେ ତାଙ୍କୁ ସୁନାମୁଦି, ହାତର କଙ୍କଣ, ହାର, କୁଣ୍ଡଳ ଏବଂ ବ୍ୟବହାର ପାଇଁ ସୁନାର ଭିନ୍ନ ପାତ୍ର ଉପହାର ଦିଆଯାଇଥିଲା। ସୁନାର ପରିମାଣ ଦେଖି ପୋଥିଲେଖକ 'ରାଜଗୁରୁଙ୍କ ଉପରେ ସୁନାର ବର୍ଷା ହୋଇଥିଲା ବୋଲି ଲେଖିଛନ୍ତି।' ଏଥିରୁ ବୁଝିହେବ ଗଜପତିଙ୍କ କନକସ୍ନାନ ରହସ୍ୟ। ସେହି ବର୍ଷାରୁ ସେ ଯେତେ ସୁନା ପାଇଥିଲେ ତାଙ୍କରି ନିର୍ଦ୍ଦେଶମତେ ସେଥିରୁ ୮,୩୪୩ ମାଢ଼ ନିର୍ମାଣ ହୋଇଥିଲା।' ଓଡ଼ିଶାର ଲୋକକଥାରେ ଅଛି- ବନ୍ଦାପନାବେଳେ ଖାଲି ତ ସୁନାର ବର୍ଷା ହେଲା। ସେହିପରି ଅମାପ ସୁନା ସୋନପୁର ରାଜା ବର୍ଷା (ଦାନ ଦକ୍ଷିଣା) କରାଇଥିବାରୁ ତା'ର ପ୍ରାଚୀନ ନାମ 'ସୁବର୍ଣ୍ଣପୁର' ଥିଲା। ଅବଶ୍ୟ ଏହା ଲୋକକଥା। କେଉଁ ରାଜାଙ୍କ ଅମଳ କଥା ନିର୍ଦ୍ଦିଷ୍ଟ ଇତିହାସ ତଥ୍ୟ ଆମେ ପାଇନାହୁଁ। କେବଳ ବୁଝିହୁଏ- ଧନଧାନ୍ୟରେ ପୂର୍ଣ୍ଣ ଥିବାରୁ ସେହି ରାଜ୍ୟର ନାମ ସୁବର୍ଣ୍ଣପୁର ହୋଇଥିଲା।

ତେବେ କନକ ସ୍ନାନରୁ ଲବ୍ଧ ୮,୩୪୩ ମାଢ଼ ସୁନା କୋଣାର୍କ ଭଣ୍ଡାରକୁ ଗଜପତି ଦାନ ଦେଇଥିଲେ, ଯାହା ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିଲା। ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ମୁଁ ଅଙ୍କ ବେଳକୁ ଗୌଡ଼ ଦେଶ ଆମ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ସୁନିଆ ମହୋତ୍ସବ ସମୟରେ ତିନୋଟି ହାତୀରେ ସେଠାରୁ ଉପହାର ଆସି କଟକର ବିଡ଼ାନାସୀରେ ପହଞ୍ଚିଥିଲା। ୩୭,୦୩୦ ଅବସପି ମୁଦ୍ରା, ୦୭,୩୦୪ ବାଦଶାହା ମୁଦ୍ରା ଏହା ବଙ୍ଗାଳୀଙ୍କ ଭାବରେ ପରିଚିତ ଥିଲା। ରୁପାରେ ନିର୍ମିତ ଟଙ୍କା। ୦୭,୩୦୭ ମାଢ଼ ରୁପାଟଙ୍କା। ଏଥିରେ କୌଣସି ଚିହ୍ନ ନ ଥିଲା।

ଆମେ ଆର୍ଥିକ ସହଯୋଗର ସାମାନ୍ୟ ଚିତ୍ର ଦେଲୁ। ମନ୍ଦିର ପ୍ରତିଷ୍ଠା ସମାପ୍ତ ହେବା ପର୍ଯ୍ୟନ୍ତ କିଏ କିଏ ଶାରୀରିକ ସହଯୋଗ କରିଥିଲେ, ତାହା ମଧ୍ୟ ଜାଣିବା କଥା। ମୁଖ୍ୟ ଗୁପତି/ଶିଳ୍ପୀଙ୍କ ପ୍ରସଙ୍ଗକୁ ଆମେ ଫେରିଯିବା ନାହିଁ। ସାଧାରଣ ବର୍ଗର ଓଡ଼ିଆ ନିଜ ଗାଁ, ଘରଦ୍ୱାର ଛାଡ଼ି ବର୍ଷ ବର୍ଷ ଧରି କୋଣାର୍କରେ ରହି ଯେଉଁ ସେବା ଓ ତ୍ୟାଗ ଦେଖାଇଛନ୍ତି, ତାଙ୍କୁ ପ୍ରଣାମ କରିବାକୁ ଇଚ୍ଛା ହୁଏ। ପାଉଣା ପାଇଁ କାମ କରୁଥିଲେ, ଏହା ଭାବିବା ଓ କହିବା ସେମାନଙ୍କ ପାଇଁ ଅପରାଧ ହେବ। ଘର ପରି ରହୁଥିଲେ। ଘର ପରି ଭୋଜିଭାତ କରି ଖାଉଥିଲେ। କିନ୍ତୁ କାମ ପାଇଁ ଯେ କୌଣସି ସମୟରେ ପ୍ରସ୍ତୁତ ଥିଲେ। ମୋର ସନ୍ଧ୍ୟା ୫ଟାରେ ସମୟ ଶେଷ ହୋଇଗଲା- କାଲି ଦଶଟାରେ କାମରେ ଯୋଗଦେବି। ଏପରି ମାନସିକତା 'ବିଶ୍ୱର ବିସ୍ମୟ' ସଫଳ ହେବା ସମ୍ଭବ ହୁଅନ୍ତି। ଆମେ ଏ ପ୍ରସଙ୍ଗକୁ କାହିଁକି ଲେଖୁଛୁ ଆପଣ ଜାଣିପାରୁଥିବେ। ବାହାର ଇତିହାସକାରଙ୍କ ପରି ଆମ ସାହିତ୍ୟିକମାନେ ଅନୁକୂଳ ହସଲ ପରି ନିର୍ଯାତନା ଦିଆଯାଉଥିଲା ବୋଲି ଉଲ୍ଲେଖ ପିଛନ୍ତି।

# ସଙ୍ଗଠନକୁ ସୁଦୃଢ଼ କରାଯିବ: ମନମୋହନ

ଭୁବନେଶ୍ୱର, ୧୫।୨ (ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆସନ୍ତା ୧୭ ତାରିଖରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରବିବାର ମନମୋହନ ସୂଚନା ଦେଇଛନ୍ତି, ତୃଣମୂଳସ୍ତରରେ ସଙ୍ଗଠନ କିପରି ସୁଦୃଢ଼ କରାଯିବ ସେ ନେଇ ନେତା ଓ କର୍ମୀମାନେ ତାଲିମ ନେବେ। ବିଧାୟକମାନେ ଓ ମୁଖ୍ୟ କାର୍ଯ୍ୟକର୍ତ୍ତାମାନେ ଏହି ପ୍ରଶିକ୍ଷଣରେ ଯୋଗଦେବେ। ପ୍ରଥମେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ହେବ ଏବଂ ପରେ ୨୫ ତାରିଖରେ ଜୋନାଲ୍ ସ୍ତରୀୟ ତାଲିମ ପ୍ରଦାନ କରାଯିବ। ଜୋନାଲସ୍ତରୀୟ ପ୍ରଶିକ୍ଷଣରେ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଯୋଗଦେବେ। ଏହି ଶିବିରରେ



ମନମୋହନ ସାମଲ

**୧୭ରେ କାର୍ଯ୍ୟକର୍ତ୍ତା, ୨୫ରୁ ଜୋନାଲସ୍ତରୀୟ ପ୍ରଶିକ୍ଷଣ**

ଝାଡ଼ଖଣ୍ଡ, ସିକ୍କିମ୍, ଆଣ୍ଡାମାନ୍ ସମେତ ପୂର୍ବାଞ୍ଚଳ ରାଜ୍ୟର ଭାଜପା ନେତାମାନେ ଯୋଗଦେବେ। ତେବେ ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁ ସେ ରାଜ୍ୟର ପ୍ରତିନିଧିମାନେ ଏହି ଜୋନାଲ୍ ପ୍ରଶିକ୍ଷଣରେ ଯୋଗ ଦେଉନାହାନ୍ତି ବୋଲି ସେ କହିଛନ୍ତି।

ମନମୋହନଙ୍କ ସୂଚନା ଅନୁଯାୟୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ୍ ନବୀନ୍ ଓଡ଼ିଶା ଗସ୍ତରେ ଆସିବାର ରହିଛି। ମାତ୍ର ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସ୍ଥିର ହୋଇନାହିଁ। ତେବେ ନିତିନ୍ ନବୀନ୍ ଖୁବଶୀଘ୍ର ଓଡ଼ିଶା ଆସିବେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ବରିଷ୍ଠ କର୍ମୀମାନେ ତୃଣମୂଳ ସ୍ତରରେ କିପରି କାମ କରିବେ ଏବଂ ସଙ୍ଗଠନକୁ ସୁଦୃଢ଼ କରିବେ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଏହି କାର୍ଯ୍ୟକ୍ରମ ଭିନ୍ନ ଧରଣର ହେବ ବୋଲି ମନମୋହନ କହିଛନ୍ତି।

୩ୟ ପୃଷ୍ଠାର ଅବଶିଷ୍ଟାଂଶ

## ଆମେରିକାରେ ନିଖୋଜ...

ସେ ଗତ ସୋମବାରଠାରୁ ନିଖୋଜ ଥିଲେ। ତାଙ୍କର ମୃତଦେହ ମିଳିଥିବା ସାନ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ ସ୍ଥାନୀୟ ସମୟ ଶନିବାର ସ୍ପଷ୍ଟ କରାଯାଇଛି। କନ୍ସୁଲେଟ୍ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ମରଶରୀର ଯଥାଶୀଘ୍ର ଭାରତ ପଠାଇବାରେ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ବୋଲି କହିଛି। ଶ୍ରୀନିବାସିଆ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ମାଷ୍ଟର ଅଫ୍ ସାଇନ୍ସ ପ୍ରୋଗ୍ରାମରେ ନାମ ଲେଖାଇଥିଲେ। ପାର୍କ ହିଲ୍ସସ୍ଥିତ ଘର ପାହାଡ଼ରୁ ତାଙ୍କ ବ୍ୟାଗେଜ୍, ପାସ୍‌ପୋର୍ଟ ଏବଂ ଲାପଟପ୍ ମିଳିଛି।


## GANGADHAR MEHER UNIVERSITY
AMRUTA VIHAR, SAMBALPUR-768004 (ODISHA)
No. 648 /GMU/2026 Date 14.02.2026

### RECRUITMENT NOTICE

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website www.gmuniversity.ac.in from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

Sd./- Registrar

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA
DIST: KALAHANDI-766026, ODISHA, E-Mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/md@ohpcltd.com.
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER NO. UIHEP-52/2025-26 DATE: 13.02.2026

No. 32001/54/2526 :- Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Manufacturers or its Channel Partners/ Authorized dealers for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of 03 nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda | 7,080/- (inclusive of GST) | 13,517/- | From 21.02.2026 to 06.03.2026 upto 12:00 Hrs. | 06.03.2026 (upto 13:00 Hrs) | 06.03.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com
OIPR-32001/32136/1/25-26/0038 Sd./- C&P Head, UIHEP, Mukhiguda

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. 25001/172/2526 "e" Procurement Notice for Bridge Work
Identification No. Online Tender - Bridge NCB No. 60 of 2025-26
Letter No. 630/WE Date: 07.02.26

1. Name of the Work : Bridge Works
2. Total No. of Work : As per annexure
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details

| Procurement Officer | Bid Identification No. | Availability of tender Online for Bidding From | To | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Balasore Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 60 of 2025-26 | 18.02.2026 at 11.00 A.M. | 06.03.2026 upto 5.00 P.M. | 05.03.2026 upto 5.00 P.M. | 07.03.2026 at 11.00 A.M. | Will be intimated later |

Further details can be seen from the website: www.tendersodisha.gov.in.
OIPR-25001/25105/1/25-26/0005 Sd./- Er. Durjyodhan Behera, Chief Construction Engineer, R.W. Circle, Balasore

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
(WALK-IN-INTERVIEW) FOR IN-HOUSE TRANSFER
Advt. No. : 505 /DPMU Dt:11.02.2026

Interested candidates may attend the In-House transfer Walk-in-interview of the Block Data Manager (BDM) positions under In-House transfer of NHM contractual employees.

| Sl No | Name of the Post | Vacancy | Walk-In-Interview |
|---|---|---|---|
| 01 | Block Data Manager (BDM) | 02 | 25.02.2026 |

The application format and details are available in the website https://puri.odisha.gov.in.

Sd./- Chief District Medical & Public Health Officer, Puri
No. 10001/59/2526 OIPR-10001/10021/1/25-26/0001

OFFICE OF THE MUNICIPAL COUNCIL
BHAWANIPATNA, DIST.: KALAHANDI, PIN - 766001
'e' Procurement NOTICE
Bid Identification No. BPM/06/2025-26
Bid Identification No. BPM/393/2025-26

No. 13001/247/2526: The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. website i.e. https://tendersodisha.gov.in.

1. Number of Civil Works : 8 (Eight) Numbers
2. Estimated Costs : 8.47 lakhs to 16.95 lakhs
3. Period of Completion : As per NIT
4. Date and time of availability of the bid documents in the portal : From 11.00 A.M. of 13.02.2026 to 05.00 P.M. of 21.02.2026
5. Last date/time for receipt of bids in the portal : 05.00 P.M. of 21.02.2026
6. Bids will be opened on : 5.30 P.M. of Dt.21.02.2026
7. Name and address of the Officer Inviting Bid : Executive Officer, Bhawanipatna Municipality

Sd./- Executive Officer
OIPR-13001/13100/1/25-26/0015 Bhawanipatna Municipality

MUNICIPAL COUNCIL, RAIRANGPUR
No. 13001/251/2526 Phone No.: 06794-222054
E-Mail ID: rairangpurn.hud@ori.nic.in/rrpurnac@gmail.com
"e" PROCUREMENT NOTICE
TENDER CALL NOTICE NO : 308/dt. 12.02.2026
BID IDENTIFICATION NO. - T9RRP2025-26

1. Name of the Work : Civil Works
2. Total No. Works : 2 Nos.
3. Estimated Cost : 65.97 to 72.43 lakhs
4. Class of Contractors : As per DTCN
5. Period of Completion : As per DTCN
6. Availability of tender online for bidding : 13.02.2026 at 11 A.M. to 19.02.2026 upto 5.00 P.M.
7. Tender Box offline documents dropping : 20.02.2026 upto 5.00 P.M.
8. Date & time of opening of tender : 21.02.2026 at 11.00 A.M.

Other detail can be seen from the website www.tendersorissa.gov.in. Authority reserves the right to reject any of all the tendres without assigning any reasons thereof.

Sd./- Executive Officer
OIPR-13001/13106/1/25-26/0002 Rairangpur Municipality

OFFICE OF THE MUNICIPAL COUNCIL, BELPAHAR
Ph.: 06645-356292, Fax: 06645-250236
Email: municipalitybelpahar@gmail.com
No. 412 Dt.11.02.2026

1st CORRIGENDUM NOTICE TO EXPRESSION OF INTEREST (EOI) FOR ARRIVAL OF RATES OF VEHICLES & MACHINERIES REQUIRED FOR BELPAHAR MUNICIPALITY

No. 13001/230/2526: In partial modification to this office EOI Notice No. 299 Dtd. 05.02.2026, it is hereby notified that the time period of submission of rate has been extended upto 17.02.2026 by 5.00 P.M. instead of 12.02.2026 by 5.00 P.M. All previous terms and conditions of this EOI notice remain unchanged.

Sd./- Executive Officer
OIPR-13001/13050/1/25-26/0039 Belpahar Municipality

ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, Fax- 2542102; E-mail: ohpc.co@gmail.com
No. OHPC: TECH: CP: 16/2025-26/1103 Date: 10.02.2026

INVITATION FOR EXPRESSION OF INTEREST

No. 4001/18/2526:- Odisha Hydro Power Corporation Ltd. Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT consultant on contractual basis for a minimum period of 01 year.

For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from Dated. 16.02.2026

OIPR-4001/4012/1/25-26/0001 C&P Head

କଟକ ଉନ୍ନୟନ କର୍ତ୍ତୃପକ୍ଷ
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ଼, କଟକ-୧୨

ସୂଚନା

No. 13001/258/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମାର୍କେଟ ନଗର) ସେକ୍ଟର-୧୩ରେ ପ୍ଲଟ ନଂ. 13-3B/871ଟିକୁ ଶ୍ରୀ ସୁଜନ ପ୍ରଧାନ, ପିତା: ମଦନ ମୋହନ ପ୍ରଧାନ, ସା/ପୋ.: ଉ ତେଲେଙ୍ଗା ବଜାର, ଥା: ପୁରାଘାଟ, ଜିଲ୍ଲା: କଟକ-୭୫୩୦୦୯ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ସୁଜନ ପ୍ରଧାନ ଉକ୍ତ ପ୍ଲଟଟିକୁ ବିକ୍ରୟ ଚୁକ୍ତିନାମା ଆଧାରରେ ରଞ୍ଜି କୁମାର କୟାଲ, ପିତା: ରାଜ କୁମାର କୟାଲ, ସା: ଓଲ୍ଡ କଲେଜ ଲେନ୍, ନିମଚଉଁରି, ଥା: ଲାଲବାଗ, ଜିଲ୍ଲା: କଟକ-୭୫୩୦୦୨, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/25-26/0041 ସ୍ୱା./- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
At/P.O./P.S.: Padampur, Dist.: Bargarh (Odisha), PIN - 768036
E_Mail ID: nac.padampur@gmail.com
"e" Procurement Notice
Bid Identification No. NAC-PDP-11/2025-26

No. 13001/248/2526: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in.

1. Nature of Work : Civil Works
2. No. of Works : 01 No.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10.00 hours of 13.02.2026 to 17.00 hours of 25.02.2026
6. Last date/time for receipt of bids in the portal : Dt.25.02.2026 upto 17 hours
7. Bids received online shall be opened on : Dt.26.02.2026 at 11 hours
8. Name and address of the Officer Inviting Bid : Executive Officer, Padampur NAC

Further, the details can be seen from the e-procurement portal www.tendersodisha.gov.in.

Sd./- Executive Officer
OIPR-13001/13118/1/25-26/0027 N.A.C., Padampur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNDARGARH
E.Mail - rw_sundargarh@yahoo.co.in
E-PROCUREMENT NOTICE
BID IDENTIFICATION NO. ONLINE-SESNG-25 of 2025-26

No.25001/143/2526 : 1. Name of the Work : Building Work, 2. Total No. of works : 1 no. Building, 3. Estimated cost : Rs. 8.47 Lakhs, 4. Class of contractor : Only 'D' & 'C', 5. Period of completion : 01 calendar month, 6. Type of Tender : Single Cover, 7. Other details

| Procurement Officer | Bid Identification No. | Availability of Tender On-line for bidding From | To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-25 of 2025-26 | 17.02.2026 11.00 A.M. | 24.02.2026 05.00 P.M. |

Further details can be seen from the website www.tendersorissa.gov.in

Sd./-Executive Engineer
Rural Works Division,
OIPR-25001/25046/1/25-26/0002 Sundargarh

No. 452/DPP, Dt.11/2/26 No.1001/22/2526
OFFICE OF THE DIRECTOR OF PHYSICAL PLANTS
OUAT, BHUBANESWAR
"e-Procurement Notice No. 05/2025-26"

| | | |
|---|---|---|
| 1. | Name of the work | Construction of 60 seated Boys Hostel along with furnishing at OUAT, Bhubaneswar (Composite) (construction portion only) |
| 2. | Total no of Work | 01 No |
| 3. | Estimated cost | Rs. 264.67 lakhs approximate |
| 4. | Class of Contractor | As per DTCN |
| 5. | Period of Completion | As per DTCN |
| 6. | Type of tender | Double Cover system |
| 7. | Date and Time of availability of Bid documents in the portal | From Dt. 16.02.2026 to 17.00 hrs of dt. 02.03.2026 |
| 8. | Last date/Time for receipt of bids in the portal | Dt. 02.03.2026 upto 17.00 hrs |
| 9. | Submission of Original documents (TP cost, EMD, Affidavit etc as per DTCN) | During office hours from dt. 05.03.2026 to dt. 06.03.2026 upto 17.00 hrs in the office of the undersigned. |
| 10. | Date of opening of Bid (Cover-I) through online | Dt. 07.03.2026 at 11.30 hrs in the office of the undersigned. |
| 11. | Name & address of the O.I.T (Officer Inviting tender) | Director of Physical Plants, OUAT, BBSR. |

Further details can be seen from the e-procurement portal https://tendersodisha.gov.in.
N.B. Subsequent corrigendum/addendum if required shall be available in the website as indicated above.

Sd./- Director of Physical Plants, OUAT, Bhubaneswar
OIPR-1001/1554/1/25-26/0003

OFFICE OF THE CHIEF CONSTRUCTION ENGINEER
BRUTANG & HADUA IRRIGATION PROJECT, DASPALLA
E-mail : ccebhip@gmail.com
No.137 Date : 11.02.2026

NOTICE INVITING TENDER

"e" Procurement Notice No.CCE-BHIP-05(01-05)/2025-26 Dt.11.02.2026
No.32001/98/2526 : Invites online percentage rate tender in double cover through e-procurement for execution of the Civil, PH & Electrical works.

| | | |
|---|---|---|
| 1 | Name of Works | 02 (Two) number of buildings work and 03 (Three) number of Road Work |
| 2 | Approximate Estimated cost | 1.26 Crores to Rs.3.17 Crore |
| 3 | Period of Completion | 11 (eleven) months |
| 4 | date and time of availability of bid document in the portal | From 11.00 hours of Dt.20.02.2026 to 17.00 hours of Dt.13.03.2026 |
| 5 | Last date/time for receipt of bids in the portal | 17.00 hours of Dt.13.03.2026 |
| 6 | Date of Opening of Technical Bid | 11:00 Hours of 16.03.2026 |
| 7 | Name and address of the Officer inviting Bid | Chief Construction Engineer, Brutang & Hadua Irrigation Project, Daspalla, Nayagarh-752084. e-mail id : ccebhip@gmail.com |

Further details can be seen from the e-Procurement portal of Odisha Government https://tendersodisha.gov.in. All information, notices, addendum, corrigendum, cancellation notice etc. if required, will be published in this portal.

Sd./- Chief Construction Engineer
Brutang & Hadua Irrigation Project,
OIPR-32001/32535/1/25-26/0001 Daspalla

MADHUSUDAN LAW UNIVERSITY, CUTTACK
(State University Established under the Odisha Universities Act, 1989)
Station Road, Cuttack, Odisha - 753003, Website: www.mlu.ac.in
Letter No. MLU/Estt./492/2026 Date: 13.02.2026

ADVERTISEMENT FOR THE RECRUITMENT OF TEACHING POSTS

No. 11001/17/2526: Applications are invited from eligible candidates for the filling up of following regular teaching posts of the University.

1. Professor : 06 Posts (Law)
2. Associate Professor : 12 Posts (Law) and
3. Assistant Professor : 32 Posts (24 for Law and 8 for Non-Law)

- Last date of submission of application and payment of application fee through online mode : 17th March, 2026 till 11.59 P.M.
- Last date for receiving the hard copy of application along with the attested copies of Testimonials to the University Office : 06th April, 2026 till 5.00 P.M.

After successfully applying online, the self-attested copies of all the required documents along with application form should reach the undersigned on or before last date as mentioned above.
Applications received after last date will not be considered.
For details visit the University website: www.mlu.ac.in
(Form shall be available online from 17th February, 2026)
Place: Cuttack Sd./- Registrar
Date: 14.02.2026 Madhusudan Law University, Cuttack
OIPR-11001/11051/1/25-26/0001

CHILIKA DEVELOPMENT AUTHORITY
PLOT NO. 493(P), PALASPALLI, POKHARIPUT ROAD, BHUBANESWAR-751020, ODISHA
Phone : 91-674-2591544, Fax : 91-674-2590485, Email : chilika@chilika.com
No.8001/70/2526 e-PROCUREMENT
Re-Tender Call Notice No.228/CDA/2026 Dt.11.02.2026

| | | |
|---|---|---|
| 01 | Name of the Work | Repair of R.C.C. Jetty at village Gabakunda |
| 02 | Estimated Cost | Rs.11,05,500.00 (Excluding GST) |
| 03 | Period of completion | 2 (Two) Calendar Months |
| 04 | Date & Time of availability of Bid Document in the portal | 14.02.2026 at 11.00 A.M. to 27.02.2026 upto 5.00 P.M. |
| 05 | Last Date/Time for submission of Bids in the portal | 27.02.2026 upto 5.00 P.M. |
| 06 | Date & Time of opening of Bids | 02.03.2026 at 11.30 A.M. in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020 |
| 07 | Name and Address of the Officer Inviting Tender (O.I.T) | Addl. Chief Executive, Chilika Development Authority, Odisha, Bhubaneswar, Plot No.493(P), Palaspalli, Pokhariput Road, Bhubaneswar-751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in".

Sd./- Addl. Chief Executive
OIPR-8001/8138/1/25-26/0001 Chillika Development Authority

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଆଶୁତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହଳଦିଆପଦର ଓଭରବ୍ରିଜ୍ ଦୁର୍ଘଟଣାର ତଥ୍ୟ ମାଗିଲେ ଡିଜିପି

ବ୍ରହ୍ମପୁର,୧୫।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ତଥା ଗୋସାଇଁନୂଆଗାଁ ନିକଟ ହଳଦିଆପଦର ଓଭରବ୍ରିଜରେ ଗତ ୧ତାରିଖରେ ଟ୍ରକ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀର ପ୍ରଦୀପ ଜାନୀ(୩୮)ଙ୍କୁ ଗିରଫ କରାଯାଇ ତାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଗୋସାଇଁ ନୂଆଗାଁ ଥାନା ବର୍ତ୍ତମାନ ଏହି ଦୁର୍ଘଟଣାର ତଦନ୍ତ କରୁଛି।

ତେବେ ଦୁର୍ଘଟଣା କେମିତି ଘଟିଲା, ପୋଲିସ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ବ୍ରହ୍ମପୁର ଏସ୍‌ପିଙ୍କୁ ତାହାର ବିସ୍ତୃତ ତଥ୍ୟ ମାଗିଛନ୍ତି।

ଡିଜିପି ଏସ୍‌ପିଙ୍କୁ କରିଥିବା ଚିଠିରୁ ଜଣାପଡିଛି ଯେ, ଗୋସାଇଁନୂଆଗାଁ ଥାନାଞ୍ଚଳରେ ଘଟଣା ଘଟିଥିଲେ ବି ଦୁର୍ଘଟଣା ଘଟିବା ଦିନ ମାମଲା ଟ୍ରାଫିକ ପୋଲିସ ନେଇଥିଲା। ଟ୍ରାଫିକ ପୋଲିସ ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ କ'ଣ ଆସିଛି, ପୋଲିସ ପକ୍ଷରୁ ସାଇଣ୍ଟିଫିକ ସାମ୍ପୁଲ କଲେକ୍ସନ ହୋଇଛି କି ନାହିଁ, ଏମ୍‌ଭିଆଇ ପକ୍ଷରୁ ଗାଡିର ଫିଟ୍‌ନେସ୍ ଯାଞ୍ଚ କରାଯାଇଛି କି ନାହିଁ, ଗାଡି କେତେଦୂର ଘୋଷାଡି ହୋଇଯାଇଛି ଏବଂ ଗାଡିର ଯେଉଁଠି ନଷ୍ଟ ହୋଇଛି ସେଠାର ରଙ୍ଗ କିଭଳି ରହିଛି। ଗାଡି ଭୁଲ ରୁଟ୍‌ରେ ଯାଉଥିଲା ନା ଠିକ୍ ରୁଟ୍‌ରେ ଯାଉଥିଲା, ଡ୍ରାଇଭରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ରସୁଲଗଡସ୍ଥିତ ଫରେନସିକ ଲାବୋରେଟୋରିକୁ ପଠାଯାଇଛି କି ନାହିଁ, ଯଦି ପଠାଯାଇଛି ତାହାର ରିପୋର୍ଟ କ'ଣ, ଡ୍ରାଇଭର ସେଦିନ କେଉଁ ନିଶା ପାନ କରିଥିଲେ, ଗାଡିର ମାଲିକ ଉକ୍ତ ଡ୍ରାଇଭରଙ୍କୁ ନିଯୁକ୍ତ କଲାବେଳେ କ'ଣସବୁ ପଚାରିଥିଲେ ତାହାର ବୟାନ ରେକର୍ଡ ହୋଇଛି କି ନାହିଁ, ଗୋସାଇଁନୂଆଗାଁ ଥାନା ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ କି ପ୍ରକାର ତଦନ୍ତ କରାଯାଇଛି, ଗାଡି ମାଲିକଙ୍କୁ ଥାନାକୁ ଡକାଯାଇ ପଚରାଯାଇଛି କି ନାହିଁ, ଡ୍ରାଇଭର ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲେ ବି ସେଥିରେ କେଉଁ ଧାରା ଲାଗିଛି, ଘଟଣା ପରେ ସମସ୍ତ ନିୟମକୁ ଅନୁପାଳନ କରାଯାଇଛି କି ନାହିଁ ସେ ସମସ୍ତ ବିଷୟରେ ଡିଜିପି ତଥ୍ୟ ମାଗିଛନ୍ତି। ଏହି ତଥ୍ୟ ଆସନ୍ତା ମାସରେ ସୁପ୍ରିମକୋର୍ଟରେ ଦାଖଲ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଉକ୍ତ ବ୍ରିଜର ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ଏକ ବୈଷୟିକ ଦଳ ଆସନ୍ତା ୧୬ ତାରିଖରେ ପରିଦର୍ଶନରେ ଆସିବ ବୋଲି ଜଣାପଡିଛି। ବ୍ରିଜର ନିର୍ମାଣ ଓ ଡିଜାଇନ ଉପରେ ସେମାନେ ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ୧୪ ଚକିଆ ଟ୍ରକ(ନଂ.ଓଡି ୦୭ ଜେଡ ୭୨୫୯)ଟି ହଳଦିଆପଦର ଓଭରବ୍ରିଜ୍‌ରେ ୩ଟି ବାଇକକୁ ସମ୍ମୁଖପଟୁ ଧକ୍କା ଦେବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଅନ୍ୟାନ୍ୟ ଅଧିକାରୀ ପରିଦର୍ଶନ କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ବ୍ରିଜରେ ୨୦୧୯ରୁ ଏ ପର୍ଯ୍ୟନ୍ତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୨୭ ଜଣ ଗୁରୁତର ହୋଇଛନ୍ତି। ବ୍ରିଜ ତ୍ରୁଟି ନେଇ ଅନେକ ଥର ରାଜପଥ ସୁରକ୍ଷା ବୈଠକରେ ଆଲୋଚନା ହୋଇଛି। ଏପରିକି ଜିଲାପାଳ, ପରିବହନ କମିଶନର ଓ ଅନ୍ୟାନ୍ୟ ବିଭାଗକୁ ଚିଠି କରାଯାଇଛି। ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଦୁର୍ଘଟଣା ସମ୍ପର୍କିତ ସମସ୍ତ ତଥ୍ୟ ପଠାଇ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

# ‘ଏକାମ୍ର ହେରିଟେଜ୍ ପ୍ରକଳ୍ପ’, ଶ୍ରେୟ ପାଇଁ ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୫।୨ (ରବିନାରାୟଣ ଜେନା)



ପୃଥ୍ୱୀରାଜ ହରିଚନ୍ଦନ



ଅଶୋକ ଚନ୍ଦ୍ର ପଣ୍ଡା

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାରିପାର୍ଶ୍ୱିକ ଉନ୍ନତୀକରଣ ତଥା ସୌନ୍ଦର୍ଯ୍ୟକରଣକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ମହାଶିବରାତ୍ରି ଜାଗର ଅବସରରେ ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପଛରେ କିଏ ଶ୍ରେୟ ନେବ ତାକୁ ନେଇ ଭାଜପା ଏବଂ ବିଜେଡି ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଛି।

ଆଇନ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିନ୍ଦୁ ସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରାଯିବ। ଆସନ୍ତା ଆର୍ଥିକବର୍ଷ ଅର୍ଥାତ ୨୦୨୬-୨୭ ଶେଷ ସୁଦ୍ଧା ଏକାମ୍ର ହେରିଟେଜ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ସେ ଆହୁରି ମଧ୍ୟ କହିଛନ୍ତି, ଏହି ପ୍ରକଳ୍ପ ଅନ୍ତର୍ଗତ ନୂଆ କରି ଏକ ଇଣ୍ଟରପ୍ରିଟେସନ ସେଣ୍ଟର କରାଯିବାର ପ୍ରସ୍ତାବ ଅଛି, ଯାହା ପାର୍କିଂ ସେଣ୍ଟରର ଶେଷ ଭାଗରେ ରହିବ। ସେଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ମନ୍ତ୍ରୀ କହିଛନ୍ତି, ଯେହେତୁ ଏହି ଦୁଇଟି ନୂତନ ପ୍ରକଳ୍ପ ମିଶିଛି, ବଜେଟ ପରିମାଣ ଆହୁରି ବଢ଼ିବ। ଯେଉଁ ପୁରୁଣା ଏଜେନ୍‌ସି କାମ କରୁଥିଲା ସେ କରିବାକୁ ଚାହିଁଲା ନାହିଁ। ତେଣୁ ଏକ ନୂଆ ଏଜେନ୍‌ସି ଏହି କାମ କରିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ କହିଛନ୍ତି।

ମନ୍ତ୍ରୀ ପୃଥ୍ୱୀରାଜଙ୍କ ହେରିଟେଜ୍ ପ୍ରକଳ୍ପ ବିବୃତିକୁ ନେଇ ପୂର୍ବତନମନ୍ତ୍ରୀ ତଥା ବିଜେଡି ଭୁବନେଶ୍ୱର ଜିଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା କାଉଣ୍ଟର କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଖାଲି ପୂର୍ବର ୨୪ବର୍ଷର ସରକାରକୁ ବିରୋଧ କରିବେ ବୋଲି ଯାହା କିଛି କହିବେ ତାହା ଠିକ୍ ନୁହେଁ, ନଥି ପତ୍ର ଦେଖନ୍ତୁ। ପୂର୍ବ ସରକାରରେ ଲିଙ୍ଗରାଜ ମନ୍ଦିର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏକାମ୍ର ପ୍ରକଳ୍ପରେ ବ୍ୟାଖ୍ୟାନ କେନ୍ଦ୍ରକୁ ଯୋଡ଼ା ଯାଇଥିଲା। ବିନ୍ଦୁସାଗର ଉନ୍ନତୀକରଣ ହେଉଛି ପୂର୍ବ ସରକାରଙ୍କ ପ୍ରସ୍ତାବିତ ପ୍ରକଳ୍ପ। ଆଇନମନ୍ତ୍ରୀଙ୍କ ବୟାନ ତଥ୍ୟ ସମ୍ବଳିତ ନୁହେଁ ବୋଲି ଅଶୋକ କହିଛନ୍ତି। ତେବେ ବିନ୍ଦୁସାଗର ପୁଷ୍କରିଣୀକୁ ହେରିଟେଜ୍ ହ୍ରଦରେ ପରିଣତ କରିବା ପ୍ରସଙ୍ଗରେ ଆଇନମନ୍ତ୍ରୀଙ୍କ ବକ୍ତବ୍ୟ ଏବଂ ଅଶୋକଙ୍କ କାଉଣ୍ଟରକୁ ନେଇ ଏବେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

# କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ପରଲୋକ



କଟକ,୧୫।୨ (କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ରବିବାର ସନ୍ଧ୍ୟା ପ୍ରାୟ ୬ଟା ୧୮ ମିନିଟ୍ ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

ସୂଚନାନୁସାରେ, ସ୍ୱର୍ଗତା ପଟ୍ଟନାୟକ ଭୁବନେଶ୍ୱରର ଏକ ସାରସ୍ୱତ କାର୍ଯ୍ୟକ୍ରମରେ ଗତ ୧୨ ତାରିଖ ସନ୍ଧ୍ୟାରେ ଯୋଗଦେଇଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ସେଦିନ ରାତି ପ୍ରାୟ ଗୋଟାଏରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୩ଟା ସମୟରେ ସେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସେଠାରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ତାଙ୍କର ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଥିଲା। ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରି ସଙ୍ଗୀତର ଯାଦୁରେ ସଙ୍ଗୀତପ୍ରେମୀଙ୍କ ମନ ଜିଣିପାରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଯାଯାବରର ଗୀତ ଫୁର୍ କିନା ଉଡ଼ିଗଲା ବଣି, ଦନେଇ ଦାସ କହେରେ ଭାଇ, ଅଖୀ ତୃତୀୟା ଚଳଚ୍ଚିତ୍ରର ଏଇ ତାରାଭରା ଜହ୍ନ ରାତି, ପ୍ରଥମେ ବନ୍ଧିଲି ବାଟ ମଙ୍ଗଳା, ନାଗ ଫାଶ ଚଳଚ୍ଚିତ୍ରର ବଡ଼ ବେଦରଦୀ ମୋ ନାଲିପାନ ରାଜା, ମଥୁରା ବିଜୟ ଚଳଚ୍ଚିତ୍ରର ଆରେ ବାବୁ ଶ୍ୟାମଘନ ସମେତ ତାଙ୍କ ସଙ୍ଗୀତ ଯାତ୍ରାର ଗୋଟିଏ ଲେଖାଏ ମାଇଲଖୁଣ୍ଟ ହୋଇରହିଛି। ତାଙ୍କ ପରଲୋକ ଖବର ପାଇ ବହୁବିଶିଷ୍ଟ ବ୍ୟକ୍ତିତାଙ୍କ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

## ହୀରାକୁଦ ହାଫ୍ ମାରାଥନ

# ଦୌଡ଼ିଲେ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ





ହୀରାକୁଦ ମାରାଥନରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

ସମ୍ବଲପୁର,୧୫।୨ (ପ୍ରମୋଦ ବହିଦାର)

ମହାନଦୀ କୋଲ୍ ଫିଲ୍ଡ୍ସ ଲିମିଟେଡ୍(ଏମ୍‌ସିଏଲ୍) ଓ ସମ୍ବଲପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ରବିବାର ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ଆୟୋଜିତ ହୋଇଯାଇଛି। ହୀରାକୁଦ ବନ୍ଧର ବାମ ଡାଇକ୍‌ରେ ଆୟୋଜିତ ମାରାଥନକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ପ୍ରଧାନ କହିଥିଲେ, ୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସର ଅୟମାରମ୍ଭ ହୋଇଛି। ଏଥିସହ ହୀରାକୁଦର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ କ୍ଷେତ୍ର ସହିତ ଜିଲାର ଅନ୍ୟ ପର୍ଯ୍ୟଟନସ୍ଥଳୀ, ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସମ୍ବଲପୁରର ଏକ ନୂଆ ପରିଚୟ ସୃଷ୍ଟି ଏହି ମାରାଥର ମୂଳ ଲକ୍ଷ୍ୟ। ସମ୍ବଲପୁରର କ୍ରୀଡ଼ା ସଂସ୍କୃତି ଓ ଖେଳୁଆଡ଼ ମନୋବୃତ୍ତିକୁ ଉତ୍ସାହିତ କରିବା ପାଇଁ ଆଗାମୀ ଦିନରେ ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ପ୍ରତିବର୍ଷ ଆୟୋଜନ କରାଯିବ। ତେବେ ଏଥିରେ କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ବରଂ ଇଥିଓପିଆ ଓ ନାଇଜେରିଆ ଭଳି ଦେଶର ଦୌଡ଼ାଳିମାନେ ଯୋଗଦେଇଛନ୍ତି। ଏଥିପାଇଁ ସେ ମାରାଥନର ଆୟୋଜକ ଏମ୍‌ସିଏଲ୍, ଜିଲା ପ୍ରଶାସନ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ୍ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ରଖି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଏହି ମାରାଥନ ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫିଟ୍ ଓଡ଼ିଶା ଅଭିଯାନକୁ ଏକ ନୂଆ ଗତି ପ୍ରଦାନ କରିଛି ବୋଲି କହିଥିଲେ।

ପରେ ଆୟୋଜିତ ମାରାଥନରେ ଓଡ଼ିଶା ସହ ଭାରତର ବିଭିନ୍ନ ରାଜ୍ୟ ଏବଂ ଇଥିଓପିଆ, ନାଇଜେରିଆ, କେନିଆ, ଶ୍ରୀଲଙ୍କା, ନେପାଳ, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଓ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ୧୦ହଜାରରୁ ଊର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସାମିଲ ହୋଇ ଉତ୍ସାହିତ କରିଥିଲେ। ମାରାଥନ ତିନୋଟି ବର୍ଗ ଓ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରେ ୨୧ କିଲୋମିଟର୍, ୧୦ କିଲୋମିଟର ଓ ୫ କିଲୋମିଟର ଆଦି ବର୍ଗରେ ଦୌଡ଼ାଳିମାନେ ଭାଗ ନେଇଥିଲେ। ବିଜେତାମାନଙ୍କୁ ମୋଟ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେଥିମଧ୍ୟରେ ପ୍ରତିବର୍ଗରୁ ୫ଜଣ ମହିଳା ଓ ୫ଜଣ ପୁରୁଷଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫ଲକ୍ଷ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୪ଲକ୍ଷ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୩ ଲକ୍ଷ, ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ବିଜୟୀ ପ୍ରତିଯୋଗୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଉଲେଙ୍କ ସମେତ ପଦ୍ମଶ୍ରୀ ବିଜେତା, ଜିଲାର ଅନେକ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ।

# ଗୋଟିଏ ଦିନରେ ୪୭ ଟ୍ରେନ୍‌ରୁ ତାପଜ କୋଇଲା ଖଲାସ ରେକର୍ଡ



ଯାନ୍ତ୍ରିକୀକରଣ ବ୍ୟବସ୍ଥାରେ ପାରାଦୀପ ବନ୍ଦରକୁ ଆସିଥିବା ଟ୍ରେନ୍‌ରୁ ପଣ୍ୟ ଖଲାସ କରାଯାଉଛି।

## ପାରାଦୀପ ବନ୍ଦର

ପାରାଦୀପ,୧୫।୨ (ଶରତ ରାଉତ)

ପାରାଦୀପ ବନ୍ଦର ଚଳିତ ବର୍ଷ ଶନିବାର ଗୋଟିଏ ଦିନରେ ଟ୍ରେନ୍‌ରୁ ରେକର୍ଡ ପଣ୍ୟ ଖଲାସ କରିଛି। ରପ୍ତାନି ହେବାକୁ ପାରାଦୀପ ବନ୍ଦର ଆସିଥିବା ୪୭ଟି ଟ୍ରେନ୍‌ରୁ (ରେକ)ତାପଜ କୋଇଲା ଖଲାସ କରାଯାଇଛି। ଏହା ଦେଶର ଯେକୌଣସି ବୃହତ ବନ୍ଦର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ବଗି ଓପନ ବଟମ୍ ରାପିଡ୍ ଡିସଚାର୍ଜ ପଦ୍ଧତିରେ ଏହି କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ଟ୍ରେନ୍‌ରୁ ପଣ୍ୟ ଖଲାସ ବୋଝେଇ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏହି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଉକ୍ତ ଟ୍ରେନ ଖଲାସ ପଦ୍ଧତିରେ ସାମିଲ ସମସ୍ତ ସହଭାଗୀ ସଂସ୍ଥା, କର୍ମଚାରୀ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶିବ ଦର୍ଶନ ପରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

ନାକଟିଦେଉଳ, ୧୫।୨(ବୈକୁଣ୍ଠନାଥ ସାହୁ)

ପବିତ୍ର ଶିବରାତ୍ରି ହେଲା ଶ୍ରଦ୍ଧାଳୁଙ୍କ ଶେଷରାତ୍ରି। ଶିବରାତ୍ରି ଅବସରରେ ମହାଦେବଙ୍କୁ ଦର୍ଶନ କରି ବାହାରକୁ ବାହାରିବା ପରେ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ। ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ଅଞ୍ଚଳରେ। ମୃତ ଶ୍ରଦ୍ଧାଳୁ ସମ୍ବଲପୁର ହୀରାକୁଦ କଲୋନୀର ବାସିନ୍ଦା ଅନିଲ ମିଶ୍ର(୬୦)। ମହାଶିବରାତ୍ରି ପାଇଁ ଅନିଲ ନାକଟିଦେଉଳ ବ୍ଲକ ଅନ୍ତର୍ଗତ କୁଞ୍ଜାମୁରାସ୍ଥିତ ଶୈବପୀଠ ବାବା ବିନ୍ଧେଶ୍ୱର ଶିବମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ। ପୂଜାର୍ଚ୍ଚନା ପରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପରିବାର ସହ ମନ୍ଦିରରୁ ବାହାରକୁ ଆସିବା ପରେ ହଠାତ ଅନୀଲ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।





All types of physiotherapy and massage contact 9556924059/ 7656969134. D-3339

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before the Executive Magistrate, Jatni, vide affidavit No.- 424, dtd.- 23.12.25, I, Tuni Pradhan, W/o.- Late Bagha @ Bagha Pradhan, R/o. Village- Tirimal, P.S.- Jatni, Dist.- Khordha, Odisha declare that Bagha and Bagha Pradhan refer to one and the same person (my deceased husband). I further declare that my correct date of birth is 06.07.1948, the DOB 01.01.1955 mentioned in Aadhaar is incorrect and my actual name as per my deceased husband's P.P.O book bearing No.- 20037310200284 is recorded as Tuni Pradhan. This notice is issued for all official purposes. D-3400

I, Narayan Nayak, S/o.- Late Ananda Pattnaik, Resident of Ward No.16, Block Colony, P.O./P.S.- Kabisuryanagar, Ganjam, 761104, Odisha declare by this affidavit Sl. No. 4, Dtd.- 12.12.2005 that I have changed my surname from Narayan Nayak to Narayan Pattnaik. Henceforth, I shall be known as Narayan Pattnaik for all future purposes. D-3397

By virtue of an affidavit sworn before the Executive Magistrate, Sohela, date 11.02.2026, I, Saroj Kumar Nayak, R/o. At/P.O./P.S.- Sohela, Dist.- Bargarh, Odisha, PIN- 768033 declare that I have changed the name of my son from Chandan Naik, S/o.- Saroj Naik to Chandan Nayak, S/o.- Saroj Kumar Nayak for all purposes.
Saroj Kumar Nayak D-3396

I, Anil Kumar Sodavarapu, S/o.- Sudhakararao, resident of Bhavani talkies street, P.O./P.S.- Paralakhemundi, Dist.- Gajapati, PIN- 761200, Odisha declare by this affidavit No. A28 dtd.- 14.02.2026 that now onwards I shall be known as Anil Kumar Sodavarapu, S/o.- Sudhakara Rao Sodavarapu for all future purpose. D-3395

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ କବିରାଜ ପ୍ରଭାତ କୁମାର କର
ସ୍ୱର୍ଣ୍ଣନିଳୟ ବାସଭବନ, ବାଲିଅନ୍ତା (ପାଟଣା)
ଆବିର୍ଭାବ- ୧୫।୦୫।୧୯୪୭
ତିରୋଧାନ- ୨୬।୦୨।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ସୁଧିରଞ୍ଜନ (ଗୁଲୁ), ପୁତ୍ରବଧୂ, ଝିଅ-ଜ୍ୱାଇଁ, ଭଣଜା, ନାତୁଣୀ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୨୪୯

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଦ୍ମନାଭ ରଥ
ନବକଳେବର ରୋଡ, ପୁରୀ
ଆବିର୍ଭାବ : ୧୮।୦୧।୧୯୪୬
ତିରୋଧାନ : ୦୭।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଆପଣଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୫୯୭

# ଗ୍ରହାଣୁରୁ ଖଣିଜ ଉତ୍ତୋଳନ



ଇଂ.ମାୟାଧର ସ୍ୱାଇଁ

"ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।"

ସୌରଜଗତର ମଙ୍ଗଳ ଏବଂ ବୃହସ୍ପତି ଗ୍ରହ କକ୍ଷ ମଝିରେ ଅନେକ କ୍ଷୁଦ୍ର ବସ୍ତୁପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି। ଏଗୁଡ଼ିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ଯେଉଁ ଅଞ୍ଚଳରେ ଏଗୁଡ଼ିକ ସୂର୍ଯ୍ୟକୁ ପରିକ୍ରମଣ କରିଥାଆନ୍ତି, ତାକୁ ଗ୍ରହାଣୁ ବଳୟ କୁହାଯାଏ। ଯେଉଁ ଆଦିବସ୍ତୁରୁ ସୂର୍ଯ୍ୟ, ଗ୍ରହ, ଉପଗ୍ରହଗୁଡିକ ସୃଷ୍ଟି ହୋଇଛି, ସେଥିରୁ ଗ୍ରହାଣୁଗୁଡିକୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। କେତେକ ଜ୍ୟୋତିର୍ବିଦ ମତ ଦେଇଥାଆନ୍ତି ଯେ ପୂର୍ବରୁ ଏହି ଅଞ୍ଚଳରେ ଗୋଟିଏ ଗ୍ରହ ଥିଲା ଏବଂ କୌଣସି କାରଣରୁ ଏହା ଭାଙ୍ଗି ଯାଇ ଅନେକ ଖଣ୍ଡରେ ପରିଣତ ହୋଇଛି। ଏଗୁଡିକର ସଂଖ୍ୟା ହେଉଛି ଅନେକ ଏବଂ ଏକ କିମି ବ୍ୟାସରୁ ବଡ଼ ଗ୍ରହାଣୁ ସଂଖ୍ୟା ଦଶ ଲକ୍ଷରୁ ଅଧିକ ହେବ।

ଗ୍ରହାଣୁଗୁଡ଼ିକ ବର୍ତ୍ତମାନ ବୈଜ୍ଞାନିକମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଏକ ମୁଖ୍ୟ କାରଣ ହେଉଛି ଏଥିରେ ଥିବା ଖଣିଜ ସମ୍ପଦ। ବର୍ଣ୍ଣାଳି ଅଭିଲକ୍ଷଣରୁ ଗ୍ରହାଣୁଗୁଡିକୁ ତିନୋଟି ଶ୍ରେଣୀରେ ବର୍ଗୀକରଣ କରାଯାଇଛି। ଅଧିକ କାର୍ବନ ଥିବା ଗ୍ରହାଣୁକୁ 'ସି' (କାର୍ବନ), ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏମ୍' (ମେଟାଲ୍) ଏବଂ ଅଧିକ ଧାତୁ ଥିବା ଗ୍ରହାଣୁକୁ 'ଏସ୍' (ସିଲକା) କୁହାଯାଏ। ଗ୍ରହାଣୁଗୁଡ଼ିକରୁ ଆସି ପୃଥିବୀରେ ପଡ଼ିଥିବା କେତେକ ଉଲ୍କାପିଣ୍ଡକୁ ପରୀକ୍ଷା କରି ବୈଜ୍ଞାନିକମାନେ ସେଥିରେ କେତେକ ମୂଲ୍ୟବାନ ଖଣିଜ ପଦାର୍ଥ ଥିବାର ଜାଣି ପାରିଛନ୍ତି। ପୁନଶ୍ଚ ବୈଜ୍ଞାନିକମାନେ ଟେଲିସ୍କୋପିକ୍ ସ୍ପେକ୍ଟ୍ରୋସ୍କୋପି ବା ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ବିଜ୍ଞାନ ପଦ୍ଧତି ସାହାଯ୍ୟରେ ଗ୍ରହାଣୁପୃଷ୍ଠରୁ ପ୍ରତିଫଳିତ ଆଲୋକର ବିଶ୍ଳେଷଣ କରି ସେଠାରେ



ଥିବା ଧାତବ ଉପାଦାନଗୁଡ଼ିକୁ ଚିହ୍ନଟ କରିଛନ୍ତି। ଖଣିଜ ମଧ୍ୟରେ ଲୌହ, ନିକେଲ, ମ୍ୟାଗ୍ନେସିୟମ ଏବଂ ଏପରିକି ସୁନା ଓ ପ୍ଲାଟିନମ୍ ଭଳି ଅତ୍ୟନ୍ତ ମୂଲ୍ୟବାନ ଧାତୁ ଅନ୍ତର୍ଗତ।

ଭବିଷ୍ୟତରେ ଅନେକ ଗଭୀର ମହାକାଶ ଅଭିଯାନ ଯୋଜନା କରାଯାଇଛି। ମହାକାଶଚାରୀମାନେ ମଙ୍ଗଳ ଓ କେତୋଟି ଉପଗ୍ରହରେ ଅବତରଣ କରିବା ପାଇଁ ଯୋଜନା କରିଛନ୍ତି। ଏହିସବୁ ଅଭିଯାନ ପାଇଁ ପୃଥିବୀପୃଷ୍ଠରୁ ବିଭିନ୍ନ ବସ୍ତୁ ଉତ୍ତୋଳନ କରିବାରେ ଅନେକ ଜଟିଳତା ଅଛି। ଏଣୁ ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରି ତାକୁ ମହାକାଶ ଅଭିଯାନରେ ବ୍ୟବହାର କରିବା ପାଇଁ ବୈଜ୍ଞାନିକମାନେ ଚିନ୍ତା କରିଛନ୍ତି। ପୁନଶ୍ଚ ସୁନା ଓ ପ୍ଲାଟିନମ୍ ଧାତୁକୁ ପୃଥିବୀକୁ ଆଣିବା ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବ।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ କରିବା ପାଇଁ ମହାକାଶ ବିଜ୍ଞାନ କେତେଗୁଡ଼ିଏ ପ୍ରଯୁକ୍ତି ବିଦ୍ୟାକୁ ପ୍ରମାଣ କରିସାରିଛି। ଅନେକ ଅଭିଯାନରେ କେତୋଟି ଗ୍ରହାଣୁରେ ମହାକାଶଯାନ ଅବତରଣ କରିଛି। ଆମେରିକାର ମହାକାଶ ସଂସ୍ଥା 'ନାସା' ପଠାଇଥିବା ନିୟର-ସୁମେକେର ଯାନ ଇରୋସ ଗ୍ରହାଣୁ କକ୍ଷରେ ପରିକ୍ରମଣ କରିବା ପରେ ୨୦୦୧ ମସିହାରେ ଏହା ପୃଷ୍ଠରେ ଅବତରଣ କରିଥିଲା। ଜାପାନର ହୟାବୁସା ଯାନ ୨୦୦୫ ମସିହାରେ ଇତୋକାୱା ନାମକ ଗ୍ରହାଣୁରେ ଅବତରଣ କରି ସେଥିରୁ ନମୁନା ସଂଗ୍ରହ କରିଥିଲା ଏବଂ ୨୦୧୦ ମସିହାରେ ଏହାକୁ ନେଇ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୟୁରୋପୀୟ ମହାକାଶ ସଂସ୍ଥାର ଫିଲେ ଯାନ ୨୦୧୪ ମସିହାରେ ଚୁର୍ୟୁମୋଭ-ଗେରାସିମେଙ୍କୋ ଧୂମକେତୁରେ ଅବତରଣ କରିଥିଲା। ଜାପାନର ହୟାବୁସା-୨ଯାନ ର୍ୟୁଗୁ ଗ୍ରହାଣୁ ପୃଷ୍ଠରେ ଦୁଇଟି ପ୍ରୋବ୍ ଅବତରଣ କରାଇଥିଲା ଏବଂ ସେଠାରୁ ନମୁନା ନେଇ ୨୦୨୦ ମସିହାରେ ଫେରିଥିଲା। 'ନାସା'ର ଓସିରିସ୍-ରେକ୍ସ ଯାନ ୨୦୨୦ ମସିହାରେ ବେନୁ ଗ୍ରହାଣୁରେ ଅବତରଣ କରି ସେଠାରୁ ୨୦୨୩ ମସିହାରେ ପୃଥିବୀକୁ ନମୁନା ଆଣିଥିଲା ଏବଂ ଏହାପରେ ଏହା ଅନ୍ୟ ଏକ ଗ୍ରହାଣୁ ଆପୋଫିସ୍ ଅଭିମୁଖେ ବର୍ତ୍ତମାନ ଗତି କରୁଛି। ଚାଇନାର ତିଆନୱେନ୍ -୨ ଯାନକୁ କାମୁଏଲେୱା ଗ୍ରହାଣୁ ଅଭିମୁଖେ ୨୦୨୫ ମସିହା ମେ' ମାସରେ ଉତ୍କ୍ଷେପଣ କରାଯାଇଛି। ଏହା ୨୦୨୭ ମସିହାରେ ସେଠାରୁ ନମୁନା ନେଇ ଫେରିବ। ପୃଥିବୀପୃଷ୍ଠରେ ନମୁନାକୁ ପକାଇ ଏହା ପୁନଶ୍ଚ ଧୂମକେତୁ ପାନ୍ଷ୍ଟାର୍ସ ଅଭିମୁଖେ ଗତି କରିବ।

'ନାସା'ର ଡାର୍ଟ ଅଭିଯାନରେ ୨୦୨୨ ମସିହାରେ ଏକ ଯାନକୁ ଉଦ୍ଦେଶ୍ୟମୂଳକ ଭାବରେ ଡିମୋଫୋର୍ସ୍ ଗ୍ରହାଣୁ ସହିତ ସଂଘର୍ଷ କରାଯାଇଥିଲା। ପୃଥିବୀ ସହିତ ଗୋଟିଏ ଗ୍ରହାଣୁ ସଂଘର୍ଷ କରିବାକୁ ଆସିଲେ ତାକୁ କିପରି ପଥଚ୍ୟୁତ କରାଯାଇପାରିବ, ତାହାର ଏକ ପରୀକ୍ଷା ଡାର୍ଟ ଅଭିଯାନ ଥିଲା। ଖଣିଜ ସମ୍ପଦ ଉତ୍ତୋଳନର ଅନ୍ୟ ଏକ ପ୍ରୟୋଗ ହେଉଛି ପୃଥିବୀକୁ ସୁରକ୍ଷା ଦେବା ପାଇଁ ପ୍ରଯୁକ୍ତିବିଦ୍ୟାର ବିକାଶ କରିବା। ଏହାଫଳରେ ପୃଥିବୀ ଆଡକୁ ଆସୁଥିବା ଗ୍ରହାଣୁକୁ ଧରି ତାକୁ ଚନ୍ଦ୍ର କକ୍ଷରେ ଅବସ୍ଥାପନ କରି ଅଧ୍ୟୟନ କରିହେବ।

ନିକଟରେ ସ୍ପେନର ବାର୍ସିଲୋନା ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଦଳ କେତୋଟି ଉଲ୍କାପିଣ୍ଡରୁ କାର୍ବୋନିୟସ୍ କୋଣ୍ଡ୍ରାଇଟ୍ସ ନମୁନା ଆବିଷ୍କାର କରି ଅଧ୍ୟୟନରୁ ଜାଣିପାରିଛନ୍ତି ଯେ, ଏଗୁଡିକ 'ସି' ପ୍ରକାର ଗ୍ରହାଣୁରୁ ଆସିଛି। ଏଥିରୁ ସେମାନେ ଅନୁମାନ କରିଛନ୍ତି ଯେ, ଏହି ପ୍ରକାର ଗ୍ରହାଣୁରେ ବିଭିନ୍ନ ପ୍ରକାର ଖଣିଜ ସମ୍ପଦ ଅଛି। ସେମାନେ ସେମାନଙ୍କର ନିଷ୍କର୍ଷକୁ ରୟାଲ ଆଷ୍ଟ୍ରୋନୋମିକାଲ ସୋସାଇଟିର ପତ୍ରିକାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପ୍ରାୟ ୭୫ ପ୍ରତିଶତ ଗ୍ରହାଣୁ ହେଉଛି 'ସି' ଶ୍ରେଣୀର।

ଖଣିଜ ସମ୍ପଦ ସନ୍ଧାନ ଓ ଉତ୍ତୋଳନ ପାଇଁ ଉପଯୁକ୍ତ ଗ୍ରହାଣୁ ଚୟନ ହେଉଛି ଜରୁରୀ। କାରଣ ପ୍ରତ୍ୟେକ ଗ୍ରହାଣୁରେ ଆମର ବାଞ୍ଛିତ ଖଣିଜ ନାହିଁ। ଏଥିପାଇଁ ଯାନ ସାହାଯ୍ୟରେ ପ୍ରଥମେ ସେଠାରୁ ନମୁନା ଆଣି ପରୀକ୍ଷା କରାଯିବା ସହିତ ଦୂରବୀକ୍ଷଣୀୟ ବର୍ଣ୍ଣାଳୀ ପଦ୍ଧତି ବ୍ୟବହାର କରି ରାସାୟନିକ ବିଶ୍ଳେଷଣ କରାଯିବା ଆବଶ୍ୟକ। ପୁନଶ୍ଚ ଗ୍ରହାଣରୁ ଖଣିଜ ଉତ୍ତୋଳନ କରିବା ଓ ସଂଗ୍ରହ କରି ଆଣିବାର କାରିଗରି ବିଦ୍ୟାର ବିକାଶ ଜରୁରୀ। ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ମଧ୍ୟ ଏକ ମୁଖ୍ୟ ବିଷୟ। ଗ୍ରହାଣୁ ପୃଷ୍ଠରେ ସେଥିରୁ ଧାତୁକୁ ନିଷ୍କାସନ କରି କେବଳ ଧାତୁକୁ ଆଣିବା ଏବଂ ଅବଶେଷକୁ ସେଠାରେ ଛାଡିଦେଇ ଆସିବା ସୁବିଧାଜନକ ହେବ। ଗ୍ରହାଣୁରୁ ଖଣିଜ ସମ୍ପଦ ଆଣିବାରେ ମହାକାଶ ଅଭିଯାନର ଖର୍ଚ୍ଚ ବହୁଳତା, ଖଣିଜ ସମ୍ପଦ ଥିବା ଗ୍ରହାଣୁର ଠିକ୍ ଚୟନ ଏବଂ ମହାକାଶୀୟ ପରିବେଶରେ ଖଣିଜ ଉତ୍ତୋଳନ ଆଦି ଅନେକ ଆହ୍ୱାନମୂଳକ ସମସ୍ୟା ରହିଛି।

ଗ୍ରହାଣୁରୁ ଖଣିଜ ଉତ୍ତୋଳନ ଯୋଜନା ବର୍ତ୍ତମାନ ପ୍ରାରମ୍ଭିକ ସ୍ତରରେ ଅଛି। ଯଦିଓ ଅନେକ ବର୍ଷ ପୂର୍ବରୁ ଏହା ଚିନ୍ତା କରାଯାଇଛି ଏବଂ କେତୋଟି ମହାକାଶ ଅଭିଯାନରେ ଏସବୁ ସଂଶ୍ଳିଷ୍ଟ କରାଯାଇଛି, ଏହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହୁରି ଅନେକ ବର୍ଷ ଲାଗିଯାଇପାରେ।

-ସମ୍ପାଦକ, ସାଇନ୍ସ ହୋରିଜନ୍
୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

## ଉପକାରୀ ମିଶ୍ରି




ମିଶ୍ରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଏବଂ ଆମିନୋ ଏସିଡ ରହିଛି। ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଉଛି ତେବେ ତେଜପତ୍ର ଏବଂ ଅଦା ମିଶ୍ରିତ ପାଣିରେ କିଛି ମିଶ୍ରି ପକାଇ ତାହାକୁ ଫୁଟାଇ ପିଅନ୍ତୁ। ଆମ ଶରୀରରେ ହିମୋଗ୍ଲୋବିନ ସ୍ତର ସନ୍ତୁଳିତ ରହିବା ନିହାତି ଜରୁରୀ। ନିୟମିତ ମିଶ୍ରି ଖାଇଲେ ଏହି ସ୍ତର କତେକାଂଶରେ ଠିକ୍ ରହିଥାଏ। ମିଶ୍ରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହା ହଜମ ପ୍ରକ୍ରିୟାକୁ ଆହୁରି ଦୃଢ଼ କରିଥାଏ। ଏହା ସହିତ କିଛି ପାନମଧୁରୀ ମିଶାଇ ଖାଇପାରନ୍ତି। ଆପଣଙ୍କର ଲୋ ବ୍ଲଡପ୍ରେସର ସମସ୍ୟା ଅଛି କି ? ଯଦି ହଁ, ତେବେ ନିୟମିତ ମିଶ୍ରି ଖାଇଲେ ତାହା ଏହାକୁ ନିୟନ୍ତ୍ରଣରେ ରଖିଥାଏ। ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକା ଲାଗୁଥିଲେ ଏଥିରୁ ମୁକୁଳିବା ପାଇଁ ମିଶ୍ରି କେତେକାଂଶରେ ସାହାଯ୍ୟ କରିଥାଏ। ଏଥିଲାଗି ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ମିଶ୍ରି ମିଶାଇ ତାହାକୁ ପିଅନ୍ତୁ। ଏହା ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ଏକ ଖାସ୍ କଥା ହେଲା ନିୟମିତ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟା କେତେକାଂଶରେ କମ୍ ରହିଥାଏ।

## ଆଲଜିମର୍ସ ସମସ୍ୟା ଥିଲେ...



ଆଲଜିମର୍ସ ରୋଗ ପ୍ରାୟ ୫୦ ବର୍ଷ ବୟସ ପରେ ପ୍ରକାଶ ପାଇଥାଏ। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମିଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ ଛିନ୍ନ ହୋଇଯାଏ। ଏହାଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ ବାଧାପ୍ରାପ୍ତ ହୋଇଥାଏ। ତେବେ ମସ୍ତିଷ୍କର ସବୁ ଅଞ୍ଚଳରେ ଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ଦେଖାଯାଇଥାଏ। ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ରୋଗୀ ଅନେକ କଥା ସହଜରେ ମନେ ପକେଇ ପାରେନି। ଘର ଛାଡି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ।

## ଥାଲାସିମିଆ ରୋଗର ଚିକିତ୍ସା



ଥାଲାସିମିଆ ମେଜର ବା ବିଟା ଥାଲାସିମିଆ ରୋଗୀଙ୍କୁ ବାରମ୍ବାର ରକ୍ତ ଦେବାକୁ ପଡେ। ବାରମ୍ବାର ରକ୍ତ ନେବା ଫଳରେ ରୋଗୀଙ୍କ ରକ୍ତରେ ଲୌହର ପରିମାଣ ବଢ଼ିଯାଇ ତାହା ଯକୃତ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ଇତ୍ୟାଦି ଅଙ୍ଗରେ ଜମିଯାଏ। ଫଳରେ ହୃଦ୍‌ରୋଗ ଓ ଡାଇବେଟିସ୍ ଇତ୍ୟାଦି ଆଶଙ୍କା ଅଧିକ ଥାଏ। ପ୍ଲୀହାର ଆକାର ବେଶି ବଢ଼ିଗଲେ ଓ ବାରମ୍ବାର ରକ୍ତ ନେବା ଦରକାର ପଡୁଥିଲେ ରୋଗୀର ପ୍ଲୀହାଟିକୁ କାଟି ବାହାର କରିଦିଆଯାଇଥାଏ। ଏହାବ୍ୟତୀତ ଅସ୍ଥିମଜ୍ଜା ପ୍ରତିରୋପଣ ବା ଷ୍ଟେମ୍ ସେଲ୍ ପ୍ରତିରୋପଣ ମଧ୍ୟ କରାଯାଇଥାଏ। ଥାଲାସିମିଆ ଏକ ବଂଶଗତ ରୋଗ ହୋଇଥିଲେ ମଧ୍ୟ ଏହାର ନିବାରଣ ସମ୍ଭବ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଥାଲାସିମିଆ ଟ୍ରିଟ୍ ହୋଇଥିଲେ ଏବଂ ସ୍ତ୍ରୀ ଗର୍ଭବତୀ ହେଲେ ଗର୍ଭ ହେବାର ଅଢ଼େଇରୁ ତିନି ମାସ ଭିତରେ ଗର୍ଭସ୍ଥ ଭ୍ରୂଣଠାରୁ ରକ୍ତ ସଂଗ୍ରହ କରି କିମ୍ବା ଗର୍ଭାଶୟରୁ ସଂଗୃହୀତ ଜଳରୁ ଜୀବକୋଷ ସଂଗ୍ରହ କରି ତାହାର ଜିନ୍ ପରୀକ୍ଷା କରାଯାଇଥାଏ। ଥାଲାସିମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ। ତେବେ ଥାଲାସିମିଆ ରୋଗଟି ସମ୍ବନ୍ଧରେ ଜନସଚେତନା ବୃଦ୍ଧିର ଆବଶ୍ୟକତା ରହିଛି।

## ସୁସ୍ଥ ହୃତ୍‌ପିଣ୍ଡ ଓ ରକ୍ତଚାପ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ହେଉଛି ହୃତ୍‌ପିଣ୍ଡ। ଏହା ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଏହାର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଥାଏ।

## ଜାଣିରଖନ୍ତୁ

ଶରୀରକୁ ସୁସ୍ଥ ରଖିବାକୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ନଜର ଦେବାକୁ ପଡିଥାଏ। ପ୍ରଥମ ହେଲା, ଖାଦ୍ୟପେୟ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଆଉ ଏକ କଥା ହେଲା ଏକ ନିୟନ୍ତ୍ରିତ ଜୀବନଶୈଳୀ। ନିଜର ଖାଦ୍ୟପେୟ ବ୍ୟତୀତ ବିଶ୍ରାମ ପ୍ରତି ଦୃଷ୍ଟି ଦିଅନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଦିନତମାମ ବ୍ୟସ୍ତ ଥିବା ମସ୍ତିଷ୍କ ଏବଂ ଶରୀର ବିଶ୍ରାମ ପାଇଥାଏ। ଆଉ ଏକ କଥା ହେଲା ବ୍ୟାୟାମ ଏବଂ ଯୋଗ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ସୁନିଦ୍ରା ପାଇଁ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



## କିଡ୍‌ନୀ ଡାୟାଲିସିସ୍

କିଡ୍‌ନୀ ଡାୟାଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାୟାଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ଡାୟାଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିପର୍‌ମିଏବଲ୍ ପରଦା। ପରଦାଟିରେ ଥିବା ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ ଏବଂ ରକ୍ତରେ ସେହି ସବୁ ବର୍ଜ୍ୟର ପରିମାଣ ହ୍ରାସ ପାଇଥାଏ। ଆକ୍ୟୁଟ୍‌ରେନାଲ୍‌ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ସମ୍ଭବ ହୋଇପାରୁ ନଥିବା ରୋଗୀମାନଙ୍କ ପାଇଁ ଡାୟାଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।



## ମାନସିକ ରୋଗ: କିଛି କଥା



ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାଆନ୍ତି। ଏହାଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଛି। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ଯେତେ ସମ୍ଭବ ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରଖନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ପରୋକ୍ଷରେ କେତେକ ମାରାତ୍ମକ ରୋଗକୁ ଡାକିଆଣିଥାଏ।
- ଅଧିକ ଲୁଣ କିମ୍ବା ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ନିୟମିତ ଅଙ୍ଗୁର ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ତା'ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ।
- ପ୍ରତିଦିନ ରାତିରେ କ୍ଷୀର ପିଅନ୍ତୁ। ଏଥିରେ ଥିବା ଉପକାରୀ ତତ୍ତ୍ୱ ଦାନ୍ତ ଏବଂ ଅସ୍ଥିକୁ ମଜଭୁତ ରଖିଥାଏ।
- କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ଲକ୍ଷଣ ବିଷୟରେ ଅବଗତ ହେଲେ ବିଳମ୍ବ ନ କରି ଚିକିତ୍ସା କରାଇ ନିଅନ୍ତୁ।
- ଖାଇବା ପରେ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।





ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ ପୂର୍ବରୁ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମ ବାହାରେ ଉଭୟ ଦଳର ପ୍ରଶଂସକ।

# ଭାରତ-ପାକିସ୍ତାନ ଟି୨୦ରେ ୩ୟ ଦ୍ରୁତତମ ଅର୍ଦ୍ଧଶତକ

**କଲମ୍ବୋ,୧୫।୨**

ପାକିସ୍ତାନ ବିପକ୍ଷ ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ଓପନର ଇଶାନ କିଶନ ୪୦ ବଲରେ ବିସ୍ଫୋରକ ୭୭ ରନର ପାଳି ଖେଳିଥିଲେ। ତାଙ୍କର ଏହି ପାଳିରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ସେ ଏହି ଇନିଂସରେ ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଭାରତ ଓ ପାକିସ୍ତାନ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ। ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଦ୍ରୁତତମ ଅର୍ଦ୍ଧଶତକ କରିବାର ରେକର୍ଡ ମହମ୍ମଦ ହାଫିଜଙ୍କ ନାମରେ ରହିଛି। ସେ ୨୦୧୨ରେ ୨୩ ବଲରେ ୫୦ କରିଥିଲେ। ସେହିଭଳି ଗତବର୍ଷ ଅଭିଷେକ ଶର୍ମା ଏସିଆ କପ୍‌ରେ ୨୪ ବଲରେ ୫୦ କରିଥିଲେ, ଯାହାକି ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ଏହି ତାଲିକାରେ ପଞ୍ଚମ ସ୍ଥାନରେ ଯୁବରାଜ ସିଂ (୨୯ ବଲ) ରହିଛନ୍ତି। ତେବେ ଭାରତ-ପାକ୍ ଟି୨୦ ମ୍ୟାଚ୍‌ରେ ସବୁଠୁ ବଡ଼ ଇନିଂସ ଖେଳିବାର ରେକର୍ଡ ବିରାଟ କୋହଲି (୨୦୨୨ରେ ୮୨*)ଙ୍କ ନାମରେ ରହିଛି। ଏହି ତାଲିକାରେ ଇଶାନ ଚତୁର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ବିପକ୍ଷ ୨୦୦୭ ଟି୨୦ ବିଶ୍ୱକପ୍ ଫାଇନାଲରେ ଗୌତମ ଗମ୍ଭୀର ଖେଳିଥିବା ୭୫ ରନର ଇନିଂସ ଯାହାକି ପଞ୍ଚମ ସର୍ବାଧିକ।

### ହାତ ମିଳାଇଲେ ନାହିଁ

ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଦୁଇ ଦଳର ଅଧିନାୟକ ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳ ମ୍ୟାଚ୍‌ରେ ନୋ ହ୍ୟାଣ୍ଡଶେକ ନୀତି ଜାରି ରଖିବ ବୋଲି ମ୍ୟାଚ୍ ରେଫରିଙ୍କୁ ଜଣାଇଥିଲେ। ଏଥିଯୋଗୁ ଟସ୍ ବେଳେ ସୂର୍ଯ୍ୟକୁମାର ଓ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଏହି ଧାରା ଗତ ବର୍ଷ ଏସିଆ କପ୍‌ରୁ ଜାରି ରହିଛି। ପହଲଗାମ ଗଣହତ୍ୟା ଓ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର ପରେ ଭାରତୀୟ ଦଳର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଥିଲେ।



ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅନୁଷ୍ଠିତ ମ୍ୟାଚରେ ମୂଲ୍ୟବାନ ଭାଗୀଦାରି ଅବସରରେ ଭାରତର ଇଶାନ କିଶନ ଓ ତିଳକ ବର୍ମା।

# ୱେଷ୍ଟଇଣ୍ଡିଜ ସୁପର-୮ରେ



ଉଇକେଟ ନେବାପରେ ଉଲ୍ଲସିତ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ।

**ମୁମ୍ବାଇ, ୧୫।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ଗ୍ରୁପ୍ 'ସି' ମ୍ୟାଚରେ ୱେଷ୍ଟଇଣ୍ଡିଜ ୯ ଉଇକେଟରେ ନେପାଳକୁ ପରାସ୍ତ କରି ପ୍ରଥମ ଦଳ ଭାବେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ଏହାର ସମସ୍ତ ୩ଟି ମ୍ୟାଚରେ ବିଜୟ ଲାଭ କରି ନିଜ ଗ୍ରୁପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଦଳର ଟପ୍ ସ୍କୋରର ଦୀପେନ୍ଦ୍ର ସିଂ ଏରି ୫୮ରନ କରି ଅପରାଜିତ ରହିଥିଲେ। ସୋମପାଲ କାମି ୨୬ ରନ କରି ଅପରାଜିତ ରହିଥିଲେ। ଦୁଇ ଖେଳାଳିଙ୍କ ମଧ୍ୟରେ ୫୪ରନର ପାର୍ଟନରଶିପ୍ ହୋଇଥିଲା। ୱେଷ୍ଟଇଣ୍ଡିଜ ତରଫରୁ ସଫଳ ବୋଲର ଜାସନ ହୋଲ୍ଡର ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ୧୩୪ ରନର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୫.୨ ଓଭରରେ ଗୋଟିଏ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ସାଇ ହୋପ୍ ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୬୧ ରନ ଏବଂ ଫର୍ମରେ ଥିବା ଶିମରନ ହେଟମେର ୪୬ରନ (୩୨ ବଲ୍; ୪ ଚୌକା, ୨ ଛକା)କରି ଅପରାଜିତ ରହିଥିଲେ। ଜାସନ ହୋଲ୍ଡର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନେପାଳ : ୨୦ ଓଭରରେ ୧୩୩/୮ (ଦୀପେନ୍ଦ୍ର ସିଂ ଏରି-୫୮, ସାମପାଲ କାମି-୨୬*; ଜାସନ ହୋଲ୍ଡର-୪/୨୭)। ୱେଷ୍ଟଇଣ୍ଡିଜ: ୧୫.୨ ଓଭରରେ ୧୩୪/୧ (ସାଇ ହୋପ୍-୬୧*, ଶିମରନ ହେଟ୍‌ମେର୍- ୪୬*; ନନ୍ଦନ ଯାଦବ-୧/୨୪)।

### ଟି୨୦ ବିଶ୍ୱକପ୍
(ଆଜିର ମ୍ୟାଚ୍)

**ଆଫଗାନିସ୍ତାନ ବନାମ ୟୁଏଇ**
ସ୍ଥାନ: ଦିଲ୍ଲୀ
ସମୟ: ପୂର୍ବାହ୍ନ ୧୧ଟା,

**ଇଂଲଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩ଟା

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ପ୍ରଥମ ଟି୨୦: ଭାରତର ସହଜ ବିଜୟ

**ସିଡ୍‌ନୀ,୧୫।୨**

ଅରୁନ୍ଧତୀ ରେଡ୍ଡୀଙ୍କ ଘାତକ ପ୍ରଦର୍ଶନ ବଳରେ ବର୍ଷା ପ୍ରଭାବିତ ପ୍ରଥମ ମହିଳା ଟି୨୦ ମ୍ୟାଚ୍‌ରେ ଭାରତ ଡିଏଲ୍‌ଏସ୍ ମେଥଡରେ ୯ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ୪ ଉଇକେଟ ନେଇଥିବା ଅରୁନ୍ଧତୀ ରେଡ୍ଡୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୯ ତାରିଖରେ କାନବେରାସ୍ଥିତ ମାନୁକ ଓଭାଲରେ ଖେଳାଯିବ।

ଭାରତୀୟ ବୋଲରଙ୍କ ଘାତକ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୧୮ ଓଭରରେ ୧୩୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅରୁନ୍ଧତୀ ୪ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଠାକୁର ଓ ଶ୍ରୀ ଚରନି ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବର୍ଷା ମ୍ୟାଚ୍‌ରେ ବାଧକ ସାଜିବା ପୂର୍ବରୁ ଭାରତ ୫.୧ ଓଭରରେ ୧ ଉଇକେଟ ହରାଇ ୫୦ ରନ କରିଥିଲା। ଶେଫାଳି ବର୍ମା ୨୧ (୧ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ସ୍ମୃତି ମନ୍ଧାନା ୧୬ (୨ ଚୌକା) ଓ ଜେମିମା ରୋଡ୍ରିଗ୍ସ ୯ (୨ ଚୌକା) ଅପରାଜିତ ରହିଥିଲେ। ପରେ ବର୍ଷା କାରଣରୁ ଖେଳ ସମ୍ଭବ ନ ହେବାରୁ ଡିଏଲ୍‌ଏସ୍ ମେଥଡରେ ୫.୧ ଓଭରରେ ୨୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ହେଲେ ଏହାଠାରୁ ଅଧିକ ରନ କରିସାରିଥିବାରୁ ଭାରତକୁ ବିଜୟୀ ଘୋଷିତ କରାଯାଇଥିଲା।

## ସ୍କୋର ବୋର୍ଡ

**ଭାରତ ଇନିଂସ**
ଇଶାନ କିଶନ-ବୋ-ସଇମ ଆୟୁବ-୭୭
ଅଭିଷେକ ଶର୍ମା-କ-ଶାହିନ ଆଫ୍ରିଦି-ବୋ ସଲମନ ଆଘା-୦
ତିଳକ ବର୍ମା-ଏଲ୍‌ବିଡବ୍ଲ୍ୟୁ-ସାଇମ ଆୟୁବ-୨୫
ସୂର୍ଯ୍ୟକୁମାର -କ-ସଇମ ଆୟୁବ-ବୋ-ଉସ୍‌ମାନ ତାରିକ୍-୩୨
ହାର୍ଦ୍ଦିକ ପାଣ୍ଡ୍ୟା-କ-ବାବର ଆଜାମ-ବୋ- ସଇମ ଆୟୁବ-୦
ଶିବମ ଦୁବେ-ରନ ଆଉଟ-୨୭
ରିଙ୍କୁ ସିଂ- ନଟ୍ ଆଉଟ୍-୧୧
ଅକ୍ଷର ପଟେଲ-ସଇମ ଆୟୁବ-ବୋ-ଶାହିନ ଆଫ୍ରିଦି-୦
**ଅତିରିକ୍ତ**-୩
**ମୋଟ** : (୨୦ ଓଭର/୭ଉଇକେଟ) ୧୭୫।
**ଉଇକେଟ ପତନ:** ୧/୧, ୨/୮୮, ୩/୧୨୬, ୪/୧୨୬, ୫/୧୫୯, ୬/୧୭୫, ୭/୧୭୫।

**ବୋଲିଂ (ପାକିସ୍ତାନ)**
ସଲମନ ଆଘା ୨-୦-୧୦-୧
ଶାହିନ ଆଫ୍ରିଦୀ ୨-୦-୩୧-୧
ସଇମ ଆୟୁବ ୪-୦-୨୫-୩
ଆବ୍ରାର ଅହମଦ ୩-୦-୩୮-୦
ସଦାବ ଖାନ୍ ୧-୦-୧୭-୦
ମହମ୍ମଦ ନୱାଜ ୪-୦-୨୮-୦
ଉସ୍‌ମାନ ତାରିକ୍ ୪-୦-୨୪-୧।

# ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କଲା ଭାରତ

### ଓମେନ୍ସ ଏସିଆ କପ୍ ରାଇଜିଂ ଷ୍ଟାର୍ସ

**ବ୍ୟାଙ୍କକ୍, ୧୫।୨ (ପି.ଟି.)**

ଅଧିନାୟିକା ରାଧା ଯାଦବଙ୍କ ପ୍ରଭାବୀ ସ୍ପିନ ବୋଲିଂ ଏବଂ ଦିନେଶ ବ୍ରିନ୍ଦାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ 'ଏ' ଏଠାରେ ଚାଲିଥିବା ଓମେନ୍ସ ଏସିଆକପ୍ ରାଇଜିଂ ଷ୍ଟାର୍ସ ଟୁର୍ନାମେଣ୍ଟରେ ପାକିସ୍ତାନକୁ ୮ ଉଇକେଟରେ ପରାସ୍ତ କରିଛି। ପ୍ରତିଯୋଗିତାରେ ଭାରତ 'ଏ'ର ଏହା ହେଉଛି ପ୍ରଥମ ବିଜୟ। ଶୁକ୍ରବାର ଅନୁଷ୍ଠିତ ଓପନିଂ ମ୍ୟାଚରେ ଭାରତ 'ଏ' ୭ ଉଇକେଟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ଠାରୁ ହାରିଯାଇଥିଲା। ରବିବାର ଏହି ବିଜୟ ଦ୍ୱାରା ଭାରତ 'ଏ' ଗ୍ରୁପ୍ 'ଏ'ରେ ୟୁଏଇ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ସ୍ପିନରମାନେ ଲକ୍ଷ୍ୟଭେଦୀ ବୋଲିଂ କରିବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେମାନେ ମିଳିତ ଭାବେ ୫ ଉଇକେଟ ନେଇଥିଲେ। ପାକିସ୍ତାନ ୧୮.୫ ଓଭରରେ ୯୩ରନ କରି ଅଲଆଉଟ ହୋଇଯାଇଥିଲା। ସ୍ପିନ ବୋଲିଂର ନେତୃତ୍ୱ ନେଇଥିବା ରାଧା ତାଙ୍କ ୩ ଓଭର ବୋଲିଂରେ ମାତ୍ର ୧୧ରନ ବିନିମୟରେ ୨ଉଇକେଟ ଅକ୍ତିଆର କରିଥିବା ବେଳେ ପ୍ରେମା ରାୱତ ୩ ଓଭରରେ ୧୬ରନ ଦେଇ ୨ ଉଇକେଟ ନେଇଥିଲେ। ମିନୁ ମାନି ୨.୫ ଓଭର ବୋଲିଂ କରି ୧୦ ରନ ବିନିମୟରେ ୧ ଉଇକେଟ ନେଇଥିଲେ। ୯୪ରନର ସହଜ ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ପ୍ରଥମ ବଲ୍‌ରେ ହୁମାଇରା କାଜିଙ୍କ ଉଇକେଟ ହରାଇଥିଲା। କିନ୍ତୁ ବ୍ରିନ୍ଦା ଆକ୍ରମଣାତ୍ମକ ଖେଳି ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ। ସେ ୨୯ ବଲ୍‌ରେ ୧୨ ଚୌକା ସହ ଅପରାଜିତ ୫୫ରନ କରି ପାକିସ୍ତାନଠାରୁ ଗେମ୍ ଛଡ଼ାଇ ନେଇଥିଲେ। ବ୍ରିନ୍ଦାଙ୍କୁ ଅନୁଷ୍କା ଶର୍ମାଙ୍କଠାରୁ ଉପଯୋଗୀ ସହାୟତା ମିଳିଥିଲା। ଅନୁଷ୍କା ୨୬ ବଲ୍‌ରୁ ୨୪ ରନ ସଂଗ୍ରହ କରିଥିଲେ। ଉଭୟଙ୍କ ମଧ୍ୟରେ ୭୮ରନର ପାର୍ଟନରଶିପ୍ ହେବା ଦ୍ୱାରା ମ୍ୟାଚ ଭାରତ ନିୟନ୍ତ୍ରଣକୁ ଚାଲି ଆସିଥିଲା। ଅନୁଷ୍କାଙ୍କ ଉଇକେଟ ପତନ ପରେ ତେଜାଲ ହାସାବନିସ ୫ ବଲ୍‌ରେ ଦ୍ରୁତ ୧୨ ରନ ସଂଗ୍ରହ କରି ଭାରତୀୟ ଇନିଂସର ଶେଷ ସ୍ପର୍ଶ ଦେଇଥିଲେ। ଭାରତ ୫୯ ବଲ୍ ବାକିଥାଇ ମ୍ୟାଚ୍‌କୁ ୧୦.୧ ଓଭରରେ ଜିତି ନେଇଥିଲା।



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ୪-୨ ଗୋଲରେ ବିଜୟୀ ହୋଇଛି।

# ଆମେରିକା ବିଜୟୀ

**ଚେନ୍ନାଇ,୧୫।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ୩୧ ରନରେ ନାମ୍ବିଆକୁ ପରାସ୍ତ କରିଛି। ଏହା ଆମେରିକାର ଲଗାତର ଦ୍ୱିତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୨୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ କରିଥିଲା। ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୩୩ ବଲରେ ୬୮ (୪ ଚୌକା ଓ ୬ ଛକା) ଓ ଅଧିନାୟକ ମୋନାଙ୍କ ପଟେଲ ୩୦ ବଲରେ ୫୨ (୩ ଲେଖାଏ ଚୌକା ଓ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜବାବରେ ଲୌରେନ ଷ୍ଟିନକାମ୍ପଙ୍କ ୩୯ ବଲରେ ୫୮ (୫ ଚୌକା ଓ ୩ ଛକା) ରନର ପାଳି ସତ୍ତ୍ୱେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ କରିପାରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେଜେ ସ୍ମିଟ୍ ୩୧ ଓ ଜାନ ନିକୋଲ ଲଫ୍ଟି-ଏଟନ ୨୮ ରନ କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ